ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଜୁଲାଇ ୯/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, July 9/2025 Page 14 ₹ 7.00 | RAYAGADA
୫୧ଶ ଭାଗ ୨୨୪ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 224 ମୂଲ୍ୟ₹୭/-



## ଅକ୍ଟୋବର ୨ରେ 'କାନ୍ତାରା ଚାପ୍ଟର ୨'

ଅଭିନେତା ରିଷଭ ଶେଟ୍ଟୀଙ୍କ 'କାନ୍ତାରା ଚାପ୍ଟର ୨' ଫିଲ୍ମ ଆସନ୍ତା ଅକ୍ଟୋବର ୨ରେ ରିଲିଜ୍ ହେବ।

୦୨

୧୪

## ଫ୍ରିଜ୍ ସେମିଫାଇନାଲରେ

ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଟେଲର ଫ୍ରିଜ୍ ।






ନୀଳାଦ୍ରି ବିଜେ ଅବସରରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ୨,୩୫୫ ଏକ୍ସ' ଆକାଉଣ୍ଟ ବନ୍ଦ କରାଇଥିଲା କେନ୍ଦ୍ର

## ବଢ଼ିଲା ସେନ୍ସରଶିପ୍ ଚିନ୍ତା, ଅଦାଲତ ଯିବେ ମସ୍କ

**ଏଲନ୍ ମସ୍କଙ୍କ ମାଲିକାନାରେ ଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'କୁ ଭାରତ ସରକାର ଜୁଲାଇ ୩ରେ ୨,୩୫୫ ଆକାଉଣ୍ଟ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରେ ଅନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସି ରଏଟର୍ସର ଆକାଉଣ୍ଟ ରହିଥିଲା। ଏହି ନିର୍ଦ୍ଦେଶନାମା ଜାରି ହେବାର ୩ ଦିନ ପରେ ଅର୍ଥାତ୍ ଜୁଲାଇ ୬ ତାରିଖ ରବିବାର ଦିନ ରଏଟର୍ସ ଆକାଉଣ୍ଟକୁ ଭାରତରେ ବ୍ଲକ୍ କରାଯାଇଥିଲା। ଏକ ଆଇନଗତ ଆବଶ୍ୟକତା ଦୃଷ୍ଟିରୁ ଏପରି କରାଯାଇଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନୋଟିସ ପ୍ରଦର୍ଶିତ ହୋଇଥିଲା। ତେବେ ଭାରତ ସରକାରଙ୍କ ପ୍ରଯୁକ୍ତି ମନ୍ତ୍ରଣାଳୟ ରବିବାର ଏହାକୁ ଖଣ୍ଡନ କରି ଏପରି କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବା କହିଥିଲା। ହେଲେ ଉପରୋକ୍ତ ଆକାଉଣ୍ଟଗୁଡ଼ିକୁ ବ୍ଲକ୍ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସମ୍ପର୍କରେ ମଙ୍ଗଳବାର ଏକ୍ସ' ସ୍ପଷ୍ଟ କରିଛି। ଆଇଟି ଆକ୍ଟର ଧାରା ୬୯ଏ ଅନୁଯାୟୀ ଏପରି ଅର୍ଡର ଦିଆଯାଇଥିଲା। ଏପରି କି ଏହାର ଅନୁପାଳନ ନ କଲେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ଚେତାବନୀ ଦେଇଥିବା ଏକ୍ସ' ଉଲ୍ଲେଖ କରିଛି। ଭାରତରେ ସାମାଜିକ ଗଣମାଧ୍ୟମ ଉପରେ ସରକାରୀ ସେନ୍ସରଶିପ୍ ସମ୍ପର୍କରେ ଏକ୍ସ' ଚିନ୍ତା ପ୍ରକଟ କରିବା ସହ କୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ଚିନ୍ତା କରୁଥିବା ସୂଚନା ଦେଇଛି।**


Global Government... · 3h
On July 3, 2025, the Indian government ordered X to block 2,355 accounts in India, including international news outlets like @Reuters and @ReutersWorld, under Section 69A of the IT Act. Non-compliance risked criminal liability. The Ministry of Electronics and Information Technology demanded immediate action- within one hour- without providing justification, and required the accounts to remain blocked until further notice.

ନୂଆଦିଲ୍ଲୀ/ନ୍ୟୁୟର୍କ,୮।୭(ଏଜେନ୍ସି)

ବିଶ୍ୱର ଅନ୍ୟତମ ବହୁଳ ବ୍ୟବହୃତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ' ସହ କେନ୍ଦ୍ର ସରକାର ଅନେକ ସମୟରେ ବିଭିନ୍ନ ପ୍ରସଙ୍ଗରେ ମୁହାଁମୁହିଁ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଦେଶରେ ହେଉଥିବା ଆନ୍ଦୋଳନ, ବିକ୍ଷୋଭ ଓ ପ୍ରକାଶ ପାଉଥିବା ସରକାର ବିରୋଧୀ ଅଭିବ୍ୟକ୍ତିକୁ ଚପାଇ ଦେବା ପାଇଁ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ଚାପ ସୃଷ୍ଟି କରୁଥିବାର ଅନେକ ନଜିର ରହିଛି। ଏହିକ୍ରମେ ଜୁଲାଇ ୩ରେ ସରକାରଙ୍କ ଇଲେକ୍ଟ୍ରୋନିକ୍ ଆଣ୍ଡ ଆଇଟି ମନ୍ତ୍ରଣାଳୟ ଏକ୍ସ'କୁ ୨,୩୫୫ ଆକାଉଣ୍ଟ ବନ୍ଦ ନିର୍ଦ୍ଦେଶ ଦେଇଥିଲା। କୌଣସି ଯଥାର୍ଥ କାରଣ ନ ଦର୍ଶାଇ ନିର୍ଦ୍ଦେଶ ଦେବାର ଘଣ୍ଟାଏ ଭିତରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହାକୁ ନେଇ ୟୁଜର୍ସଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ୟବହାରକାରୀମାନେ ଏହାକୁ ଖୋଲାଖୋଲି ବିରୋଧ କରିବାରୁ ସରକାର ରଏଟର୍ସ ଏବଂ ରଏଟର୍ସ ୱାର୍ଲ୍ଡ ଆକାଉଣ୍ଟକୁ ରବିବାର ରାତିରେ ଅନ୍‌ବ୍ଲକ୍‌କରିବାକୁଅନୁରୋଧ କରିଥିଲେ ବୋଲି ଏକ୍ସ'ର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସଆକାଉଣ୍ଟରେ ମଙ୍ଗଳବାର ଅପରାହ୍ନରେ ଏକ ପୋଷ୍ଟ ଜରିଆରେ ସୂଚନା ଦିଆଯାଇଛି। ଏଥିରେ ଏକ୍ସ' ଆହୁରି କହିଛି ଯେ, ଭାରତରେ ଏଭଳି ବ୍ଲକ୍ ଅର୍ଡର ସହ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ୮୦ ପ୍ରତିଶତ ଅଣସଙ୍ଗଠିତ

# ଆଜି ଭାରତ ବନ୍ଦ

## ଶ୍ରମିକ, କୃଷକମାରଣ ନୀତିକୁ ବିରୋଧ

ନୂଆଦିଲ୍ଲୀ,୮।୭

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା ରାଷ୍ଟ୍ର ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଛି। ଏଥିରେ ବ୍ୟାଙ୍କିଙ୍ଗ୍, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି, ରାଜପଥ ଏବଂ ନିର୍ମାଣ କାର୍ଯ୍ୟ, ପରିବହନ କାର୍ଯ୍ୟରେ ନିୟୋଜିତ ୨୫ କୋଟିରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ ସାମିଲ ହେବାକୁ ☞ପୃଷ୍ଠା-୪

# ଶ୍ରୀମନ୍ଦିରକୁ ବିଜେ କଲେ ଦାରୁଦିଅଁ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

- ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କଲେ ମହାପ୍ରଭୁ
- ଆଜିଠୁ ନୀଳାଚଳ ଅବଢ଼ା

ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଯାତ୍ରା ସାରି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥି ନୀଳାଦ୍ରି ବିଜେ ଅବସରରେ ମଙ୍ଗଳବାର ଶ୍ରୀମନ୍ଦିର ରତ୍ନସିଂହାସନକୁ ବାହୁଡ଼ା ବିଜେ କରିଛନ୍ତି। ଏଥିସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ବୁଧବାରଠାରୁ ଭକ୍ତଙ୍କୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଦର୍ଶନ ଦେବେ। ସେହିପରି ଭକ୍ତମାନେ ନୀଳାଚଳ ଅବଢ଼ା ପାଇପାରିବେ। ମଙ୍ଗଳବାର ସକାଳ ୬ଟା ୫୦ରୁ ୭ଟା ୧୦ ମଙ୍ଗଳ ଆଳତି, ମଇଲମ ୭ଟା ୧୫, ତଡ଼ପଲାଗି ୭ଟା ୧୦ରୁ ୭ଟା ୩୦, ଅବକାଶ ୭ଟା ୪୫ରୁ ୮ଟା ୨୦, ବେଶ ୮ଟା ୫୫, ଗୋପାଳବଲ୍ଲଭ ୯ଟା ୪୫ରେ ସରିଥିଲା। ସକାଳଧୂପ ୧୧ଟାରେ ସରି ମଇଲମ ୧୧ଟା ୧୦, ରଥରେ ମହାସ୍ନାନ ଶେଷ ୧୧ଟା ☞ପୃଷ୍ଠା-୪

## ଦିଶିଲାନି ଚକାଆଖି

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନବଦିନାତ୍ମକ ଘୋଷଯାତ୍ରା ମଙ୍ଗଳବାର ଶେଷ ହୋଇଛି। ହେଲେ ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ମୁଖ ଦର୍ଶନ କରିପାରି ନ ଥିବାରୁ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏମିତି କୌଣସି ଏକ ମୁହୂର୍ତ୍ତ ଆସିଲାନି, ଯେଉଁଥିରେ ଠାକୁରଙ୍କୁ ପରିଷ୍କାର ଦେଖିବାର ସୁଯୋଗ ମିଳିଲା। ଟେଲିଭିଜନ, ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ଶ୍ରଦ୍ଧାଳୁ ଠାକୁରମାନଙ୍କୁ ଠିକ୍ ଭାବେ ଦେଖିପାରିଲେ ନାହିଁ ବୋଲି କହିଛନ୍ତି। ରଥାରୁଢ଼ ଠାକୁରଙ୍କ ସମ୍ମୁଖରେ ଅନେକେ ହାଉଜାଉ ହେଉଥିବା ଦୃଷ୍ଟିରୁ ଶ୍ରଦ୍ଧାଳୁମାନେ କେବଳ ଚକାଆଖିର ଫଟୋ ପାଇପାରି ନ ଥିବା କହୁଛନ୍ତି।



ଓଡ଼ିଶା ସରକାର

**ଯୋଜନା ଓ ସଂଯୋଜନ ବିଭାଗ**

ସଂଖ୍ୟା: ୨ ତା: ୦୮।୦୭।୨୦୨୫

**ସାର୍ବଜନୀନ ବିଜ୍ଞପ୍ତି**

No. X-30: ଓଡ଼ିଶା ସରକାରଙ୍କ ଗୃହ (ସ୍ୱତନ୍ତ୍ର ଶାଖା) ବିଭାଗ, ବିଜ୍ଞପ୍ତି ସଂଖ୍ୟା ୧୩୮୯/ସି, ଭୁବନେଶ୍ୱର, ତାରିଖ: ୨୯।୦୬।୨୦୨୫ ଅନୁଯାୟୀ, ତା୨୯।୦୬।୨୦୨୫ରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁ ତିନିଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ଦ୍ୱାରା କରାଯାଉଛି।

କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ (ଭିଡ଼ିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ତା୨୦।୦୭।୨୦୨୫ ସୁଦ୍ଧା **puritragedy.enquiry@odisha.gov.in** ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଉଛି।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ନିମ୍ନଲିଖିତ ସ୍ଥାନ ଏବଂ ସମୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରିପାରିବେ।

୧. ରାଜ୍ୟ ଅତିଥି ଭବନ-ଆନେକ୍ସ ଭୁବନେଶ୍ୱର : ଅପରାହ୍ନ ଘ.୩.୦୦ମି. ପରଠାରୁ ତା୦୯।୦୭।୨୦୨୫
୨. ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ (ସ୍ପେଶାଲ ସର୍କିଟ୍ ହାଉସ୍), ପୁରୀ : ଅପରାହ୍ନ ଘ.୩.୦୦ମି. ପରଠାରୁ ତା୧୦।୦୭।୨୦୨୫

ଅଧିକ ସୂଚନା ପାଇଁ ଟେଲିଫୋନ୍ ନମ୍ବର:
**(0674) 2536882/2391970**ରେ
ଯୋଗାଯୋଗ କରାଯାଇପାରିବ।

**ଅତିରିକ୍ତ ଶାସନ ସଚିବ**

OIPR-50001/11/0007/2526


# ସ୍କୁଲ୍ ଭ୍ୟାନ୍‌କୁ ଧକ୍କା ଦେଲା ଟ୍ରେନ୍

## ୩ ପିଲା ମୃତ, ୬ ଆହତ

କୁଡ୍ଡାଲୋର,୮।୭(ପି.ଟି.)

ତାମିଲନାଡୁର କୁଡ୍ଡାଲୋର ନିକଟବର୍ତ୍ତୀ ସେମ୍ମାନକୁପ୍ପମ ଲେବଲ୍ କ୍ରସିଂଠାରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନ୍ ସ୍କୁଲ୍ ଭ୍ୟାନ୍‌କୁ ଧକ୍କା ଦେବାରୁ ଅନ୍ୟୂନ ୩ ପିଲାଙ୍କ ମୃତ୍ୟୁ ଘଟିବା ସହ ୬ ଆହତ ହୋଇଛନ୍ତି। ଡ୍ରାଇଭରଙ୍କ ସମେତ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କାର୍ଯ୍ୟରେ ଅବହେଳା ପାଇଁ ଲେବଲ୍ କ୍ରସିଂର ଗେଟ୍ କିପରଙ୍କୁ ଚାକିରିରୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇଛି। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପାଇଁ ସଦର୍ନ ରେଲୱେ ପକ୍ଷରୁ କ୍ଷମା ମଗାଯାଇଛି। ଏଥିସହିତ ମୃତକଙ୍କ ପରିବାର ପାଇଁ ରେଲ୍‌ୱେ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ, ଗୁରୁତରଙ୍କ ପାଇଁ ୨.୫ ଲକ୍ଷ ଏବଂ ଅନ୍ୟ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। ☞ପୃଷ୍ଠା-୪

# ଭୂସ୍ଖଳନରୁ ୬୭ ଜଣଙ୍କୁ ବଞ୍ଚାଇଲା କୁକୁର

ମଣ୍ଡି, ୮।୭



ହିମାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ଗତ ଜୁନ୍ ୩୦ ଏବଂ ଜୁଲାଇ ୧ରେ ଲଗାତର ୩୦ ଘଣ୍ଟା ଧରି ବର୍ଷା ହୋଇଥିଲା, ଯାହାଫଳରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ବନ୍ୟାସ୍ଥିତି ଦେଖାଦେଇଥିଲା। ତେବେ ମଣ୍ଡି ଜିଲା ଧର୍ମପୁର ବ୍ଲକ୍‌ର ସିୟାଠୀ ଗ୍ରାମରେ ଏକ କୁକୁର ଜୋର୍‌ରେ ଅନେକ ସମୟ ପାଇଁ ଭୁକିବାରୁ ଗ୍ରାମର ୬୭ ଜଣଙ୍କର ଜୀବନ ବଞ୍ଚିଯାଇଥିଲା।

ସିୟାଠୀ ଗ୍ରାମରେ ରହୁଥିବା ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଗତ ୩୦ ତାରିଖ ରାତିରେ ତାଙ୍କ କୁକୁର ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ତେବେ ଅଧ ରାତିରେ କୁକୁରଟି ଜୋର୍‌ରେ ବହୁ ସମୟ ଧରି ଭୁକିବାକୁ ଲାଗିଥିଲା। ☞ପୃଷ୍ଠା-୪




# ଏମ୍‌ଏନ୍‌ଏସ୍‌ର ମରାଠୀ ଅସ୍ମିତା ରାଲି

## ନିଜ ସରକାରକୁ ବିରୋଧ କରି ବିକ୍ଷୋଭରେ ଯୋଗଦେଲେ ଶିବସେନା ମନ୍ତ୍ରୀ

ଠାଣେ,୮।୭

ହିନ୍ଦୀକୁ ବିରୋଧ କରି ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଓ ମରାଠୀ ଏକୀକରଣ ସମିତି ପକ୍ଷରୁ ଠାଣେ ଜିଲାର ମୀରା ଭୟନ୍ଦର ଅଞ୍ଚଳରେ ମଙ୍ଗଳବାର ମରାଠୀ ଅସ୍ମିତା ରାଲି ଆୟୋଜନ କରାଯାଇଥିବାବେଳେ ସେଥିରେ ଶିବସେନା (ୟୁବିଟି) ଏବଂ ଏନ୍‌ସିପି(ଏସ୍‌ପି)ର ନେତା ଓ କର୍ମୀ ଯୋଗ ଦେଇଛନ୍ତି। ଏକ ନାଟକୀୟ ଘଟଣାକ୍ରମରେ ମହାରାଷ୍ଟ୍ର ପରିବହନ ମନ୍ତ୍ରୀ ତଥା ଶିବସେନା ନେତା ପ୍ରତାପ ସରନାଏକ୍ ସରକାରଙ୍କୁ ବିରୋଧ କରି ବିରୋଧୀଙ୍କ ବିକ୍ଷୋଭ ରାଲିରେ ସାମିଲ ହୋଇଥିଲେ। ତେବେ ଏମ୍‌ଏନ୍‌ଏସ୍ କର୍ମୀମାନେ ତାଙ୍କୁ ବିରୋଧ କରିବା ସହ ସେଠାରୁ ତଡ଼ିଦେଇଥିଲେ।



ଠାଣେ ଜିଲାରେ ଏମ୍‌ଏନ୍‌ଏସ୍‌ର ମରାଠୀ ଅସ୍ମିତା ରାଲିରେ ରାଜ୍ୟ ପରିବହନ ମନ୍ତ୍ରୀ ପ୍ରତାପ ସରନାଏକ ସାମିଲ ହୋଇଛନ୍ତି।

ସକାଳେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରୁଥିବା ବହୁ ଏମ୍‌ଏନ୍‌ଏସ୍ କର୍ମୀଙ୍କୁ ପୋଲିସ ଅଟକ ରଖିଥିଲା।

ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ଭାଷା ଆନ୍ଦୋଳନ ତୀବ୍ର ହୋଇଥିବାବେଳେ ମରାଠୀ କହୁ ନ ଥିବା ଜଣେ ଦୋକାନୀଙ୍କୁ ଏମ୍‌ଏନ୍‌ଏସ୍ କର୍ମୀ ମାଡ଼ ମାରିବାକୁ ନେଇ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ବିକ୍ଷୋଭ ଶୋଭାଯାତ୍ରା ପାଇଁ ଅନୁମତି ଦେବାକୁ ପୂର୍ବରୁ ମନା କରିଥିଲା। ତେବେ ରାସ୍ତାରେ ନାଟକବାଜି ଏବଂ ନେତାମାନଙ୍କ ହସ୍ତକ୍ଷେପ ଯୋଗୁ ପ୍ରସ୍ତାବିତ ରାସ୍ତାରେ ଶୋଭାଯାତ୍ରା ବାହାର କରାଯାଇଥିଲା।

## ସଂକ୍ଷେପରେ

### ସବୁ ଭାରତୀୟ ଭାଷା ଜାତୀୟ ଭାଷା: ଆରଏସ୍‌ଏସ୍

ନୂଆଦିଲ୍ଲୀ, ୮।୭

ସମ୍ପ୍ରତି ମହାରାଷ୍ଟ୍ର ଏବଂ ତାମିଲନାଡୁରେ ଚାଲିଥିବା ଭାଷା ବିବାଦ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)ର ଅଖିଳ ଭାରତୀୟ ପ୍ରଚାର ମୁଖ୍ୟ ସୁନୀଲ ଆମ୍ବେକର ମଙ୍ଗଳବାର କହିଛନ୍ତି, ସମସ୍ତ ଭାରତୀୟ ଭାଷା ହେଉଛି ଜାତୀୟ ଭାଷା। ଭାଷା ପ୍ରସଙ୍ଗରେ ଆରଏସ୍‌ଏସ୍‌ର ଦୀର୍ଘ ଦିନ ଧରି ଏହି ସ୍ପଷ୍ଟ ମତ ରହିଆସିଛି। ଦିଲ୍ଲୀରେ ଆରଏସ୍‌ଏସ୍‌ର ପ୍ରାଦେଶିକ ପ୍ରଚାରକଙ୍କ ୩ ଦିନିଆ ବୈଠକ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆମ୍ବେକର କହିଛନ୍ତି, ଭାରତରେ ଅଧିକାଂଶ ଲୋକେ ନିଜ ମାତୃଭାଷାରେ କଥା ହୋଇଥାନ୍ତି, ଯାହା ବିଭିନ୍ନ ରାଜ୍ୟ ଏବଂ ପ୍ରାନ୍ତ ଅନୁଯାୟୀ ଭିନ୍ନ ଭିନ୍ନ ରହିଥାଏ। ପ୍ରାଥମିକ ଶିକ୍ଷା ମଧ୍ୟ ମାତୃଭାଷାରେ ମିଳିବା ଆବଶ୍ୟକ। ଆରଏସ୍‌ଏସ୍ ସର୍ବଦା ଏହାକୁ ଗୁରୁତ୍ୱ ଦେଇଆସିଛି। ସ୍କୁଲ ଶିକ୍ଷା ପାଇଁ କୌଣସି ଏକ ଭାଷାକୁ ରାଜ୍ୟଗୁଡ଼ିକ ଉପରେ ଥୋପାଯିବା ପ୍ରକ୍ରିୟାକୁ ଆରଏସ୍‌ଏସ୍ ସମର୍ଥନ କରେ ନାହିଁ ବୋଲି ସେ କହିଛନ୍ତି।

### ଗୁଣିଗାରେଡି ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା

ପୂର୍ଣ୍ଣିଆ, ୮।୭


ବିହାରର ପୂର୍ଣ୍ଣିଆ ଜିଲାର ତେଡ୍‌ମା ଗ୍ରାମରେ ରବିବାର ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ୫ ଜଣଙ୍କୁ ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଘଟଣାକୁ ନେଇ ସୋମବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗ୍ରାମର ଏକ ପରିବାର ଗୁଣିଗାରେଡି କରୁଥିବାରୁ ଗାଁରେ ରୋଗ ବ୍ୟାପିବା ସହ କିଛି ଦିନ ମଧ୍ୟରେ ଅନେକଙ୍କ ମୃତ୍ୟୁ ଘଟୁଥିବା ନେଇ ଗ୍ରାମବାସୀ ସନ୍ଦେହ କରୁଥିଲେ। ରବିବାର ରାତିରେ ଗ୍ରାମର ୩୦ରୁ ୪୦ ଲୋକ ଏକାଠି ହୋଇ ଉକ୍ତ ପରିବାରର ୫ ସଦସ୍ୟଙ୍କୁ ମାଡ଼ ମାରି ହତ୍ୟା କରିଥିଲେ। ଏହାପରେ ସେମାନେ ଟ୍ରାକ୍ଟର ଯୋଗେ ମୃତଦେହଗୁଡ଼ିକୁ ନିକଟସ୍ଥ ବୁଦାକୁ ନେଇ ସେଠାରେ ପୋଡ଼ିଦେଇଥିଲେ। ଘଟଣାକୁ ନେଇ ପୋଲିସର ଅନୁଧ୍ୟାନ ଜାରି ରହିଛି।

# ବିହାରରେ ମହିଳାଙ୍କ ପାଇଁ ୩୫% ନିଯୁକ୍ତି କୋଟା

ପାଟନା,୮।୭

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟର ମହିଳାମାନଙ୍କ ପାଇଁ ସରକାରୀ ନିଯୁକ୍ତିରେ ୩୫ ପ୍ରତିଶତ ସଂରକ୍ଷଣ ରଖିବାକୁ ଘୋଷଣା କରିଛନ୍ତି। ଏହା କେବଳ ରାଜ୍ୟର ସ୍ଥାୟୀ ବାସିନ୍ଦାଙ୍କ ମଧ୍ୟରେ ସୀମିତ ରହିବ। ସରକାରୀ ନିଯୁକ୍ତିରେ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବାକୁ ଦାବି ହୋଇଆସୁଥିଲା। ବିହାରର ସ୍ଥାୟୀ ବାସିନ୍ଦା ମହିଳାଙ୍କୁ ସରକାରୀ ନିଯୁକ୍ତିରେ ୩୫ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ନୂଆ ନୀତି ଯୋଗୁ ସ୍ଥାୟୀ ବାସିନ୍ଦା ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ଏବଂ ନିଯୁକ୍ତି ସୁରକ୍ଷା ବଢ଼ିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଏସ୍. ସିଦ୍ଧାର୍ଥ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ରେ ବିହାର ସରକାର ମହିଳାମାନଙ୍କ ପାଇଁ ସରକାରୀ ଚାକିରିରେ ୩୫% ସଂରକ୍ଷଣ ବ୍ୟବସ୍ଥା



ନୀତୀଶ କୁମାର

କାର୍ଯ୍ୟକାରୀ କରିଥିଲେ, ଯେଉଁଥିରୁ ଯେକୌଣସି ରାଜ୍ୟର ମହିଳା ସୁବିଧା ହାସଲ କରିପାରୁଥିଲେ। ତେବେ ନିର୍ବାଚନ ପୂର୍ବରୁ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବା ଦାବି ଜୋର୍ ଧରିଥିଲା। ଆର୍‌ଜେଡି କ୍ଷମତାକୁ ଆସିଲେ ବାସିନ୍ଦାଙ୍କ ପାଇଁ ୧୦୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ ବୋଲି ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ବାସିନ୍ଦା ନୀତି ସପକ୍ଷରେ ସ୍ୱର ଉଠାଇଥିଲେ। ଗତ ସପ୍ତାହରେ ବହୁସଂଖ୍ୟାରେ ନିଯୁକ୍ତି ଆଶାୟୀ ପାଟନାରେ ବିକ୍ଷୋଭ କରିବା ସହ ସରକାରୀ ଚାକିରିରେ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ।

ରାଜ୍ୟର ଯୁବବର୍ଗଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇଦେବା ନିମନ୍ତେ ବିହାର ଯୁବ ଆୟୋଗ ଗଠନ କରିବାକୁ ନୀତୀଶ କୁମାର ସରକାର ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ନିର୍ବାଚନ ଆଉ ଅଳ୍ପ କେଇମାସ ଥିବାବେଳେ ରାଜ୍ୟରେ ନିଯୁକ୍ତି ସୁଯୋଗ ଅଭାବକୁ ନେଇ ବିରୋଧୀ ସମାଲୋଚନା କରିଆସୁଥିଲେ। ବିହାରର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରି ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ଓ ସେମାନଙ୍କ ସାମର୍ଥ୍ୟ ବୃଦ୍ଧି କରିବାରେ ରାଜ୍ୟ ସରକାର ବିହାର ୟୁଥ୍ କମିଶନ ଗଠନ କରିବାକୁ ନିଷ୍ପତ୍ତି ନେଇଥିବା ନୀତୀଶ ଏକ୍ସ’ରେ ପୋଷ୍ଟ କରିଛନ୍ତି। ସମାଜର ଯୁବବର୍ଗଙ୍କ ଉନ୍ନତି ସମ୍ପର୍କିତ ସମସ୍ତ ବିଷୟରେ ଏହି କମିଶନ ସରକାରଙ୍କୁ ପରାମର୍ଶ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

## କେନ୍ଦ୍ର ସରକାର ଧନୀଙ୍କୁ ଅଧିକ ଧନୀ କରାଉଛନ୍ତି: ରାହୁଲ

ନୂଆଦିଲ୍ଲୀ,୮।୭(ପି.ଟି.)

କେନ୍ଦ୍ର ସରକାର ଧନୀଙ୍କୁ ଅଧିକ ଧନୀ କରାଇବା ସହ ସାଧାରଣ ନିବେଶକଙ୍କୁ ବରବାଦ ମଧ୍ୟକୁ ଠେଲିଦେଉଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଅଭିଯୋଗ କରିଛନ୍ତି। ଫ୍ୟୁଚର୍ସ ଆଣ୍ଡ ଅପ୍ସନ୍‌ସ(ଏଫ୍ ଆଣ୍ଡ ଓ) ମାର୍କେଟରେ ବଡ଼ ନିବେଶକମାନଙ୍କ ଦ୍ୱାରା ଜାଲିଆତି ହେଉଥିବା ଘଟଣାରେ ସରକାର ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଫ୍ ଆଣ୍ଡ ଓ ମାର୍କେଟ ବଡ଼ ନିବେଶକଙ୍କ ଅକ୍ତିଆରରେ ଥିବାବେଳେ ଛୋଟ ନିବେଶକମାନେ କ୍ରମାଗତ ଭାବେ ସେଥିରୁ ବାଦ୍ ପଡ଼ିଚାଲିଛନ୍ତି ବୋଲି ରାହୁଲ ଗତବର୍ଷ କହିଥିଲେ। ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଅନେକ ହଜାର କୋଟି ଜାଲିଆତିରେ ସମ୍ପୃକ୍ତ ଥିବା ସେବି ସ୍ୱୀକାର କରିଛି। ସେବି ଏପର୍ଯ୍ୟନ୍ତ କ’ଣ ପାଇଁ ନୀରବ ରହିଥିଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

# ଆତ୍ମହତ୍ୟା କଲେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

## ୩ କୋଟି ଦେବାକୁ ବ୍ଲାକମେଲିଂ

ମୁମ୍ବାଇ, ୮।୭

ମୁମ୍ବାଇର ସାନ୍ତାକ୍ରୁଜ୍ ଅଞ୍ଚଳରେ ପ୍ରତିଷ୍ଠିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜ୍ ଲୀଲା ମୋରେ (୩୨) ସୋମବାର ବିଷଖାଇ ଆତ୍ମହତ୍ୟା କରିଛନ୍ତି। ଏକ ଆଡଲ୍ଟ ଭିଡିଓ ନାମରେ ତାଙ୍କୁ ଲଗାତର ବ୍ଲାକ୍‌ମେଲିଂ କରାଯାଉଥିଲା, ଫଳରେ ମାନସିକ ଭାବେ ପ୍ରତାରିତ ହୋଇ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି। ମୋରେଙ୍କ ମୃତଦେହ ନିକଟରୁ ୩ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଛି। ଏଥିରେ ସେ ନିଜ ମୃତ୍ୟୁ ପାଇଁ ସବା କ୍ୟୁରେଶୀ ଏବଂ ରାହୁଲ ପରନୱାନୀ ନାମକ ୨ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ପୋଲିସ ମୋରେଙ୍କ ସୁଇସାଇଡ୍ ନୋଟ୍ ଏବଂ ସମ୍ପର୍କୀୟଙ୍କ ବୟାନ ଆଧାରରେ ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ଜବରଦସ୍ତ ଟଙ୍କା ଆଦାୟ ପାଇଁ ଧମକ ଦେବା ସମ୍ବନ୍ଧିତ ବିଭିନ୍ନ ଧାରାରେ ସବା ଏବଂ ରାହୁଲଙ୍କ ବିରୋଧରେ ମାମଲା ରୁଜୁକରି ଆତ୍ମହତ୍ୟାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ୧୮ ମାସ ତଳେ ସବା ଏବଂ ମୋରେ ସୋସିଆଲ ମିଡିଆରେ ପରସ୍ପରକୁ ଜାଣିବାକୁ ପାଇଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା ଏବଂ ସେମାନେ ପରସ୍ପରର ନିକଟତର ହୋଇଥିଲେ। ତେବେ ସବାଙ୍କ ସହଯୋଗରେ ରାହୁଲ ମୋରେଙ୍କ ବ୍ୟକ୍ତିଗତ ଭିଡିଓ କରିଥିଲେ। ଉକ୍ତ ଆଡଲ୍ଟ ଭିଡିଓକୁ ଭାଇରାଲ କରିଦେବେ କହି ରାହୁଲ ଏବଂ ସବା ଗତ କିଛି ମାସ ଧରି ମୋରେଙ୍କୁ ଧମକ ଦେଉଥିଲେ। ସେହିପରି ସେମାନଙ୍କ ପାଇଁ ବିଳାସପୂର୍ଣ୍ଣ କାର୍ କିଣିବାକୁ ମଧ୍ୟ ଉଭୟ ଅଭିଯୁକ୍ତ ମୋରେଙ୍କୁ ବାଧ କରିଥିଲେ। ସମ୍ପ୍ରତି ଉଭୟ ଅଭିଯୁକ୍ତ ସବା ଏବଂ ରାହୁଲ ଫେରାର ଥିବାବେଳେ ପୋଲିସ ତାଙ୍କୁ ଖୋଜିବା ଜାରି ରଖିଛି।

# ଆମେରିକା ସହ ଡିଲ୍ କରୁଥିବା ଦେଶକୁ ଯୋଗାଣ ଶୃଙ୍ଖଳରୁ ବାଦ୍ ଦେବାକୁ ଚାଇନାର ଚେତାବନୀ

ବେଜିଂ,୮।୭

ପୁଣି ଥରେ ଟାରିଫ୍ ଲଗାଇବାକୁ ଧମକ ଦେଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନକୁ ଚାଇନା ସତର୍କ କରାଇଦେଇଛି। ଟାରିଫ୍ ଲାଗୁ ହେଲେ ଆମେରିକା ସହ ଚୁକ୍ତିନାମା କରୁଥିବା ଦେଶଗୁଡ଼ିକୁ ବିଶ୍ୱ ଯୋଗାଣ ଶୃଙ୍ଖଳରୁ ବାଦ୍ ଦେବା ପାଇଁ ବେଜିଂ କହିଛି। ବାଣିଜ୍ୟ ଯୁଦ୍ଧରେ ବିରାମ ପାଇଁ ଗତ ଜୁନ୍‌ରେ ସହମତି ସତ୍ତ୍ୱେ ଅନିଶ୍ଚିତତା ଜାରି ରହିଛି। ଅଗଷ୍ଟ ୧ରୁ ଟାରିଫ୍ ବଢ଼ାଇବା ପାଇଁ ଆମେରିକା ନିଷ୍ପତ୍ତି ନେଇଥିବାରୁ ଚାଇନା ଉପରୋକ୍ତ ଚେତାବନୀ ଦେଇଛି।

ବିଭିନ୍ନ ଦେଶ ଉପରେ ଆମେରିକା ଲାଗୁ କରିବାକୁ ଥିବା ଜବାବୀ ଶୁଳ୍କକୁ ଅଗଷ୍ଟ ୧ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏନେଇ ବାଂଲାଦେଶ, ଇଣ୍ଡୋନେସିଆ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ, ଥାଇଲାଣ୍ଡ, ଦକ୍ଷିଣ ଆଫ୍ରିକା, ବୋସନିଆ ଏବଂ ହେର୍ଜେଗୋଭିନା, କାମ୍ବୋଡିଆ, କାଜାକସ୍ତାନ, ଲାଓ, ସର୍ବିଆ ଓ ଟ୍ୟୁନିସିଆ ଆଦି ଦେଶକୁ ପତ୍ର ମାଧ୍ୟମରେ ଜଣାଇ ଦେଇଛନ୍ତି। ତେବେ ବାଣିଜ୍ୟ ଚୁକ୍ତିନାମା ନେଇ ଭାରତ ଆମେରିକା ସହ ବୁଝାମଣା ଚଳାଇଥିବାରୁ ଉକ୍ତ ତାଲିକାରୁ ବାଦ୍ ପଡ଼ିଛି। ଭାରତ ସମେତ ୨୬ଟି ଦେଶ ଉପରେ ରେସିପ୍ରୋକାଲ ଟାରିଫ୍ ଲଗାଇବାକୁ ଗତ ଏପ୍ରିଲ ୨ରେ ଟ୍ରମ୍ପ ଘୋଷଣା କରିଥିଲେ। ତେବେ ବାଣିଜ୍ୟ ସହଯୋଗୀମାନଙ୍କୁ ବୁଝାମଣା ପାଇଁ ୯୦ ଦିନ ସମୟ ଦେବାକୁ ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେବା ସହ ଜୁଲାଇ ୯କୁ ଶେଷ ତାରିଖ ଧାର୍ଯ୍ୟ କରିଥିଲା। ଏହି ସମୟସୀମାକୁ ଅଗଷ୍ଟ ୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

## ଗୋପାଳ ଖେମ୍‌କା ହତ୍ୟାକାଣ୍ଡ: ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

ପାଟନା, ୮।୭

ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟାକାଣ୍ଡରେ ମଙ୍ଗଳବାର ବିହାର ପୋଲିସକୁ ସଫଳତା ମିଳିଛି। ପାଟନାର ମାଲ୍ ସଲାମି ଅଞ୍ଚଳରେ ପୋଲିସ ସହ ଗୁଳିବିନିମୟ ବେଳେ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ବିକାଶ ଓରଫ୍ ରାଜା (୨୯) ପ୍ରାଣ ହରାଇଛି। ବିକାଶଙ୍କୁ ଗିରଫ କରିବାକୁ ପୋଲିସ ପହଞ୍ଚିଥିବାବେଳେ ସେ ଗୁଳି ଚଳାଇଥିଲେ। ପୋଲିସର ପାଲଟା ଗୁଳିରେ ତାଙ୍କର ମୃତ୍ୟୁ ହୋଇଛି। ଶୁଟର ଉମେଶଙ୍କୁ ପୂର୍ବରୁ ଗିରଫ କରାଯାଇଛି।

# ୨ ଭିନ୍ନକ୍ଷମ ଝିଅଙ୍କ ପାଇଁ ଉପଯୁକ୍ତ ଘର ମିଳିବାରେ ସମସ୍ୟା ହେଉଛି: ଜଷ୍ଟିସ୍ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ,୮।୭

ବର୍ଷକ ପୂର୍ବେ ଦେଶର ପ୍ରଧାନ ବିଚାରପତି ଥିବାବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ନିଜ ମନ୍ତବ୍ୟ ଏବଂ ରାୟ ପାଇଁ ସର୍ବଦା ଗଣମାଧ୍ୟମରେ ଚର୍ଚ୍ଚିତ ରହିଥିଲେ। ତାଙ୍କୁ ଦିଆଯାଇଥିବା ସରକାରୀ ଘର ଖାଲି କରାଇବାକୁ ସୁପ୍ରିମକୋର୍ଟ ରବିବାର କେନ୍ଦ୍ର ସରକାରଙ୍କୁ ଜଣାଇବା ପରେ ସେ ପୁଣିଥରେ ଖବର ଶିରୋନାମା ମଣ୍ଡନ କରିବା ସହ ସୋସିଆଲ ମିଡିଆରେ ଟ୍ରୋଲ ହୋଇଛନ୍ତି। ତେବେ ସେ ନିଜର ସାଧାରଣ ଦାୟିତ୍ୱ ସମ୍ପର୍କରେ ସଚେତନ ଅଛନ୍ତି ଏବଂ ସରକାରୀ ଘରକୁ ଧରିରଖିବାର କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ଚନ୍ଦ୍ରଚୂଡ଼ ଗଣମାଧ୍ୟମକୁ କହିଛନ୍ତି। ୨ ଭିନ୍ନକ୍ଷମ ଝିଅଙ୍କ ପାଇଁ ଉପଯୁକ୍ତ ଘର ପାଇବାରେ ସେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ୨ ଝିଅ ପ୍ରିୟଙ୍କା ଏବଂ ମାହି ବିରଳ ଗୁଣସୂତ୍ର ଅସଙ୍ଗତିଜନିତ ମ୍ୟୋପାଥିରେ ପୀଡ଼ିତ, ଯେଉଁଥିରେ କଙ୍କାଳ ମାଂସପେଶୀ ପ୍ରଭାବିତ। ଏହାର କୌଣସି ଚିକିତ୍ସା ନାହିଁ। ସେମାନଙ୍କ ଉପରେ ୨୪ ଘଣ୍ଟା ନଜର ରଖିବା ସହ ଚଳିବାରେ ସୁବିଧା ପାଇଁ ଉପଯୁକ୍ତ ଘରର ଆବଶ୍ୟକତା ରହିଛି। ସେହି କାରଣରୁ ସରକାରୀ ଘର ଖାଲି କରିବାରେ ସମସ୍ୟା ହୋଇଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଜଣାଇଛନ୍ତି।

## ଅହମଦାବାଦ ବିମାନ ଦୁର୍ଘଟଣା

# ପ୍ରାଥମିକ ରିପୋର୍ଟ ଦାଖଲ କଲା ଏଏଆଇବି

ନୂଆଦିଲ୍ଲୀ,୮।୭

ଅହମଦାବାଦରେ ଗତ ଜୁନ୍ ୧୨ରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଏହାର ପ୍ରାଥମିକ ରିପୋର୍ଟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଚଳିତ ସପ୍ତାହରେ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।



ରିପୋର୍ଟରେ କ’ଣ ଅଛି, ତାହା ଜଣାପଡ଼ି ନ ଥିବାବେଳେ ଦୁର୍ଘଟଣାର କାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦିଆଯାଇଥିବା ବିଶ୍ୱାସ କରାଯାଉଛି। ସୂଚନାଯୋଗ୍ୟ, ଜୁନ୍ ୧୨ରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଉଡ଼ାଣ ଆରମ୍ଭ କରିବାର ମାତ୍ର କେଇ ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ମୋଟ ୨୭୪ ଜଣଙ୍କ ମୃତ୍ୟୁ ଘଟିଥିଲା।

ଏଆଇ୧୭୧ ବିମାନ ଦୁର୍ଘଟଣା ସମ୍ପର୍କରେ ସଂସଦୀୟ କମିଟି ମଙ୍ଗଳବାର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏୟାରଲାଇନ, ବିମାନବନ୍ଦର ପ୍ରତିନିଧିଙ୍କୁ ବିଭିନ୍ନ ପ୍ରଶ୍ନ କରିଛି। ସରକାରୀ ଭିତ୍ତିଭୂମି ଓ ଅନ୍ୟାନ୍ୟ ସାର୍ବଜନିକ ଉପଯୋଗ ଉପରେ ଶୁଳ୍କ ଓ ନିୟାମକ ଦେୟ ଆଦିକୁ ନେଇ ପ୍ରଶ୍ନ କରାଯାଇଥିଲା। ବୈଠକରେ ଏୟାରଇଣ୍ଡିଆ ସିଇଓ କ୍ୟାମ୍ପବେଲ୍ ୱିଲ୍‌ସନ ଉପସ୍ଥିତ ଥିଲେ।

## ଫୁରସତ୍



ରିଷଭ ଶେଟ୍ଟୀ

# ଅକ୍ଟୋବର ୨ରେ ‘କାନ୍ତାରା ଚାପ୍ଟର ୨’

ବେଙ୍ଗାଲୁରୁ

୨୦୨୨ରେ ରିଲିଜ୍ ହୋଇଥିବା ଅଭିନେତା ରିଷଭ ଶେଟ୍ଟୀଙ୍କ ‘କାନ୍ତାରା’କୁ ଦର୍ଶକଙ୍କ ବହୁ ଭଲ ପାଇବା ମିଳିଥିଲା। ଏବେ ଏହାର ପ୍ରିକ୍ୱେଲ ‘କାନ୍ତାରା ଚାପ୍ଟର ୨’ ରିଲିଜ୍ ହେବାକୁ ଯାଉଛି, ଯାହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ଲାଗିରହିଛି। ସୋମବାର ଅଭିନେତାଙ୍କ ୪୨ତମ ଜନ୍ମଦିନ ଅବସରରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ‘କାନ୍ତାରା ଚାପ୍ଟର ୨’ର ନୂତନ ପୋଷ୍ଟର ଜାରି କରାଯାଇ ରିଷଭଙ୍କ ପ୍ରଶଂସକଙ୍କୁ ଉପହାର ଦିଆଯାଇଛି। ଏଥିରେ ରିସଭଙ୍କ ଜବରଦସ୍ତ ଆକ୍ସନ ଅବତାର ଦେଖିବାକୁ ମିଳିଛି।

## ୬ ଭାଷାରେ ରିଲିଜ ହେବ

ଉକ୍ତ ପୋଷ୍ଟର ସହ ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ ଘୋଷଣା କରାଯାଇଛି। କ୍ୟାପ୍‌ଶନ୍‌ରେ ଲେଖାହୋଇଛି, ଯେଉଁଠାରେ କିମ୍ବଦନ୍ତୀ ଜନ୍ମ ହୋଇଥାନ୍ତି, ସେଠାରେ ବନ୍ୟପ୍ରାଣୀଙ୍କ ଗର୍ଜନ ପ୍ରତିଧ୍ୱନିତ ହୋଇଥାଏ। ଆସନ୍ତା ଅକ୍ଟୋବର ୨ରେ ‘କାନ୍ତାରା ଚାପ୍ଟର ୨’ ରିଲିଜ୍ ହେଉଛି। ଏହି କନ୍ନଡ଼ ଭାଷୀ ଫିଲ୍ମ ଡବଡ୍ ଭର୍ଜନରେ ତେଲୁଗୁ, ହିନ୍ଦୀ, ତାମିଲ, ବେଙ୍ଗଲୀ ଏବଂ ମାଲୟାଲମ ଭାଷାରେ ମଧ୍ୟ ରିଲିଜ୍ ହେବ। ରିଷଭ୍ ନିଜେ କାନ୍ତାରା ଚାପ୍ଟର ୨’ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।

# କୁମ୍ଭୀର ସହ ବିବାହ

## ଭଲ ଫସଲ, ବର୍ଷା ପାଇଁ ୨୩୦ ବର୍ଷ ଧରି ଜାରି ରହିଛି ପରମ୍ପରା


ମେକ୍ସିକୋ ସିଟି

ମେକ୍ସିକୋର ଦକ୍ଷିଣ ଓକ୍ସାକା ରାଜ୍ୟରେ ଅବସ୍ଥିତ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ଗତ ୨୩୦ ବର୍ଷ ଧରି ପ୍ରତି ବର୍ଷ ଏକ ଅନନ୍ୟ ପରମ୍ପରାକୁ ପାଳନ କରାଯାଇଆସୁଛି, ଯାହା ସମ୍ପ୍ରତି ସାରାବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏଠାକାର ମେୟର ଡାନିଏଲ୍ ଗୁଟିରେଜ୍ ଗତ ୩୦ ତାରିଖରେ ପ୍ରତୀକାତ୍ମକ ଭାବେ ଏକ ମାଈ କୁମ୍ଭୀର ସହ ବିବାହ କରିଛନ୍ତି। ସ୍ଥାନୀୟ ଚୋଣ୍ଟାଲ ଏବଂ ହୁଆଭେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏକତାର ପ୍ରତୀକ ଭାବେ ଏହି ଅନନ୍ୟ ପରମ୍ପରାକୁ ନିଭା ଯାଇଥାଏ। ସେହିପରି ଉକ୍ତ ଅଞ୍ଚଳରେ ଭଲ ଫସଲ, ବର୍ଷା ଏବଂ ଲୋକଙ୍କ ସମୃଦ୍ଧି କାମନା କରିବା ପାଇଁ ମଧ୍ୟ ଏହି ପରମ୍ପରାକୁ ପାଳନ କରାଯାଇଥାଏ। ଏହି ରଙ୍ଗିନ ଉତ୍ସବରେ ଏକ ମାଈ କୁମ୍ଭୀରକୁ କନ୍ୟା ପରି ଧଳା ରଙ୍ଗର ବିବାହ ଗାଉନ୍ ପିନ୍ଧା ଯାଇଥିଲା।



ସେହିପରି ମେୟର ଡାନିଏଲ୍ କୁମ୍ଭୀରର କପାଳକୁ ଚୁମ୍ବନ ଦେବା ସହ ଖୁସିରେ ସ୍ଥାନୀୟ ଲୋକଙ୍କ ସହ ନାଚିଥିଲେ।

ସ୍ଥାନୀୟ ଲୋକକଥା ଅନୁଯାୟୀ, ଚୋଣ୍ଟାଲ ରାଜା ହୁଆଭେ ରାଜକୁମାରୀଙ୍କୁ ବିବାହ କରିଥିଲେ, ଯାହା ଦୁଇ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘକାଳୀନ ଦ୍ୱନ୍ଦ୍ୱର ଅନ୍ତ ଘଟାଇଥିଲା। ତେଣୁ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ହେଉଥିବା ଏହି ପ୍ରତୀକାତ୍ମକ ବିବାହରେ ମେୟର ଚୋଣ୍ଟାଲ ରାଜାଙ୍କ ପ୍ରତିନିଧିତ୍ୱ କରୁଥିବାବେଳେ ହୁଆଭେ ରାଜକୁମାରୀଙ୍କୁ ଏକ କୁମ୍ଭୀର ରୂପେ ଦର୍ଶାଯାଇଥାଏ। ଏହି ପରମ୍ପରା ପୃଥିବୀ ମା’ ଏବଂ ମାନବଜାତି ମଧ୍ୟରେ ରହିଥିବା ସମ୍ପର୍କକୁ ଦର୍ଶାଇ ଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ଏହି ଅନନ୍ୟ ଉତ୍ସବରେ ବିବାହ କରୁଥିବା କୁମ୍ଭୀରକୁ ପ୍ରାରମ୍ଭରେ ସ୍ଥାନୀୟ ଲୋକମାନେ ‘ଲା ନିନା ପ୍ରିନ୍ସେସା (ଛୋଟ ରାଜକୁମାରୀ)’ ଡାକିଥାନ୍ତି। ସୁରକ୍ଷା ପାଇଁ ଏବଂ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କୁମ୍ଭୀରର ମୁହଁକୁ ଏକ ରିବନରେ ବାନ୍ଧି ଦିଆଯାଇଥାଏ। ଉତ୍ସବର ଗୋଟିଏ ଦିନ ପୂର୍ବରୁ କୁମ୍ଭୀରକୁ ଆନୁଷ୍ଠାନିକ ଭାବରେ ଏକ ନାମ ଦିଆଯାଏ। ଚଳିତ ବର୍ଷ ବିବାହ କରିଥିବା କୁମ୍ଭୀରର ନାମ ମିଗୁଏଲାନା ଏଷ୍ଟେଲା ଡେଲ୍ ମାର୍ ଜାଭାଲେଟା ରାମିରେଜ୍ ରଖାଯାଇଥିଲା। ଗତ ୩୦ରେ ଏହି ବିବାହ ସମାରୋହ ସହରର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସ୍ଥାନୀୟ ଲୋକ, ସଂଗୀତଜ୍ଞ ଏବଂ ନୃତ୍ୟଶିଳ୍ପୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ।




# ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି

## ପ୍ରଶାସନିକ ଅଧିକାରୀଙ୍କୁ ୫୦କୋଟିର ଟେଣ୍ଡର କ୍ଷମତା

ଭୁବନେଶ୍ୱର, ୮।୭
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଟେଣ୍ଡର ନିଲାମବେଳେ ପୂର୍ବରୁ ଅଧିକାରୀଙ୍କୁ ଯେଉଁ ଆର୍ଥିକ କ୍ଷମତା ଦିଆଯାଇଥିଲା ତାକୁ ଏବେ ସରକାର ବୃଦ୍ଧି କରିଛନ୍ତି। ଏପରିକି ବିଭିନ୍ନ କାର୍ଯ୍ୟର ଟେଣ୍ଡର ବେଳେ ଆକଳନ ଖର୍ଚ୍ଚ(ଏଷ୍ଟିମେଟେଡ୍ କଷ୍ଟ) ୫୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଯଦି କୌଣସି କାମର ଆନୁମାନିକ ଖର୍ଚ୍ଚ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଥାଏ ଏବଂ ଟେଣ୍ଡର ଦ୍ୱାରା ଦିଆଯାଇଥିବା ମୂଲ୍ୟ ଆନୁମାନିକ ଖର୍ଚ୍ଚଠାରୁ ୧୦% କିମ୍ବା ତାହାଠାରୁ ଅଧିକ ରହିଥାଏ, ତେବେ ନିଲାମ ଦେବା ପୂର୍ବରୁ ସଂପୃକ୍ତ ଅଧିକାରୀଙ୍କୁ ଆଉ ପରବର୍ତ୍ତୀ ଉଚ୍ଚ ଅଧିକାରୀଙ୍କ ଅନୁମୋଦନ ନେବା ଆବଶ୍ୟକ ହେବ। ତେବେ ଯେଉଁ କ୍ଷେତ୍ରରେ ପ୍ରଶାସନିକ ବିଭାଗ (ଆଡ୍‌ମିନିଷ୍ଟ୍ରେଟିଭ୍ ଡିପାର୍ଟମେଣ୍ଟ)ର ସଂପୃକ୍ତ ଅଧିକାରୀ ଭାବେ ନିଲାମ କାର୍ଯ୍ୟ କରିବେ ସେକ୍ଷେତ୍ରରେ ପରବର୍ତ୍ତୀ ଉଚ୍ଚ ଅଧିକାରୀଙ୍କର ଅନୁମୋଦନ ଦରକାର ପଡ଼ିବ ନାହିଁ।

ଅର୍ଥ ବିଭାଗ ପକ୍ଷରୁ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ-୨୦୨୩ର ସଂଶୋଧନ ନିୟମ ଅନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏଣିକି ଏହି ନିୟମ ଅନୁଯାୟୀ ବିଭିନ୍ନ କାର୍ଯ୍ୟର ଟେଣ୍ଡର କରିପାରିବେ କିମ୍ବା ଦ୍ରବ୍ୟ କ୍ରୟ କରିପାରିବେ ବୋଲି ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି।

ଅର୍ଥ ବିଭାଗର ସଂଶୋଧିତ ନିୟମ ଅନୁଯାୟୀ, ପ୍ରଶାସନିକ ବିଭାଗଗୁଡ଼ିକ ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କରିପାରିବେ। ସଂପୃକ୍ତ ବିଭାଗୀୟ ଅଧିକାରୀ ନିଜେ ଟେଣ୍ଡର ଗ୍ରହଣ କରିବା ସହ ଆଉ ଉଚ୍ଚ ଅଧିକାରୀଙ୍କୁ ଫାଇଲ ପ୍ରେରଣ କରିବାକୁ ପଡ଼ିବନାହିଁ। ସେହିପରି ଯଦି ସର୍ବୋଚ୍ଚ ଯନ୍ତ୍ରୀ କୌଣସି କାର୍ଯ୍ୟରେ ଟେଣ୍ଡର କରୁଛନ୍ତି ତେବେ ସେ କ୍ଷେତ୍ରରେ ଆବଶ୍ୟକସ୍ଥଳେ ବିଭାଗର ପ୍ରଶାସନିକ ଅଧିକାରୀଙ୍କଠାରୁ ଅନୁମତି ନେଇପାରିବେ। ସର୍ବୋଚ୍ଚ ଯନ୍ତ୍ରୀଙ୍କ କ୍ଷମତା ୭ କୋଟିରୁ ୧୦ କୋଟି ମଧ୍ୟରେ ରଖାଯାଇଛି। ମୁଖ୍ୟଯନ୍ତ୍ରୀମାନଙ୍କୁ ଟେଣ୍ଡର କ୍ଷମତା ୪ରୁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୧ରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡର କ୍ଷମତା ପ୍ରଦାନ କରାଯାଇଛି।

ତେବେ ପୂର୍ବରୁ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ନିଲାମ ବେଳେ ଯଦି ନିଲାମ ଅର୍ଥରେ କୌଣସି ବ୍ୟତିକ୍ରମ ଦେଖାଦେଲା କିମ୍ବା ଅଧିକ ଫରକ ରହିଲା, ତେବେ ସେ କ୍ଷେତ୍ରରେ ସଂପୃକ୍ତ ବିଭାଗ ମନ୍ତ୍ରୀଙ୍କର ଅନୁମୋଦନ ଆବଶ୍ୟକ ପଡୁଥିଲା। ଅର୍ଥ ବିଭାଗର ଏହି ସଂଶୋଧିତ ନିୟମ ଅନୁଯାୟୀ, ଆଉ ଅର୍ଥ ବିଭାଗକୁ ଏସବୁ କ୍ଷେତ୍ରରେ ବାରମ୍ବାର ଫାଇଲ ଯିବନାହିଁ କି ବିଭାଗୀୟ ମୁଖ୍ୟ କିମ୍ବା ମନ୍ତ୍ରୀଙ୍କ ଅନୁମୋଦନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ସଂଶୋଧିତ ନିୟମ ଅନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏଣିକି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୌଣସି ଦ୍ରବ୍ୟ ସଂଗ୍ରହବେଳେ ଆଉ କୋଟେଶନ ଗ୍ରହଣ କରିବାକୁ ପଡ଼ିବନାହିଁ। ମାତ୍ର ସଂପୃକ୍ତ ଅଧିକାରୀଙ୍କୁ ଏକ ସାର୍ଟିଫିକେଟ୍ ଦେବାକୁ ପଡ଼ିବ, ଯେଉଁଥିରେ ସେ ଉଲ୍ଲେଖ କରିବେ ଯେ ଦ୍ରବ୍ୟ ଯେଉଁଠାରୁ କ୍ରୟ କରୁଛନ୍ତି ସଂପୃକ୍ତ ଭେଣ୍ଡର ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି। ଏହାବାଦ୍ ୨୫ ଲକ୍ଷ ଟଙ୍କାର ଦ୍ରବ୍ୟ କିମ୍ବା ସାମଗ୍ରୀ କ୍ରୟବେଳେ ଲୋକାଲ ପର୍ଚେଜ୍ କମିଟି ଜରିଆରେ କିଣାଯାଇ ପାରିବ। ଦ୍ରବ୍ୟ କ୍ରୟ ସମୟରେ ଲୋକାଲ ପର୍ଚେଜ୍ କମିଟିରେ ୩ ଜଣ ସଭ୍ୟଙ୍କ ଜରିଆରେ ଏହାର ମୂଲ୍ୟ ନିରୂପଣ ହେବ। ଉକ୍ତ କମିଟି ଯେଉଁ ମୂଲ୍ୟ ସ୍ଥିର କରିବ ସେନେଇ ସୁପାରିସ୍ କରିବେ। ତେବେ ଲୋକାଲ ପର୍ଚେଜ୍ କମିଟିର ଯେଉଁ ତିନିଜଣ ସଭ୍ୟ ଦ୍ରବ୍ୟ ସଂଗ୍ରହ କମିଟିରେ ରହିବେ ସେମାନେ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଆବଶ୍ୟକ। ଏହିଭଳି ବିଭିନ୍ନ କ୍ଷେତ୍ରରେ ଅଧିକାରୀଙ୍କ କ୍ଷମତା ବଢ଼ାଯାଇଥିବା ନେଇ ଅର୍ଥ ବିଭାଗର ସଂଶୋଧିତ ନିର୍ଦ୍ଦେଶନାମାରେ କୁହାଯାଇଛି।

# ବେଆଇନ ବାଣ କାରଖାନାରେ ଅଗ୍ନିକାଣ୍ଡ

- ବିସ୍ଫୋରଣରେ ଥରି ଉଠିଲା ୨ କି.ମି. ଅଞ୍ଚଳ
- ଲକ୍ଷାଧିକ ଟଙ୍କାର ବାଣ ଭସ୍ମୀଭୂତ, ପୋଲିସର ତନାଘନା

ମହାକାଳପଡ଼ା,୮।୭
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କେବିଦାଣ୍ଡିଆ ପଞ୍ଚାୟତ ପଙ୍କପାଳ ଗ୍ରାମରେ ଥିବା ଏକ ବେଆଇନ ବାଣ କାରଖାନାରେ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବାଣ ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁ ଗଚ୍ଛିତ ଥିବା ବାଣ ବିସ୍ଫୋରଣ ଘଟିଥିଲା । ଏହି ଶବ୍ଦ ପ୍ରାୟ ୨ କିମି ଦୂର ପର୍ଯ୍ୟନ୍ତ ଶୁଭିଥିଲା। ବିଶେଷ କରି ମୋଡ଼, ବେଣାକନ୍ଧା, ବଗଗହଣ ଓ ବଡ଼ ଦାଣ୍ଡିଆ ଅଞ୍ଚଳର ଲୋକମାନେ କ'ଣ ଘଟିଲା ବୋଲି ଘର ଭିତରୁ ପଦାକୁ ଧାଇଁ ଆସିଥିଲେ। ଅଗ୍ନିଶମବାହିନୀ ଓ ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ତନ୍ତିଆପାଳ ସାମୁଦ୍ରିକ ଥାନା ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଏହି ପଙ୍କପାଳ ଗ୍ରାମରେ ୨୦୦୭ରେ ବାଣ ବିସ୍ଫୋରଣ ଘଟି ଅଶ୍ୱିନ ମଣ୍ଡଳ ଓ ତାଙ୍କ ପୁଅ ରଞ୍ଜନ ମଣ୍ଡଳଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏହାପରେ କିଛି ବର୍ଷ ଏପରି ବେଆଇନ ବାଣ ତିଆରି ବନ୍ଦ ରହିଥିଲା । ହେଲେ ପୁନର୍ବାର ସେହି ଗ୍ରାମରେ ଅମଲ ମଣ୍ଡଳ ଓ ଅସୀମ ମଣ୍ଡଳଙ୍କ ପରିବାର ବାଣ ତିଆରି କରି ବିବାହ, ବ୍ରତ ଓ ଅନ୍ୟାନ୍ୟ ପର୍ବପର୍ବାଣିରେ ବିକ୍ରି କରୁଥିଲେ । ତନ୍ତିଆପାଳ ସାମୁଦ୍ରିକ ଥାନା ଦାୟିତ୍ୱରେ ଥିବା ଅଧିକାରୀ ଦେବାଶିଷ ତିର୍କୀ କହିଛନ୍ତି, ଅଭିଯୋଗ ମିଳିଛି। ପୋଲିସ ତଦନ୍ତ ଆରମ୍ଭ କରିଛି । ରାଜସ୍ୱ ନିରୀକ୍ଷକ ସାହୁ କହିଛନ୍ତି, ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ସେହି କାରଖାନା ଗାଁଠାରୁ ଦୂରରେ ଥିବାରୁ ଅନ୍ୟ କାହାର କ୍ଷୟକ୍ଷତି ଘଟିନାହିଁ।



ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବାଣ କାରଖାନା।

# ଦିଗପହଣ୍ଡିରେ ଡାଇରିଆ ନିୟନ୍ତ୍ରଣାଧୀନ: ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଉସ୍ତପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଡାଇରିଆ ଏବେ ନିୟନ୍ତ୍ରଣାଧୀନ ରହିଛି। ଏହି ରୋଗ ସଂକ୍ରମଣ ରୂପ ନେବା ପୂର୍ବରୁ ବ୍ୟାପକ ସଚେତନତା ଅଭିଯାନ, ଘରକୁ ଘର ନିରୀକ୍ଷଣ ଆଦି ମାଧ୍ୟମରେ ସ୍ଥିତିରେ ଦୃଶ୍ୟମାନ ସୁଧାର ଆସିଛି। ତେଣୁ ସଚେତନତା ଓ ବିଶୋଧନ କାର୍ଯ୍ୟ ଜାରି ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ୬ ତାରିଖଠାରୁ ମଙ୍ଗଳବାର ଅପରାହ୍ନ ସୁଦ୍ଧା ଉସ୍ତପଲ୍ଲୀ ଗ୍ରାମରେ ୧୧ଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସେହି ଗ୍ରାମରୁ ଆଉ କୌଣସି ନୂଆ ରୋଗୀ ହସ୍ପିଟାଲ ଆସିନାହାନ୍ତି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୬ଜଣଙ୍କ ମଧ୍ୟରୁ ୫ଜଣ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମସ୍ତ ୫ଜଣ ରୋଗୀଙ୍କୁ ସୁସ୍ଥ ହେବାପରେ ଡିସ୍‌ଚାର୍ଜ କରାଯାଇଛି। ଜଣେ ୫ବର୍ଷର ଶିଶୁର ଶ୍ୱାସ ସମ୍ବନ୍ଧିତ ଅସୁବିଧା ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଦିଆଯାଉଛି। ଅପରପକ୍ଷେ ଡାଇରିଆରେ ୨ଜଣଙ୍କର ମୃତ୍ୟୁ ଅଭିଯୋଗ ପରେ ପ୍ରାଥମିକ ତଦନ୍ତ କରାଯାଇଥିଲା। ତାହା ଡାଇରିଆଜନିତ ନ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର୍ଗତ ଦାସ ଶବର ପ୍ରାୟ ୭୦ ବର୍ଷ ବୟସ୍କ ଥିଲେ। ତାଙ୍କର କଳାଝାଡ଼ା ରୋଗ ଯୋଗୁ ଜୁଲାଇ ୩ ସକାଳେ ତାଙ୍କର ଦେହାନ୍ତ ହୋଇଥିଲା। ଅନ୍ୟ ମୃତକ ହେଲେ ପ୍ରକାଶ ରାଇତିଆ। ତାଙ୍କ ପେଟରେ ଯନ୍ତ୍ରଣା ଓ ବାନ୍ତି ହେବାରୁ ଜୁଲାଇ ୭ରେ ସେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ବିଶେଷ ଚିକିତ୍ସା ନିମନ୍ତେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଦେହ ଭଲ ଲାଗୁଛି କହି ସେ ଘରକୁ ଫେରିଯାଇଥିଲେ। ରାତିରେ ଅଧିକ ଯନ୍ତ୍ରଣା ହେବାରୁ ଘରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଉଥିବା ବାଟରେ ମୃତ୍ୟୁବରଣ କରିଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।







# ବନ୍ଦ ହେବ ୩ ସବ୍‌ଜେଲ

## ଜିଲା ଜେଲରେ ମିଶିବ

ଭୁବନେଶ୍ୱର, ୮।୭(ସତ୍ୟଜିତ୍ ରାଉତ)

ରାଜ୍ୟର ୩ ଜିଲାରେ ଥିବା ୩ ସବ୍‌ଜେଲକୁ ବନ୍ଦ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭିତ୍ତିଭୂମି ଓ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ୩ ସବ୍‌ଜେଲକୁ ସ୍ଥାୟୀ ଭାବରେ ବନ୍ଦ କରି ଜିଲା ଜେଲରେ ମିଶ୍ରଣ କରାଯିବ। ଖଣ୍ଡପଡା ସବ୍‌ଜେଲକୁ ନୟାଗଡ଼ ଜିଲା ଜେଲ, ନୀଳଗିରି ସବ୍‌ଜେଲକୁ ବାଲେଶ୍ୱର ଜେଲ ଏବଂ ସୋହେଲା ସବ୍‌ଜେଲକୁ ବରଗଡ ଜେଲରେ ମିଶିବ। ଏହି ଜେଲଗୁଡ଼ିକୁ ବିଜ୍ଞାପିତ ଜେଲ ତାଲିକାରୁ ବାଦ୍ ଦିଆଯାଇଛି। ଏନେଇ ଜେଲ ଡିଜି ଆବଶ୍ୟକୀୟ ପଦକ୍ଷେପ ନେବେ। ସବ୍‌ଜେଲଗୁଡ଼ିକରେ ଥିବା ବିଚାରାଧୀନ କଏଦୀ ଏବଂ ଦୋଷୀ କଏଦୀଙ୍କୁ ଜିଲା ଜେଲଗୁଡିକୁ ସ୍ଥାନାନ୍ତର କରାଯିବ। ସରକାରୀ ରେକର୍ଡ ଅପଡେଟ୍ କରିବା ସହ କୋର୍ଟ, ଜିଲା ପ୍ରଶାସନ ଏବଂ ପୋଲିସ କର୍ତ୍ତୃପକ୍ଷ ସଂପୃକ୍ତ ପକ୍ଷଙ୍କୁ ଏନେଇ ସୂଚନା ଦେବେ।




# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର
- ସାଇକେଲ ରାଲି, ସ୍ଥାନ:ଏଫ୍ଏମ୍ୟୁ ଓଲ୍ଡ କ୍ୟାମ୍ପସ୍, ବାଲେଶ୍ୱର,ସମୟ:ସକାଳ ୭ଟା।
- ଆଲୁମିନି ମିଟ୍, ସ୍ଥାନ:ଏଫ୍ଏମ୍ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଏଫ୍ଏମ୍ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

### ଭଦ୍ରକ
- ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ ଚାରାରୋପଣ, ସ୍ଥାନ: ହମିରବିନ୍ଧା ସରକାରୀ ବିଦ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

### ମୟୂରଭଞ୍ଜ
- ଅଖଣ୍ଡ ନାମ ସଙ୍କୀର୍ତ୍ତନ ଓ ସତ୍ୟନାରାୟଣ ପୂଜା,ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ, ରଘୁନାଥପୁର, ବାରିପଦା,ସମୟ: ସକାଳ ୮ଟା।
- ଚିନ୍ମୟ ମିଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର,ସ୍ଥାନ:ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ ବାରିପଦା,ସମୟ:ସକାଳ ୮ଟା।
- ଏକ୍ସପୋ ଆଣ୍ଡ ଫନ୍ ଫେୟାର, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର
- ବିଇଏମ୍ସିର ସ୍ୱତନ୍ତ୍ର ବୈଠକ,ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତସିଂହପୁର
- ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଧର୍ମଘଟ, ସ୍ଥାନ: ରଙ୍ଗିଆଗଡ, ପାରାଦୀପ, ସମୟ: ସକାଳ ୬ ଟା।
- ପାରାଦୀପ ବନ୍ଦର ମିଳିତ ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଧର୍ମଘଟ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୬ ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ୧୭ ଦଫା ଦାବୀନେଇ ସାଧାରଣ ଧର୍ମଘଟ, ସ୍ଥାନ: ଚୋରଦା ବାଇପାସ, ସମୟ: ପୂର୍ବାହ୍ନ ୧୦ଟା।

### ରାୟଗଡ଼ା
- ୧୨ଟି ରାଷ୍ଟ୍ରୀୟ ଶ୍ରମିକ ସଙ୍ଗଠନର ଧର୍ମଘଟ, ସ୍ଥାନ: ରାୟଗଡ଼ାର ମଝିଗୌରୀ ମନ୍ଦିର ଛକ, ଶିରିଗୁଡା ଛକ, କପିଳାସ ଛକ, ସାଇ ଇଣ୍ଟରନ୍ୟାସନାଲ ଛକ, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।

### ନବରଙ୍ଗପୁର
- ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଝରିଗାଁ ବ୍ଲକ, ସମୟ: ସକାଳ ୬ଟାରୁ ସନ୍ଧ୍ୟା ୬ଟା। ବିଜେଡିର
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗ୍ଲେଜ, ସମୟ : ପୂର୍ବାହ୍ନ ୧୦ଟା୩୦।

### ମାଲକାନଗିରି
- ଶ୍ରମିକ ସଙ୍ଗଠନର ଧର୍ମଘଟ, ସ୍ଥାନ: ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ ଟା
- ବନ ମହୋତ୍ସବ, ସ୍ଥାନ:ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସର୍ବ ଭାରତୀୟ ଧର୍ମଘଟ ଉପଲକ୍ଷେ ମୋଟର ସାଇକଲ ରାଲି, ସ୍ଥାନ : ଅଇଁଠାପାଲି ଛକ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରମିକ ସଙ୍ଗଠନର ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ ରାସ୍ତା, ସମୟ: ମଧ୍ୟାହ୍ନ ୧୨ଟା୩୦।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

### ବଲାଙ୍ଗୀର
- ଭାରତ ବନ୍ଦ ଡାକରା ସମର୍ଥନରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ଏଆଇଟିୟୁସିର ଧର୍ମଘଟ, ସ୍ଥାନ: ଭବାନୀପାଟଣା ନକଟିଗୁଡା ଛକ, ସମୟ: ସକାଳ ୭ଟା।
- କଳାହାଣ୍ଡି ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ଓରିଅନ ଛକ, ସମୟ: ସକାଳ ୮ଟା।

### ଦେବଗଡ଼
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଡ୍ରାଇଭର ମହାସଂଘର ଆନ୍ଦୋଳନ ଦ୍ୱିତୀୟ ଦିନରେ, ସ୍ଥାନ: ତରଭା ନୂତନ ବ୍ରିଜ୍ ଛକ, ସମୟ: ସକାଳ ୮ଟା।

### ନୂଆପଡ଼ା
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଔଷଧାଳୟ ୟୁନିଟ୍ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୫।

# କାର୍ଯ୍ୟକର୍ତ୍ତାଙ୍କ ଯୋଗୁ ସାଇନ୍‌ବୋର୍ଡ ପାର୍ଟି ଆଜି ସରକାରୀ ଦଳ: ମନମୋହନ

ଭୁବନେଶ୍ୱର,୮।୭(ସୁନିତ୍ ମିଶ୍ର)

ରାଜ୍ୟ ସଭାପତି ଭାବେ ଯେଉଁ ଦାୟିତ୍ୱ ମିଳିଛି ତାହା କେବଳ ମୋର ନୁହଁ, ଦଳରେ କାର୍ଯ୍ୟ କରୁଥିବା ସବୁ କାର୍ଯ୍ୟକର୍ତ୍ତାଙ୍କର ବୋଲି ରାଜ୍ୟ ଭାଜପାର ନୂଆ ସଭାପତି ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି, ସେମାନେ ପରିଶ୍ରମ କରି ନ ଥିଲେ, ଆମେ ସାଇନବୋର୍ଡ ପାର୍ଟିରୁ ସରକାରୀ ଦଳରେ ପହଞ୍ଚିପାରି ନ ଥାଆନ୍ତୁ। ୧୯୮୮ରେ ଭାଜପାକୁ ସାଇନ୍‌ବୋର୍ଡ ପାର୍ଟି କହି ଅପମାନିତ କରାଯାଉଥିଲା। ଏବେ ସରକାରୀ ଦଳ ଭୂମିକାକୁ ଭାଜପା ଆସିପାରିଛି। ଏହା ହେଉଛି ଏକମାତ୍ର ଦଳ, ଯେଉଁଠି ଜଣେ ଚା' ବିକାଳି ପ୍ରଧାନମନ୍ତ୍ରୀ, ଜଣେ ଶିଶୁମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଦଳର କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଯୋଗୁ ବାରମ୍ବାର ଅପମାନକୁ ପ୍ରତିହତ କରି ଆଜି ଆମେ କ୍ଷମତା ହାସଲ କରିପାରିଛୁ।



କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ ମୋହନ ମାଝୀଙ୍କ ସରକାର ହୋଇ ନ ଥାନ୍ତା ବୋଲି ମନମୋହନ କହିଛନ୍ତି।

ଭାଜପାର ରାଜ୍ୟ ସଭାପତି ପଦ ଲାଗି ମନମୋହନ ସୋମବାର ଏକମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ମନମୋହନ ୪ର୍ଥ ଥର ଲାଗି ଭାଜପା ରାଜ୍ୟ ସଭାପତି ଦାୟିତ୍ୱ ପାଇଥିବା ବେଳେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ଲାଗି ଦଳୀୟ କାର୍ଯ୍ୟାଳୟ ଠାରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ମନମୋହନ ଆହୁରି କହିଛନ୍ତି, ଆର୍‌ଏସ୍‌ଏସ୍ ବିଚାରଧାରାକୁ ଆଗକୁ ନେବାକୁ ହେବ। ଯେଉଁମାନେ ଆମକୁ ବିରୋଧ କରୁଛନ୍ତି ସେମାନଙ୍କ ହ୍ୟାଙ୍ଗଓଭର ଯାଉନାହିଁ। ସେମାନେ ଏବେ ବିଚଳିତ ବୋଲି ମନମୋହନ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ନୀଳାଦ୍ରିବିଜେ ଅବସରରେ ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ୪ର୍ଥ ଥର ପାଇଁ ଦାୟିତ୍ୱ ନେଉଛନ୍ତି। ଏନେଇ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ମନମୋହନଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ଝଣ୍ଡା ଉଡ଼ିଲା। ସେ ଏବିଭିପିରୁ କାମ କରି ବିଧାୟକ, ମନ୍ତ୍ରୀ, ସାଂସଦ ହେବା ସହ ୪ର୍ଥ ଥର ସଭାପତି ହୋଇ ଇତିହାସ ରଚିଛନ୍ତି। ମନମୋହନ ୪ର୍ଥ ଥର ସଭାପତି, ମୋହନ ମାଝୀ ୪ର୍ଥ ଥର ବିଧାୟକ, ଏହି ଯୋଡ଼ାକୁ ଘୋଡ଼ା ସରି ନୁହେଁ। ଭାଜପା ଓ ସରକାର ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ଭଳି। ଗୋଟିଏ ପଟେ ମନମୋହନଙ୍କ ନେତୃତ୍ୱରେ ସଙ୍ଗଠନ ଦାୟିତ୍ୱ ଅନ୍ୟପଟେ ମୋହନ ମାଝୀଙ୍କ ନେତୃତ୍ୱରେ ସରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଛନ୍ତି, ମନମୋହନଙ୍କ ନେତୃତ୍ୱରେ ସରକାର ଓ ସଙ୍ଗଠନ ଆଗକୁ ବଢ଼ିବ। ସରକାର ସହ ସଙ୍ଗଠନର ସମନ୍ୱୟ ବଢ଼ିବ। ପୁରୀ ଏମ୍‌ପି ସମ୍ବିତ ପାତ୍ର କହିଛନ୍ତି, ରାଜ୍ୟରେ ଏବେ ଟ୍ରିପଲ ଏମ୍ ସରକାର ଚାଲିଛି-ମୋଦି, ମୋହନ ଓ ମନମୋହନ ସରକାର। ଦଳ ପାଇଁ ମନମୋହନ ବଡ଼ ବଳିଦାନ ଦେଇଛନ୍ତି ବୋଲି ସମ୍ବିତ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୨,୩୫୫ ଏକ୍ସ' ଆକାଉଣ୍ଟ...

ପ୍ରେସ୍ ସେନ୍‌ସରଶିପ୍ ଚିନ୍ତା ବଢ଼ିବାରେ ଲାଗିଛି। ତେଣୁ ପ୍ରଭାବିତ ୟୁଜର୍ସଙ୍କୁ କୋର୍ଟ ଜରିଆରେ ଆଇନଗତ ବିକଳ୍ପର ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଗତ ମେ'ରେ 'ଅପରେଶନ ସିନ୍ଦୂର' ବେଳେ ରଏଟର୍ସ ସମେତ ଅନେକ ଶହ ଅନ୍ୟ ଆକାଉଣ୍ଟକୁ ବ୍ଲକ୍ ପାଇଁ ଦାବି ହୋଇଥିଲା। ସେତେବେଳେ କିନ୍ତୁ ଏହାକୁ ବ୍ଲକ୍ କରାଯାଇ ନ ଥିଲା। ବର୍ତ୍ତମାନ ଏହା ଅପ୍ରାସଙ୍ଗିକ ହୋଇଯାଇଥିବାବେଳେ ରବିବାର ଦିନକ ପାଇଁ ଏହାର ଆକାଉଣ୍ଟ ବ୍ଲକ୍ କରାଯିବାର କାରଣ ଜଣାପଡ଼ିନାହିଁ। ଏହା ପୂର୍ବରୁ ମଧ୍ୟ ଏକ୍ସ' ଭାରତ ସରକାରଙ୍କ ବିରୋଧରେ କୋର୍ଟଙ୍କ ଆଶ୍ରୟ ନେଇଥିଲା। ଆଇଟି ଆକ୍ଟର ଧାରା ୭୯(୩) (ବି)କୁ କର୍ଣାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା, ଯାହାର ଶୁଣାଣି ଜାରି ରହିଛି। ସେହିପରି ଧାରା ୬୯ଏ ଅନୁଯାୟୀ ଜାରି ହେଉଥିବା ନିର୍ଦ୍ଦେଶନାମାରେ ସ୍ୱଚ୍ଛତା ନ ଥିବା ଏବଂ ଏହା ଅଭିବ୍ୟକ୍ତି ସ୍ୱାଧୀନତାକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ୨୦୨୨ରେ ଏକ୍ସ' ଅଦାଲତଙ୍କ ଆଶ୍ରୟ ନେଇଥିଲା।

## ଶ୍ରୀମନ୍ଦିରକୁ ବିଜେ...

୪୫, ତିନିରଥ ସର୍ବାଙ୍ଗ ୧୨ଟା ୧୦, ମଧ୍ୟାହ୍ନ ଧୂପ ୧ଟା ୪୫, ମଇଲମ ଓ ବେଶ ହୋଇ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ ଶେଷ ପରେ ତିନି ରଥର ଘୋଡ଼ାଫିଟା ସହ ଚାରମାଳ ବନ୍ଧାଯାଇଥିଲା। ରଥରେ ମୁଦିରସ୍ତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟଠାରୁ ବିଳମ୍ବରେ ପହଣ୍ଡି ଆରମ୍ଭ ହୋଇଥିଲା। ବିଜେ କାହାଳୀ ବାଜିଥିଲା। ଦାରୁବିଗ୍ରହମାନେ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବିଡ଼ିଆମଣୋହୀ କରିବା ସହ ଆଳତି ବନ୍ଦାପନା କରିଥିଲେ। ପ୍ରଥମେ ରଥରୁ ମଦନମୋହନ, ରାମକୃଷ୍ଣ ଓ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟିପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୋଇଥିଲା। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଶ୍ରୀଜଗନ୍ନାଥ ରଥ ହଂସପଟା ନିକଟକୁ ଆସିବା ପରେ ଲକ୍ଷ୍ମୀଠାକୁରାଣୀଙ୍କୁ ମହାଜନ ସେବକମାନେ ହାତରେ ବିଜେ କରାଇଆଣି ଡମ୍ଫରୁ ଉପରେ ବିଜେ କରାଇଥିଲେ। ପତିମହାପାତ୍ର ରଥରେ ମହାପ୍ରଭୁଙ୍କର ଏବଂ ଭେଟମଣ୍ଡପଠାରେ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କ ବନ୍ଦାପନା କରିଥିଲେ। ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥ ଆସିବା ପୂର୍ବରୁ ବନ୍ଦ ରଖାଯାଇଥିବା ସିଂହଦ୍ୱାରକୁ ଖୋଲି ଦିଆଯାଇଥିଲା। ମହାପ୍ରଭୁ ପହଣ୍ଡି ହୋଇ ଜୟବିଜୟ ଦ୍ୱାର ପାଖକୁ ଯାଇଥିଲେ। ବନ୍ଦ ଥିବା ଜୟବିଜୟ ଦ୍ୱାର ନିକଟରେ ବଚନିକା ହୋଇଥିଲା। ଏହାପରେ ଜୟବିଜୟ ଦ୍ୱାର ଖୋଲାଯାଇଥିଲା। ଭଣ୍ଡାରଘରଠାରେ ମହାଲକ୍ଷ୍ମୀଙ୍କ ପାଖରେ ମହାପ୍ରଭୁ ବିଜେ ହୋଇଥିଲେ। ଠାକୁର ଠାକୁରାଣୀଙ୍କ ଗଇଁଠାଳ ଫିଟାଯାଇଥିଲା। ବନ୍ଦାପନା ପରେ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଭୋଗ କରାଯାଇଥିଲା। ମହାପ୍ରଭୁ ଘଷାବିଡ଼ିଆ ମଣୋହୀ ହୋଇ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଅନ୍ୟାନ୍ୟ ନୀତି ସମ୍ପାଦନ ହୋଇଥିଲା।

## ଆଜି ଭାରତ ବନ୍ଦ...

ଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପାରେ। ବନ୍ଦ ଯୋଗୁ ଜନସେବା କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଉଥିବାବେଳେ ଶିକ୍ଷାନୁଷ୍ଠାନ ଓ ଘରୋଇ କାର୍ଯ୍ୟାଳୟ ଖୋଲା ରହିବ। ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ନାମରେ କେନ୍ଦ୍ର ସରକାର ଆର୍ଥିକ ନୀତି ଏବଂ ଶ୍ରମ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ଯାଉଛନ୍ତି, ଯାହା ଶ୍ରମିକ କର୍ମଚାରୀଙ୍କ ଅଧିକାରକୁ ଦୁର୍ବଳ କରିବା ସହ ସେମାନଙ୍କ ସାମୂହିକ ମୂଲଚାଲ କ୍ଷମତାକୁ ସଂକୁଚିତ କରିବ ଓ କାର୍ଯ୍ୟକ୍ଷେତ୍ର ଅଧିକ ଖରାପ ହେବ ବୋଲି ୟୁନିୟନଗୁଡ଼ିକ ଅଭିଯୋଗ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ ସେବାର ଘରୋଇକରଣ, ଆଉଟ୍‌ସୋର୍ସିଂ ନୀତି, ଶ୍ରମଶକ୍ତିର ଠିକାଦାରିତା ଆଦି ବିରୋଧରେ ଟ୍ରେଡ୍ ୟୁନିୟନଗୁଡ଼ିକ ଦୀର୍ଘଦିନ ହେଲା ଲଢ଼େଇ କରିଆସୁଛନ୍ତି। ପାର୍ଲାମେଣ୍ଟରେ ଗୃହୀତ ୪ ଲେବର କୋଡ୍ ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଚାପିଦେବା ଓ ପଙ୍ଗୁ କରିଦେବା ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା କାର୍ଯ୍ୟ ସମୟ ବୃଦ୍ଧି ପାଇବ। କର୍ମଚାରୀଙ୍କ ଧର୍ମଘଟ କରିବା ଅଧିକାର ରହିବ ନାହିଁ ଏବଂ ନିଯୁକ୍ତିଦାତାଙ୍କ ଦ୍ୱାରା ଶ୍ରମ ଆଇନର ଉଲ୍ଲଂଘନକୁ ଅପରାଧମୁକ୍ତ କରାଯିବ ବୋଲି ଫୋରମ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ବନ୍ଦ୍‌ରେ ସାମିଲ ହେଉଥିବା ସଂଗଠନ

ବନ୍ଦକୁ ସମର୍ଥନ କରୁଥିବା ଟ୍ରେଡ୍ ୟୁନିୟନଗୁଡ଼ିକ ହେଲେ ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ(ଆଇଏନ୍‌ଟିୟୁସି), ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ(ଏଆଇଟିୟୁସି), ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍), ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ (ସିଆଇଟିୟୁ), ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି), ଟ୍ରେଡ୍ ୟୁନିୟନ କୋଅର୍ଡିନେଶନ ସେଣ୍ଟର(ଟିୟୁସିସି), ସେଲ୍ଫ ଏମ୍ପ୍ଲଏଡ୍ ୱିମେନ୍ସ ଆସୋସିଏଶନ (ଏସ୍‌ଇଡବ୍ଲୁଏ), ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନ୍‌ସିଲ୍ ଅଫ୍ ଟ୍ରେଡ୍ ୟୁନିୟନ (ଏଆଇସିସିଟିୟୁ), ଲେବର ପ୍ରୋଗ୍ରେସିଭ୍ ଫେଡେରେଶନ (ଏଲ୍‌ପିଏଫ୍) ଏବଂ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ କଂଗ୍ରେସ (ୟୁଟିୟୁସି)। ଏହା ବ୍ୟତୀତ କୃଷକ ଓ ଗ୍ରାମାଞ୍ଚଳ ଶ୍ରମିକ ସଂଗଠନ ମଧ୍ୟ ବନ୍ଦରେ ଯୋଗଦେବେ।

### ବନ୍ଦ ଯୋଗୁ ପ୍ରଭାବିତ ହେବାକୁ ଥିବା ସେକ୍ଟର

ଭାରତ ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା, ପୋଷ୍ଟାଲ ସେବା, କୋଇଲା ଖଣି ଖନନ ଏବଂ ଶିଳ୍ପାଞ୍ଚଳ ଶାଖା, ରାଜ୍ୟ ପରିଚାଳିତ ପରିବହନ ସେବା ପ୍ରଭାବିତ ହେବ। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ), ବିଭିନ୍ନ ସରକାରୀ ବିଭାଗ ଉପରେ ମଧ୍ୟ ବନ୍ଦ୍‌ର ପ୍ରଭାବ ପଡ଼ିବ। ତେବେ ବନ୍ଦ ପାଳନ ବେଳେ ସ୍କୁଲ୍ ଓ କଲେଜ ଖୋଲା ରହିବ। ଘରୋଇ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ କାର୍ଯ୍ୟ କରିବାକୁ ଥିବାବେଳେ ଟ୍ରେନ୍ ଚଳାଚଳ ବିଳମ୍ବିତ ହୋଇପାରେ ବୋଲି କୁହାଯାଇଛି। ରିପୋର୍ଟ ଅନୁଯାୟୀ, ପଣ୍ଡିଚେରି ଏବଂ ତାମିଲନାଡୁରେ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଥିବାରୁ ବସ୍ ସମେତ ସାଧାରଣ ପରିବହନ ସେବା ବାଧାପ୍ରାପ୍ତ ହେବ। ତେଣୁ ସେଠାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି।



ଟ୍ରେନ୍ ଧକ୍କାରେ ଦୁର୍ଘଟଣାଗ୍ରସ୍ତ ସ୍କୁଲ ବସ୍।

## ସ୍କୁଲ୍ ଭ୍ୟାନ୍‌କୁ ଧକ୍କା...

କ୍ରିଷ୍ଣାସ୍ୱାମୀ ବିଦ୍ୟାନିକେତନ ସ୍କୁଲ୍‌ର ଭ୍ୟାନ ସକାଳ ୭ଟା ୪୫ରେ କୁଡ୍ଡାଲୋର ଏବଂ ଆଲାପ୍ପକ୍କମ ମଧ୍ୟବର୍ତ୍ତୀ ୧୭୦ ନମ୍ବର ଲେବଲ କ୍ରସିଂ ଅତିକ୍ରମ କରୁଥିବାବେଳେ ଭିଲୁପୁରମ୍-ମେଇଲାଦୁଥୁରାଇ ପାସେଞ୍ଜର ଟ୍ରେନ୍ (ନଂ. ୫୬୮୧୩) ଏହାକୁ ଧକ୍କା ଦେଇଥିଲା। ସେତେବେଳେ ଟ୍ରେନ୍‌ର ବେଗ ଘଣ୍ଟାପ୍ରତି ୯୫ କିଲୋମିଟର ଥିଲା ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି। ମୃତ ପିଲାମାନେ ହେଲେ ସୁବ୍ରମଣିପୁରମ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଟି. ଚରୁମଥି, ଏକାଦଶ ଶ୍ରେଣୀରେ ପଢୁଥିବା ତାଙ୍କ ସାନଭାଇ ଟି. ଚେଜ୍ଜିଆନ୍ ଏବଂ ଥୋଣ୍ଡାମନାଥମ୍ ଅଞ୍ଚଳର ଷଷ୍ଠ ଶ୍ରେଣୀରେ ପଢୁଥିବା ଭି. ନିମିଲେଶ। ଚରୁମଥି ଏବଂ ନିମିଲେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଚେଜ୍ଜିଆନ୍ କୁଡ୍ଡାଲୋର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଆଖି ବୁଜିଛନ୍ତି। ଅନ୍ୟ ୬ ଜଣ ଛାତ୍ର ଆହତ ହୋଇଛନ୍ତି। ନିମିଲେଶଙ୍କ ଭାଇ ଭି. ବିଶ୍ୱେଷ (ଏକାଦଶ ଶ୍ରେଣୀ), ଭ୍ୟାନ୍ ଡ୍ରାଇଭର ସି. ଶଙ୍କର(୪୭) ଏବଂ ସହାୟତା ପାଇଁ ଧାଇଁଯାଇଥିବା ସ୍ଥାନୀୟ ବାସିନ୍ଦା ଆନ୍ନାଦୁରାଇ(୫୦) ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଯୋଗୁ ଭୁଶୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ତାର ସଂସ୍ପର୍ଶରେ ଆସି ଆନ୍ନାଦୁରାଇ ଗୁରୁତର ହୋଇଛନ୍ତି। ଟ୍ରେନ୍ ଆସୁଥିବାବେଳେ ଲେବଲ କ୍ରସିଂ ଗେଟ୍ ଖୋଲାଥିଲା ଓ ସେଠାରେ କେହି ଜଗୁଆଳି ସେତେବେଳେ ନ ଥିଲେ। ତେଣୁ ଟ୍ରେନ୍ ଆସୁଥିବା ଜାଣି ନ ପାରି ଭ୍ୟାନ୍ ଲେବଲ କ୍ରସିଂ ଅତିକ୍ରମ କରିବାକୁ ଉଦ୍ୟମ କଲାବେଳେ ଦୁର୍ଘଟଣା ଘଟିଥିଲା ବୋଲି ବର୍ତ୍ତିଯାଇଥିବା ଛାତ୍ର ବିଶ୍ୱେଷ ଏବଂ ଡ୍ରାଇଭର ଶଙ୍କର ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ ଜଗୁଆଳି ଗେଟ୍ ବନ୍ଦ କରିଥିବାବେଳେ ବିଳମ୍ବ ହେଉଥିବା ଦର୍ଶାଇ ଭ୍ୟାନ୍ ଡ୍ରାଇଭର ଅନୁରୋଧ କରିବାରୁ ସେ ଗେଟ୍ ଖୋଲିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସଦର୍ନ ରେଲୱେ ପକ୍ଷରୁ କୁହାଯାଇଛି। ରେଲୱେର ଉକ୍ତ ଅଭିଯୋଗକୁ ଡ୍ରାଇଭର ଏବଂ ଛାତ୍ର ବିଶ୍ୱେଷ ଖଣ୍ଡନ କରିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଗେଟ୍‌କିପର ପଙ୍କଜ ଶର୍ମାଙ୍କୁ ମାଡ଼ ମାରିଥିଲେ। ପୋଲିସ ପହଞ୍ଚି ତାଙ୍କୁ ସୁରକ୍ଷା ମଧ୍ୟରେ ପଣ୍ଡିଚେରି ମେଡିକାଲ କଲେଜକୁ ନେଇଯାଇଥିଲା।

## ଭୂସ୍ଖଳନରୁ ୬୭...

କୁକୁରର ଭୁକିବା ଶବ୍ଦ ଶୁଣି ନରେନ୍ଦ୍ର ଉଠିଯାଇଥିଲେ ଏବଂ ସେ ଦ୍ୱିତୀୟ ମହଲାକୁ ଯାଇ ଦେଖିବା ବେଳକୁ ତାଙ୍କ ଘରର କାନ୍ଥ ଫାଟିଯାଇଥିଲା ଏବଂ ଉକ୍ତ ଫାଟରୁ ଘର ମଧ୍ୟକୁ ପାଣି ପଶୁଥିଲା। ନରେନ୍ଦ୍ର ତୁରନ୍ତ ବିଚଳିତ ହୋଇ ନିଜ କୁକୁର ସହ ତଳକୁ ଯାଇ ପରିବାରର ଅନ୍ୟମାନଙ୍କୁ ଉଠାଇଥିଲେ। ଏହାପରେ ସେ ପଡ଼ୋଶୀ ଏବଂ ଗ୍ରାମର ଅନ୍ୟ ଲୋକଙ୍କୁ ଉଠାଇ ଲଗାଣ ବର୍ଷା ଯୋଗୁ ଘରଗୁଡ଼ିକର କାନ୍ଥ ଫାଟି ପାଣି ପଶୁଥିବା ନେଇ ସତର୍କ କରାଇଥିଲେ। ଫଳରେ ଭୂସ୍ଖଳନ ଭୟରେ ଗ୍ରାମବାସୀ ତୁରନ୍ତ ସେମାନଙ୍କ ଘରଛାଡ଼ି ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ସିଆଠୀ ଗ୍ରାମରେ ଭୂସ୍ଖଳନ ଘଟିଥିଲା, ଯାହାଫଳରେ ଗ୍ରାମର ଅଧିକାଂଶ ଘର ମାଟିରେ ମିଶିଯାଇଥିଲା।

ଗତ ୭ ଦିନ ଧରି ସିଆଠୀ ଗ୍ରାମବାସୀମାନେ ନିକଟସ୍ଥ ତ୍ରିୟମ୍ବଲା ଗ୍ରାମର ନୈନାଦେବୀ ମନ୍ଦିରର ମୁଖଶାଳାରେ ସ୍ଥାପନ କରାଯାଇଥିବା ରିଲିଫ୍ ଶିବିରରେ ରହୁଛନ୍ତି। ଭୂସ୍ଖଳନରେ ଗ୍ରାମର ୨୬ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମୁଦାୟ ୬୭ ଜଣ ପ୍ରଭାବିତ ହୋଇଛନ୍ତି। ସେହିପରି ଗ୍ରାମରେ ଥିବା ୭୬ ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ୨୦ ତାରିଖରେ ହିମାଚଳ ପ୍ରଦେଶରେ ମୌସୁମୀ ପହଞ୍ଚିବା ପରଠାରୁ ବନ୍ୟା ଏବଂ ଭୂସ୍ଖଳନ ପରି ବର୍ଷା ଜନିତ ବିଭିନ୍ନ କାରଣରୁ ବର୍ତ୍ତମାନ ସୁଦ୍ଧା ୭୮ ଜଣଙ୍କର ମୃତ୍ୟୁ ଘଟିସାରିଲାଣି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେ ଦେଶ ଯାଇ
ସେ ଫଳ ଖାଇ।**

ଦେଶ ଅନୁସାରେ ଅଚାରଣର ଭିନ୍ନତା। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳନ ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେଉଁ ଦେଶକୁ ଯିବ, ସେ ଦେଶର ନୀତିନିୟମରେ ଚଳିବାକୁ ହେବ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଯା' ନଣନ୍ଦରେ ଘର ମୋହର
ଯାହାକୁ କରିବି ଦୂର୍ ଦୂର୍
ସେ କରିବ ମତେ ସାତପର।**

ସାଧାରଣତଃ ବହୁ କୁଟୁମ୍ବରେ ରହୁଥିବା ବ୍ୟକ୍ତି ସମସ୍ତଙ୍କ ମନ ନେଇ ଚଳିବାକୁ ପଡ଼ିଥାଏ। ଆପଣାର ଲୋକଙ୍କୁ ଅବଜ୍ଞା କଲେ ବା ଦୂର୍ ଦୂର୍ କଲେ ସମ୍ପର୍କ ହାନି ହେବାର ଯଥେଷ୍ଟ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁ ମତାନ୍ତର, ଧନହାନି ଓ କାମରେ ପ୍ରତିରୋଧର ସମ୍ମୁଖୀନ ହେବେ। ପାରିବାରିକ ସମସ୍ୟା ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ପ୍ରିୟଜନଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମକାର୍ଯ୍ୟରେ ମନ ଦେବେ।

**ବୃଷ** - ଆଜି ରାଶ୍ୟାଧିପତି ସ୍ୱଗୃହରେ ରହିଥିବାରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଭୋଗବିଳାସ ପ୍ରତି ଆକର୍ଷିତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟାକଲେ ସଫଳତା ପାଇବେ। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବ। କର୍ମକ୍ଷେତ୍ରରେ କେହି ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇବେ।

**ମିଥୁନ** - ମୁଖଭାବରେ ବୁଧ ଆପଣଙ୍କ ମନର ଭାବ ଓ ଭାଷାକୁ କଠୋରକରି ସମସ୍ୟା ସୃଷ୍ଟି କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜକରି କାମ ଚଳାଇବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ମଉଳିଯାଇଥିବା ଆଶା କଅଁଳି ଉଠିବ। କର୍ମକ୍ଷେତ୍ରର ବିବାଦୀୟ କଥାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**କର୍କଟ** - ଆଜିର ଚନ୍ଦ୍ର ଷଷ୍ଠଭାବରେ ରହିଥିବାରୁ କୌଣସି ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂରହେବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ।

**ସିଂହ** - ରାଶ୍ୟାଧିପ ଲାଭଭାବରେ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଶୀର୍ଷସ୍ଥାନରେ ରହିପାରନ୍ତି। କିନ୍ତୁ ଭୁଲ୍ ବୁଝାମଣା ଯୋଗୁ ବନ୍ଧୁମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟି ବନ୍ଧୁମିଳନ, ମୂଲ୍ୟବାନ୍ ଜିନିଷ କ୍ରୟ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ। ଅତ୍ୟାବଶ୍ୟକ କାର୍ଯ୍ୟ ସକାଶେ ଧାରକରଜ କରିବାକୁ ପଡ଼ିପାରେ।

**କନ୍ୟା** - ଏକାଦଶାଧିପ ଚନ୍ଦ୍ର କେନ୍ଦ୍ର ସ୍ଥାନରେ ଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହୋଇଯିବ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କିନ୍ତୁ ବନ୍ଧୁ ଗହଣରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରତିଯୋଗିତାଦି କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା** - ଭାଗ୍ୟାଧିପ କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ଆପଣଙ୍କ ଚେଷ୍ଟା ନିଷ୍ଫଳ ହେବନାହିଁ। କିନ୍ତୁ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବା ଆଶଙ୍କା ରହିଛି। ବନ୍ଧୁ ତଥା ପରିଜନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା ,ସାହିତ୍ୟ, ସଙ୍ଗୀତ ସାଧନାଦି ମନ୍ଦ ହେବନାହିଁ।

**ବିଛା** - ମୁଖଭାବରେ ଚନ୍ଦ୍ର ରହିଥିବାରୁ ଆପଣଙ୍କ ବ୍ୟବହାର ଲୋକପ୍ରିୟତା ବୃଦ୍ଧିକରିବ। ଯାତ୍ରା, ବାଣିଜ୍ୟ ଓ କାର୍ଯ୍ୟସାଧନ ଦିଗରେ ପ୍ରତିବନ୍ଧକ ରହିବ ନାହିଁ। ସମସ୍ୟା ଲାଗି ରହିଥିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ସଫଳତା ପ୍ରାପ୍ତହେବେ। ସତର୍କତା ରକ୍ଷା ନ କଲେ ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅପମାନିତ ହୋଇପାରନ୍ତି।

**ଧନୁ** - ଅଷ୍ଟମାଧିପତି ରାଶିରେ ଥିବାରୁ କୌଣସି ସମସ୍ୟା ସମାଧାନ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ। ପଡ଼ୋଶୀଙ୍କ ସାହାଯ୍ୟ ହେତୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର** - ଦୁର୍ବଳ ଚତୁର୍ଥାଧିପଙ୍କ ସହ କେତୁଯୁକ୍ତ ଯୋଗୁ ଉଦ୍ଦେଶ୍ୟ ପୂରଣ କଷ୍ଟସାଧ୍ୟ ହୋଇପାରେ। ଇଚ୍ଛା କଲେ ମଧ୍ୟ କୌଣସି ମନସ୍ଥ ଜିନିଷ କିଣି ନ ପାରି ପସ୍ତେଇବେ। ଆଜିର ଯାତ୍ରା, ବ୍ୟବସାୟ, ପାରିବାରିକ ସ୍ଥିତି ଓ ବନ୍ଧୁସମ୍ପର୍କ ଉତ୍ତମ ରହିବ। ସାମୂହିକ ଆଲୋଚନା, ଧାର୍ମିକ ସଙ୍ଗଠନ, ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ଦୂରହେବ।

**କୁମ୍ଭ** - ଧନ ସ୍ଥାନରେ ଶନି ଆପଣଙ୍କୁ ନିରୁତ୍ସାକରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ରିସ୍କ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ପ୍ରିୟଜନଙ୍କ ସହ ଆଜିର ପ୍ରାତଃ ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ମୀନ** - ଶୁଭଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ଆକର୍ଷଣୀୟ ଜିନିଷ ପ୍ରାପ୍ତିର ଯୋଗ ରହିଛି। କର୍ମକ୍ଷେତ୍ରରେ ବାରମ୍ବାର ଅସଫଳ ହେବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସନ୍ତାନଙ୍କ କୃତି ଓ କୃତିତ୍ୱଜନିତ ଗୌରବାନ୍ୱିତ ମନେକରିବେ। ସାହିତ୍ୟ, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ, ବୁଧବାର, ଶିବଶୟନ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ମୂଳା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭।୫୫ ଗତେ, ଘ.୦୮।୩୪ ମଧ୍ୟେ,୧୦।୧୩ ଗତେ, ଘ. ୧୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୩୦ ମଧ୍ୟେ ରାହୁକାଳ।

# ଶ୍ରମିକ ବିରୋଧୀ ନିଷ୍ପତ୍ତି ଅଗ୍ରହଣୀୟ

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ଆଭିମୁଖ୍ୟକୁ ବିରୋଧ କରି ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ସେମାନଙ୍କ ସହଯୋଗୀ ସଂଗଠନ ଜୁଲାଇ ୯ତାରିଖ ବୁଧବାର ଭାରତ ବନ୍ଦ ଡାକରା ଦେଇଛନ୍ତି। ଏଥିରେ ବ୍ୟାକିଙ୍ଗ, ବୀମା, ଡାକସେବାଠାରୁ ଆରମ୍ଭ କରି ବିଭିନ୍ନ ନିର୍ମାଣ କ୍ଷେତ୍ରରେ ନିୟୋଜିତ ପ୍ରାୟ ୨୫କୋଟିରୁ ଉର୍ଦ୍ଧ୍ୱ ଶ୍ରମିକ ଏବଂ କର୍ମଚାରୀ ସାମିଲ ହେବେ ବୋଲି କୁହାଯାଉଛି। କେନ୍ଦ୍ର ସରକାର ପୂର୍ବର ଶ୍ରମ ଆଇନ ପରିବର୍ତ୍ତନ କରି ଆଣିଥିବା ନୂତନ ୪ଟି ଶ୍ରମ କୋର୍ଡ ଲାଗୁ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା କର୍ପୋରେଟ ସପକ୍ଷବାଦୀ ବୋଲି ଶ୍ରମିକ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି। ସରକାରଙ୍କ ଶ୍ରମିକ ବିରୋଧୀ ନୀତି କେବେବି ଗ୍ରହଣୀୟ ନୁହେଁ ବୋଲି ବିଭିନ୍ନ ଶ୍ରମିକ ନେତାମାନେ ମତପ୍ରକାଶ କରିଛନ୍ତି।



ଜୁଲାଇ ୯ରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମଞ୍ଚ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରରେ ବାହାରିଥିବା ମଶାଲ ଶୋଭାଯାତ୍ରା।

## ସରକାର ଦାବି ନ ମାନିଲେ ଆଗାମୀ ସ୍ଥିତି ଭୟାବହ ହେବ



କେନ୍ଦ୍ର ସରକାର ଶ୍ରମିକମାରଣ ନୀତି ଆପଣାଉଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବନ ଦୁର୍ବିଷହ ହୋଇପଡିଲାଣି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତି ୫ବର୍ଷରେ ଥରେ ମଜୁରି ବୃଦ୍ଧି କରାଯିବା ଦରକାର। ପ୍ରତ୍ୟେକ ବର୍ଷ ଇଣ୍ଡିଆନ୍ ଲେବର କନ୍‌ଫରେନ୍ସ ହେଉଥିଲା। ମାତ୍ର ମୋଦି ସରକାର ଆସିବା ପରେ ୨୦୧୪ ପରଠାରୁ ଏହା ହେଉନାହିଁ। ଶ୍ରମକୋଡ୍ ବାତିଲ, ଆଉଟ୍‌ସୋର୍ସିଂ ବନ୍ଦ, ଦରଦାମ୍ ବୃଦ୍ଧି ବନ୍ଦ, ଜାତୀୟ ସମ୍ପଦର ଘରୋଇକରଣ ବନ୍ଦ, ସ୍କିଲ୍ ୱାର୍କରମାନଙ୍କୁ ଶ୍ରମିକର ମାନ୍ୟତା, ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା କରିବାକୁ ଦାବି ହେଉଛି। ସରକାର ନ ମାନିଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଭୟାବହ ହେବ।

**- ମହେନ୍ଦ୍ର ପରିଡ଼ା, ସଂଯୋଜକ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ**

## ଶ୍ରମିକ ମାରଣ ନୀତି ବନ୍ଦ ହେଉ



କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ୧୭ ଦଫା ଦାବି ନେଇ ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦିଆଯାଇଛି। ଟିୟୁଏସିସି ନେତୃତ୍ୱରେ ବାଲେଶ୍ୱରରେ ସମସ୍ତ ଶ୍ରମିକ ସଙ୍ଗଠନର ମିଳିତ ମଞ୍ଚ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନରେ ସାମିଲ ହେବେ। ସମସ୍ତ ଗାଡ଼ିମୋଟର, କୋର୍ଟ କଚେରୀ, ସ୍କୁଲ କଲେଜ, ଟ୍ରେନ୍, ସରକାରୀ ଦପ୍ତର, ଶିକ୍ଷାନୁଷ୍ଠାନ, ମାର୍କେଟ୍, ଦୋକାନ ବନ୍ଦ ରହିବ। ଶ୍ରମିକ ବିରୋଧୀ ଶ୍ରମ ଆଇନ୍ ବାତିଲ୍, ଦରଦାମ୍ ବୃଦ୍ଧି ହ୍ରାସ କରିବା ଆଦି ୧୭ ଦଫା ଦାବି ପୂରଣ ଦିଗରେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

**- ଗୌରାଙ୍ଗ ପାଣିଗ୍ରାହୀ, ଟିୟୁଏସିସିର ସାଧାରଣ ସମ୍ପାଦକ, ବାଲେଶ୍ୱର**

## ଶ୍ରମିକଙ୍କ ପ୍ରତିବାଦ କରିବାର ଅଧିକାର ରହିବ ନାହିଁ



କେନ୍ଦ୍ର ସରକାର ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାର ଶ୍ରମ ଆଇନକୁ ପରିବର୍ତ୍ତନ କରି ଶ୍ରମ କୋଡ୍‌ରେ ପରିଣତ କରିଛନ୍ତି, ଯାହାକି ଶ୍ରମିକଙ୍କ ଅଧିକାରକୁ କ୍ଷୁଣ୍ଣ କରୁଛି। ଏହାଦ୍ୱାରା ଶ୍ରମିକମାନଙ୍କ ଧର୍ମଘଟ କିମ୍ବା ପ୍ରତିବାଦ କରିବାର ଅଧିକାର ରହିବ ନାହିଁ। ସଂଘର ଦାବି ପ୍ରତି କେନ୍ଦ୍ର ସରକାର ବିଚାର କରନ୍ତୁ।

**- ରଘୁନାଥ ପଣ୍ଡା, ସଭାପତି, ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ**

## ଶ୍ରମିକ ବିରୋଧୀ ଆଇନ ରଦ୍ଦ ହେଉ



ସ୍ୱାଧୀନତାର ବହୁ ପୂର୍ବରୁ ଶ୍ରମିକମାନେ ଲଢ଼େଇ କରି ଟ୍ରେଡ୍ ୟୁନିୟନ ଗଠନ କରିବାର ଅଧିକାର, ବୋନସ୍, ପେନ୍‌ସନ ଆଦି ଆଇନଗତ ଅଧିକାର ପାଇଥିଲେ। ଏବେ ସେହି ସମସ୍ତ ୧୫ଟି ଆଇନକୁ ସଂଶୋଧନ କରି କେନ୍ଦ୍ର ସରକାର ଶ୍ରମିକ ବିରୋଧୀ ୪ଟି କୋଡ୍ ଲାଗୁ କରିଛନ୍ତି। ସେହିପରି ଦରଦାମ୍ ଅହେତୁକ ଭାବେ ବଢ଼ୁଛି। ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରଣୟନ କରି ୟୁନିଟ୍ ପିଛା ୯ ଟଙ୍କା କରିବେ ଏବଂ ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରିବେ। ଆଦାନୀ, ଅମ୍ବାନୀ ପରି ଧନୀ ଶ୍ରେଣୀର ଲୋକଙ୍କୁ ଋଣ ଛାଡ଼ କରାଯାଉଥିବା ବେଳେ ସାଧାରଣ ଲୋକଙ୍କ ନିକଟରୁ ଟ୍ୟାକ୍ସ ଆଦାୟ କରାଯାଉଛି। ବ୍ୟାଙ୍କ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ କର୍ପୋରେଟ୍ କମ୍ପାନୀକୁ ସରକାର ହସ୍ତାନ୍ତର କରୁଛନ୍ତି। ତେଣୁ ଏଭଳି ଶ୍ରମିକ ବିରୋଧୀ ଆଇନ ରଦ୍ଦ କରିବା ଦାବିରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି।

**- ଦିବ୍ୟସିଂହ ନାୟକ, ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତିର ଜିଲା ସଭାପତି, ଭଦ୍ରକ**

## ରାଜ୍ୟ, କେନ୍ଦ୍ର ସରକାରଙ୍କ ଅସଫଳତାର ପ୍ରତିବାଦ କରାଯିବ



କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଭାରତ ସରକାରଙ୍କ ଅଧୀନରେ ଥିବା ବନ୍ଦର, ଏୟାରପୋର୍ଟ ଭଳି ବହୁ ଉଦ୍ୟୋଗ ଏବେ ଆଦାନୀ, ଅମ୍ବାନୀ ଭଳି କମ୍ପାନୀ ହାତରେ ରହିଛି। ଦେଶରେ ଗୋଟିଏ ହେଲେ କଳକାରଖାନା ପ୍ରତିଷ୍ଠା ହୋଇନାହିଁ ବରଂ ବନ୍ଦ ହୋଇଛି। ୧୫ ହଜାର ଟଙ୍କା ଲୋକଙ୍କୁ ମିଳିଲା ନାହିଁ କିମ୍ବା ନିଯୁକ୍ତି ମିଳିଲା ନାହିଁ। ଯାହା ସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସବୁ ମିଛ ପ୍ରମାଣିତ ହୋଇସାରିଛି। ଶ୍ରମିକଙ୍କ କାର୍ଯ୍ୟ ଅବଧିକୁ ୮ ଘଣ୍ଟାରୁ ବୃଦ୍ଧି କରି ୧୦ ଘଣ୍ଟା କରିବାକୁ ଯାଉଛନ୍ତି। କେନ୍ଦୁଝର ଭଳି ଜିଲାରେ ଓଏମ୍‌ଡିସି ସଂସ୍ଥାର କର୍ମଚାରୀ ୯ ମାସ ହେଲା ଦରମା ପାଇ ପାରୁ ନ ଥିବା ବେଳେ ଜିଲାରେ ଐତିହ୍ୟସମ୍ପନ୍ନ କଳିଙ୍ଗ ଲୁହା କାରଖାନାର ପୁନରୁଦ୍ଧାର ହୋଇପାରୁ ନାହିଁ। ଏହିସବୁ କାରଣରୁ ଭାରତ ବନ୍ଦ କରାଯାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅସଫଳତାର ପ୍ରତିବାଦ କରାଯିବ।

**- ଇନ୍ଦ୍ରମଣି ବେହେରା, ସିଆଇଟିୟୁର ରାଜ୍ୟ ଉପସଭାପତି, କେନ୍ଦୁଝର**

## ଶ୍ରମିକଙ୍କ ଅଧିକାରକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚାଲିଛି



ଦରଦାମ୍ ବୃଦ୍ଧି, ତ୍ରୁଟିପୂର୍ଣ୍ଣ ମଜୁରି ନିର୍ଦ୍ଧାରଣ, ସରକାରଙ୍କ ଶ୍ରମିକ ମାରଣ ନୀତି, ଶ୍ରମକୋଡ୍, ଲଗାମଛଡ଼ା ଘରୋଇକରଣ, ଆଖିବୁଜା ଠିକାକରଣ, ଆଉଟସୋର୍ସିଂ ଆଳରେ ଶୋଷଣ, କର୍ପୋରେଟର ସପକ୍ଷବାଦୀ, କୃଷକ ବିରୋଧୀ ନୀତି ଆଦି ପ୍ରତିବାଦରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଶ୍ରମ ଆଇନକୁ ରଦ୍ଦ କରି ତା' ସ୍ଥାନରେ ୪ଟି ଶ୍ରମକୋଡ୍ ପ୍ରସ୍ତୁତ କରି ଲାଗୁ କରି ଶ୍ରମିକମାନଙ୍କ ଅଧିକାରକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚାଲିଛି। ଏହାଦ୍ୱାରା ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ ଓ ଶୋଷଣ ବଢ଼ିବ। ଏଣୁ ରଦ୍ଦ ହେବା ଜରୁରୀ। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ଏକଜୁଟ ହୋଇ ଏହାର ପ୍ରତିବାଦ, ଆନ୍ଦୋଳନ କରିଆସୁଥିବାବେଳେ ଏବେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି।

**- ମହେଶ୍ୱର ରାଉତ, ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି, କେନ୍ଦୁଝର**

## ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମର୍ଥନ ଦିଆଯାଇଛି



କେନ୍ଦ୍ର ସରକାର ଶ୍ରମିକମାନଙ୍କୁ ବାରମ୍ବାର ଶୋଷଣ କରୁଛନ୍ତି। ଏହି ଶ୍ରମିକ ମାରଣ ନୀତି ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଶ୍ରମିକମାନଙ୍କ ଏକତା ଓ ସ୍ୱାର୍ଥର ସୁରକ୍ଷା ପାଇଁ ଆନ୍ଦୋଳନକୁ ସମର୍ଥନ ଦିଆଯାଇଛି।

**- ଲକ୍ଷ୍ମୀଧର ସାହୁ, ରାଜ୍ୟ ଉପ ସାଧାରଣ ସମ୍ପାଦକ, ହିନ୍ଦ୍ ମଜୁଦର ସଭା, ଢେଙ୍କାନାଳ**

## ଶ୍ରମିକ କୋର୍ଡ ଆଇନ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନୁହେଁ



କେନ୍ଦ୍ର ସରକାର ଯେଉଁ ଶ୍ରମିକ କୋର୍ଡ ଆଇନ ଆଣୁଛନ୍ତି ତାହା ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନୁହେଁ। ଏଥିରୁ ଶ୍ରମିକ ବିବାଦୀୟ ଆଇନ, କାରଖାନା ଆଇନ ଭଳି ୧୫ଟି ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ଆଇନକୁ ବାଦ୍ ଦିଆଯାଇଛି। ଶ୍ରମିକମାନଙ୍କୁ ବୃତ୍ତିଶ୍ରମିକ ଭାବରେ ଖଟାଇବା ପାଇଁ ଏହି ଆଇନ ପ୍ରଣୟନ କରାଯାଉଛି। ଏଥିପାଇଁ ସାରା ଭାରତରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

**- ଡ. ଉପେନ୍ଦ୍ର କୁମାର ଶର୍ମା, ଅନୁଗୋଳ ଜିଲା ସାଧାରଣ ସମ୍ପାଦକ, ସିଆଇଟିୟୁ**

## ଶ୍ରମଶୋଷଣ କରୁଛନ୍ତି କେନ୍ଦ୍ର ସରକାର



ଶ୍ରମିକମାନଙ୍କ ପକ୍ଷରୁ ୧୩ଟି ଦାବି କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। କିନ୍ତୁ ଶ୍ରମିକମାନଙ୍କୁ ସହଯୋଗ କରିବା, ସେମାନଙ୍କ ଆର୍ଥିକ ବ୍ୟବସ୍ଥାର ଉନ୍ନତି କରିବା ପରିବର୍ତ୍ତେ କେନ୍ଦ୍ର ସରକାର ସେମାନଙ୍କଠାରୁ ଶ୍ରମଶୋଷଣ କରୁଛନ୍ତି। ସରକାର ବିରୋଧି ଦଳର କୌଣସି ପରାମର୍ଶ ନ ନେବା କାରଣରୁ ଏହି ଆଇନର ପରିପକ୍ୱତା ରହୁନାହିଁ। ନୂତନ ଆଇନ ଆସିଲେ ଶ୍ରମିକମାନେ ବୃତ୍ତି ଶ୍ରମିକ ଭାବେ କାର୍ଯ୍ୟ କରିବେ।

**- ବ୍ରଜବନ୍ଧୁ ସାହୁ, ଅନୁଗୋଳ ଜିଲା ସମ୍ପାଦକ, ଏଆଇୟୁଟିୟୁସି**

## ୪ ଶ୍ରମକୋଡ୍‌ର ପ୍ରତ୍ୟାହାର ଜରୁରୀ



କେନ୍ଦ୍ର ସରକାର ଦେଶରେ ଶ୍ରମିକମାନଙ୍କ ଅଧିକାରକୁ ଗୌଣ କରି କର୍ପୋରେଟ ହାଉସ୍ ଓ ପୁଞ୍ଜିପତିମାନଙ୍କୁ ଗୁରୁତ୍ୱ ଦେବାରୁ ସେମାନେ ଲାଭବାନ ହୋଇଚାଲିଛନ୍ତି। ସରକାର ଶ୍ରମିକଙ୍କ ସ୍ୱାର୍ଥ ଲାଗି ପ୍ରଚଳିତ ଥିବା ୪୪ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମକୋଡ୍ ପ୍ରଚଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ଶ୍ରମକୋଡ୍ ଶ୍ରମିକଙ୍କୁ ନିରସ୍ତ୍ର କରିବା ପାଇଁ ଉଦ୍ଦିଷ୍ଟ। ଶ୍ରମିକ ବିରୋଧୀ ଶ୍ରମକୋଡ୍‌କୁ ପ୍ରତ୍ୟାହାର ପାଇଁ ୯ ତାରିଖ ଅର୍ଥାତ୍ ବୁଧବାର ସର୍ବଭାରତୀୟ ଟ୍ରେଡ ୟୁନିୟନ ଧର୍ମଘଟ ଡାକରା ଦେଇଛି। ଧର୍ମଘଟରେ କେବଳ ଶ୍ରମିକ ଓ କର୍ମଚାରୀ ନୁହନ୍ତି କୃଷକମାନେ ମଧ ସାମିଲ ହେଉଛନ୍ତି।

**- ବିଶ୍ୱନାଥ ମହାପାତ୍ର, ବରିଷ୍ଠ ଶ୍ରମିକ ଓ କୃଷକ ନେତା, ନୟାଗଡ଼**

## ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇଛୁ



ବିନା ବିତର୍କରେ ୨୦୨୦ ଲୋକ ସଭାରେ ଏକ ଅଧାଦେଶ ଜରିଆରେ ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି କୋଡ୍‌ରେ ପରିଣତ କରାଗଲା। ଏଥିରେ ଶ୍ରମିକମାନଙ୍କ ବହୁ ଅଧିକାର ସଙ୍କୁଚିତ ହେଲା। ସ୍ୱାସ୍ଥ୍ୟ, ସୁରକ୍ଷା, ଦରମା, ବିବାଦୀୟ ଆଇନ ଇତ୍ୟାଦିର ଗୁରୁତ୍ୱ ହ୍ରାସ ପାଇଲା। ଶିଳ୍ପପତିମାନଙ୍କୁ ଏହି ଆଇନରେ ସଭ୍ୟ କରାଗଲା। ନୂତନ ଶ୍ରମିକ ସଂଘ ଗଠନ ଉପରେ କଟକଣା ଜାରି ହେଲା। ବିନା କାରଣରେ ଶ୍ରମିକଙ୍କୁ ଛଟେଇ କରାଯିବା ସହ କାର୍ଯ୍ୟ ସମୟ ବୃଦ୍ଧି ହେଲା। ଏହା ବିରୋଧରେ ଆମେ ଗତ ୪ ବର୍ଷ ଧରି ଧର୍ମଘଟ କରିଆସିଛୁ। ସେଥିପାଇଁ ବୁଧବାର ଭାରତ ବନ୍ଦ ଡାକରା ଦେଇଛୁ।

**- ବିଦ୍ୟାଧର ମହାନ୍ତି, ଯାଜପୁର ଜିଲା ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ**

## ଶ୍ରମିକ,କୃଷକଙ୍କ ଆର୍ଥିକ ସ୍ଥିତି ଅତି ଦୟନୀୟ



ଦେଶର ୯୦ ପ୍ରତିଶତ ଲୋକ ଏବେ ଆର୍ଥିକ ଅନଟନରେ ଅଛନ୍ତି। ଏଥିରେ ଶ୍ରମଜୀବୀଙ୍କଠାରୁ କୃଷକ ପର୍ଯ୍ୟନ୍ତଙ୍କ ଜୀବନ ଅତି ଦୟନୀୟ ହୋଇପଡ଼ିଛି। କେନ୍ଦ୍ର ସରକାରଙ୍କ କୃଷି ନୀତି ସହ ଅନ୍ୟ କେତେକ ଯୋଜନା ଏଥିପାଇଁ ଦାୟୀ। ଭାରତରେ ଦେଶୀ ଓ ବିଦେଶୀ ସାମ୍ରାଜ୍ୟବାଦୀ ତଥା ପୁଞ୍ଜିପତିମାନେ ନିଜର ପ୍ରଭାବ ବିସ୍ତାର କରି ଗରିବଙ୍କୁ ଶୋଷଣ କରୁଛନ୍ତି। ଶ୍ରମକୋଡ୍ ଲାଗୁ କରି ଶ୍ରମିକମାନଙ୍କ ଅଧିକାର ଛଡ଼ାଇନେବାକୁ କେନ୍ଦ୍ର ସରକାର ସୁଯୋଗ ଖୋଜୁଛନ୍ତି। ଏହାର ପ୍ରତିବାଦରେ ଆମେ ଭାରତ ବନ୍ଦ ଡାକରା ଦେଇଛୁ।

**- ଗୟାଧର ଧଳ, ଶ୍ରମିକ ନେତା, କେନ୍ଦ୍ରାପଡ଼ା**

## ଆଗକୁ ଆନ୍ଦୋଳନ ତୀବ୍ର ହେବ



କେନ୍ଦ୍ର ସରକାରଙ୍କ ଶ୍ରମିକ, ଚାଷୀ ମାରଣ ନୀତି, ଚାରି ଶ୍ରମ କୋଡକୁ ବାତିଲ, ସରକାରୀ ଅନୁଷ୍ଠାନଗୁଡ଼ିକୁ ଘରୋଇକରଣ କରିବା, ଅହେତୁକ ଦରଦାମ ବୃଦ୍ଧି, ଆଞ୍ଚଳିକ ସମସ୍ୟା ଏବଂ ଗୋପାଳପୁର ପୋର୍ଟ, ଆଇଆରଇଏଲ, ଟାଟା କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁ ନ ଥିବା ପ୍ରତିବାଦରେ ଏହି ସର୍ବଭାରତୀୟ ଧର୍ମଘଟ କରାଯାଉଛି। ସମସ୍ୟା ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ।

**- ଇଜୁ ଆମିନ ଖାନ୍, ଆଇଏନ୍‌ଟିୟୁସି, ଛତ୍ରପୁର**

## ଶ୍ରମିକଙ୍କ ସୁବିଧା ସୁଯୋଗ ପ୍ରତିହତ ହେବ



କୋଭିଡ ସମୟରେ କେନ୍ଦ୍ର ସରକାର ପୂର୍ବ ୪୪ଟି ଶ୍ରମ ଆଇନକୁ ୪ଟି ଶ୍ରମକୋଡ୍‌ରେ ସୀମିତ ରଖିଛନ୍ତି। ଏହାଦ୍ୱାରା ମୁଖ୍ୟତଃ ଇସ୍ପାତ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକ, ଘରୋଇ ସଂସ୍ଥାରେ କାମ କରୁଥିବା ଶ୍ରମିକମାନେ ବିଶେଷ ଭାବେ ପ୍ରଭାବିତ ହେବେ। ଏହି ନୂତନ ଆଇନ ଯୋଗୁ ୧୯୬୫ ମସିହା ବୋନସ ଆଇନ ଉଚ୍ଛେଦ ହେବା ସହ ଶ୍ରମିକମାନେ ଯେଉଁ ସୁବିଧା ସୁଯୋଗକୁ ଆଇନଗତ ଲଢେଇ ଦ୍ୱାରା ହାସଲ କରୁଥିଲେ, ତାହା ପ୍ରତିହତ ହେବ। ଏଣୁ ଏହି ବନ୍ଦ ପାଳନକୁ ରାଉରକେଲା ହିନ୍ଦ୍ ମଜଦୁର ସଭା ପୂର୍ଣ୍ଣ ସମର୍ଥନ କରୁଛି।

**- ଦିଗମ୍ବର ମହାନ୍ତି, ରାଜ୍ୟ ସମ୍ପାଦକ, ହିନ୍ଦ୍ ମଜଦୁର ସଭା**

## କେନ୍ଦ୍ର ସରକାରଙ୍କ ମନମାନିକୁ ବିରୋଧ



ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା, ସମାନ କାର୍ଯ୍ୟକୁ ସମାନ ଦରମା, ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ, ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ସମେତ ୧୭ ଦଫା ଦାବିରେ ବିଭିନ୍ନ ଶ୍ରମ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଲୋକମାନେ ଏହି ଧର୍ମଘଟକୁ ନିଶ୍ଚିତ ସଫଳ କରିବେ। ଧର୍ମଘଟରେ ସୁନ୍ଦରଗଡ଼ ଜିଲାର ସମସ୍ତ ପରିବହନ ଶ୍ରମିକ, ଏଲ୍‌ଆଇସି, ବ୍ୟାଙ୍କ ସମେତ ଶ୍ରମିକ ଓ ଜନସାଧାରଣ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ମନମାନି ବିରୋଧରେ ସ୍ୱର ଉତ୍ତୋଳନ କରିବେ।

**- ବିଷ୍ଣୁ ମହାନ୍ତି, ସିଆଇଟିୟୁ ସର୍ବଭାରତୀୟ ଉପାଧ୍ୟକ୍ଷ**

## ଶ୍ରମିକ, କୃଷକଙ୍କ ହକ୍ ପାଇଁ ଆନ୍ଦୋଳନ



କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ଆଭିମୁଖ୍ୟକୁ ନେଇ ଏହି ସାଧାରଣ ଧର୍ମଘଟର ଆହ୍ୱାନ ଦିଆଯାଇଛି। ପୂର୍ବର ଶ୍ରମ ଆଇନ ପରିବର୍ତ୍ତନ କରି ୪ଟି ଶ୍ରମ କୋଡ୍ କରି ପୁଞ୍ଜିପତି ଓ ଏକଚାଟିଆ ମାଲିକମାନଙ୍କ ସପକ୍ଷରେ ଆଇନ ପ୍ରଣୟନ ହୋଇଛି। ଅଙ୍ଗନୱାଡି, ଆଶାକର୍ମୀଙ୍କ ଭଳି ସ୍କିଲ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ବଦ୍ଧ ସରକାର ଏଥିରେ ପଛଘୁଞ୍ଚା ଦେଇଛି। କୃଷକଙ୍କ ଉତ୍ପାଦିତ ସାମଗ୍ରୀର ଆଇନ ଅନୁମୋଦିତ ମୂଲ୍ୟ ଧାର୍ଯ୍ୟ ହୋଇପାରୁନାହିଁ। ଶ୍ରମିକ ଏବଂ କୃଷକଙ୍କ ହକ୍ ଦାବି ହାସଲ ପାଇଁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି।

**- ଅଶୋକ କୁମାର ଦାଶ, ରାଜ୍ୟ ସଭାପତି, ଏଆଇଟିୟୁସି**

## ପୁଞ୍ଜିପତିଙ୍କୁ ଅନୁକମ୍ପା, ମଧ୍ୟବିତ୍ତଙ୍କୁ ଶୋଷଣ



କେନ୍ଦ୍ର ସରକାର ବାରମ୍ବାର ଶ୍ରମିକଙ୍କୁ ଅଣଦେଖା କରିଚାଲିଛନ୍ତି। ଅନ୍ୟପଟେ ଶ୍ରମିକ ବିରୋଧୀ ଆଇନ ଆଣୁଛନ୍ତି। ଶ୍ରମିକଙ୍କ ମଜୁରୀ ବଢୁନି ହେଲେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରାଯାଉଛି। ଫଳରେ ଶ୍ରମିକମାନେ ନିଜ ସ୍ୱାଧୀନତା ହରାଇ ବସିଛନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ଶ୍ରମିକଙ୍କ ଉପରେ ମାତ୍ରାଧିକ ବୋଝ ଲଦି ଦେଉଛନ୍ତି। ଆଜି ମଧ ଚାଷୀ ନିଜର ହକ୍ ପାଇପାରି ନ ଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟା ଅସମାହିତ ରହିଛି। ଏହାର ପ୍ରତିବାଦରେ ଭାରତ ବନ୍ଦ ଡାକରା ଦିଆଯାଇଛି।

**- ବ୍ରହ୍ମାନନ୍ଦ ମହାକୁଡ଼, ଜିଲା ସଭାପତି, ଆଇଏନ୍‌ଟିୟୁସି, ବରଗଡ଼**

## ବିଏମ୍‌ଏସ୍ ଦେଶ ପ୍ରଗତିରେ ବାଧା ସୃଷ୍ଟି କରେନି



ବିଏମ୍‌ଏସ୍ ଦେଶର ପ୍ରଗତି ଓ ଶ୍ରମିକ ଉନ୍ନତି ନୀତିରେ କଦାପି ବାଧା ସୃଷ୍ଟି କରେନାହିଁ। ବୁଧବାର ଭାରତ ବନ୍ଦ ଡାକରାରେ ବିଏମ୍‌ଏସ୍‌ର କୌଣସି ସମ୍ପୃକ୍ତି ନାହିଁ। ଏହି ବନ୍ଦକୁ ସମର୍ଥନ କରୁଥିବା ଅନ୍ୟ ଶ୍ରମିକ ସଙ୍ଗଠନ ନିଜର ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। କିଛି ଶ୍ରମିକ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ବିପକ୍ଷରେ ଭାରତ ବନ୍ଦ ଡାକରା ଦେଇ ଅଯଥାରେ ଗରିବ ଶ୍ରମିକମାନଙ୍କୁ ଭୁଆଁ ବୁଲାନ୍ତି। ଏହି ବନ୍ଦ ଡାକରା ଦେଶର ଅଗ୍ରଗତି ଓ ଶ୍ରମିକଙ୍କ ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି।

**- ହିମାଂଶୁ ଶେଖର ବଳ, ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ, ବିଏମ୍‌ଏସ୍, ରାଉରକେଲା**

## ୧୧ ବର୍ଷରେ ପ୍ରତିଶ୍ରୁତି ପୂରଣ ହେଲାନି



କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ଯଥା ୨କୋଟି ରୋଜଗାର, ରାଷ୍ଟ୍ରାୟତ୍ତ ଶିଳ୍ପର ସୁରକ୍ଷା, ଚାଷୀଙ୍କ ରୋଜଗାର ଦ୍ୱିଗୁଣା, ମହିଳା ସୁରକ୍ଷା, ଦରଦାମ ନିୟନ୍ତ୍ରଣ ସମେତ ଅନେକ ପ୍ରତିଶ୍ରୁତି ୧୧ ବର୍ଷ ଶାସନ କାଳରେ ପୂରଣ ହୋଇପାରିଲା ନାହିଁ। ଗୁଜରାଟର ପୁଞ୍ଜିପତିଙ୍କୁ ରାଷ୍ଟ୍ରାୟାତ୍ତ ଶିଳ୍ପଗୁଡିକୁ ଟେକିଦିଆଯାଉଛି। ଏହା ବିରୋଧରେ ଛାତ୍ରୀଛାତ୍ର, ଜନସାଧାରଣ, ଚାକିରିଆ ତଥା ଜିଲାବାସୀ ଧର୍ମଘଟକୁ ସଫଳ କରିବେ।

**- ସଦାନନ୍ଦ ସାହୁ, ଜିଲା ସମ୍ପାଦକ, ଏଆଇଟିୟୁସି**

## ଆନ୍ଦୋଳନ କରିବା ଅଧିକାରକୁ ଚାପିଦେବାକୁ ଉଦ୍ୟମ କରାଯାଉଛି



କେନ୍ଦ୍ର ସରକାର ଆଇନ ପରିବର୍ତ୍ତନ କରିବା ଦ୍ୱାରା ସାଧାରଣ ଲୋକ ହଇରାଣ ହେଉଛନ୍ତି। ୪୪ ଶ୍ରମିକ କୋଡ୍‌କୁ ପରିବର୍ତ୍ତନକରି ୪ଟି ଆଇନ କରାଯାଇଛି। ଟ୍ରେଡ୍ ୟୁନିୟନ ଓ ଆନ୍ଦୋଳନ କରିବା ଅଧିକାରକୁ ଚାପିଦେବାକୁ ଉଦ୍ୟମ କରାଯାଉଛି। ଆଉଟ୍ ସୋର୍ସିଂ ଓ ଘରୋଇକରଣ ମାଧ୍ୟମରେ ନିଯୁକ୍ତି ଗ୍ୟାରେଣ୍ଟି ରହିବ ନାହିଁ। ସରକାର ନିଜ ଅଧୀନରେ ରଖି ନିଯୁକ୍ତି ଦିଅନ୍ତୁ। ବେକାରି ସମସ୍ୟା ବଢୁଛି, ବେକାରି ଭତ୍ତା ଓ ନିଯୁକ୍ତି ମଧ ନାହିଁ। ଜଙ୍ଗଲ ଅଧିକାର ଆଇନକୁ ଉଲ୍ଲଂଘନକରି ମାଇନିଂ ନାମରେ ଗଛ କଟା ଚାଲିଛି। ହଜାର ହଜାର ଏକର ଜମି କମ୍ପାନୀଗୁଡ଼ିକୁ ବିକ୍ରିକରି ଦିଆଯାଇଛି। ସାହୁକାର ଓ କମ୍ପାନୀଗୁଡ଼ିକୁ ବହୁ କୋଟି ଟଙ୍କାର ଋଣ ଛାଡ଼ କରାଯାଉଛି।

**- ରାଜେଶ ଜାନି, ନବରଙ୍ଗପୁର ଜିଲା ସମ୍ପାଦକ, ସିଆଇଟିୟୁ**

## ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ



ଭାଜପା ସରକାର ୧୧ ବର୍ଷର ଶାସନ କାଳରେ ଶ୍ରମିକମାନେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଦେଶରେ କର୍ପୋରେଟଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଏକ ପ୍ରକାର ଶ୍ରମିକମାରଣ ନୀତି ଅବଲମ୍ବନ କରୁଛନ୍ତି। ଶ୍ରମିକମାନଙ୍କୁ ସାପ୍ତାହିକ ୭୦ରୁ ୯୦ ଘଣ୍ଟା କାମ କରିବାକୁ ପଡୁଛି, ହେଲେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ତେଣୁ ଏହି ଭାରତ ବନ୍ଦକୁ ଆମେ ସମର୍ଥନ କରୁଛୁ ଏବଂ ମିଳିତ ଶ୍ରମିକ ମଞ୍ଚ ପକ୍ଷରୁ ଶ୍ରମିକଙ୍କ ପାଇଁ ରହିଥିବା ଦାବିଗୁଡ଼ିକ ପୂରଣ ପାଇଁ ଦାବି କରୁଛୁ।

**- ଭବାନୀ ଶଙ୍କର ଜେନା, ଆଇଏନ୍‌ଟିୟୁସି ଜିଲା ସଭାପତି, ରାୟଗଡ଼ା**

## କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ବିରୋଧ କରାଯିବ



୧୭ ଦଫା ଦାବି ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବୁଧବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ ୨୫ କୋଟି ଶ୍ରମିକ, କର୍ମଚାରୀ ସାମିଲ ହେବେ। ଏହି ଧର୍ମଘଟରେ ବ୍ୟାଙ୍କ ଓ ବୀମା କର୍ମଚାରୀ ସାମିଲ ହେବେ। ବୀମା କ୍ଷେତ୍ରର ଶତ ପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ବିରୋଧ କରାଯାଉଛି। କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ। ଏଥିସହ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ ପ୍ରତିବାଦରେ ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ ଆନ୍ଦୋଳନ କରିବ। ଏଥିପାଇଁ ଝାରସୁଗୁଡ଼ା ଜିଲାର ସମସ୍ତ ବ୍ୟାଙ୍କ, ଦୋକାନ ବଜାର, କମ୍ପାନୀକୁ ବନ୍ଦ କରାଯିବ।

**- ରତ୍ନାକର ପ୍ରଧାନ, ଯୁଗ୍ମ ସମ୍ପାଦକ, ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ, ଝାରସୁଗୁଡ଼ା ଜିଲା**

## ୪୪ ଶ୍ରମ କୋଡ୍ ଆକ୍ଟ ଭାଙ୍ଗିବାକୁ ବିରୋଧ



୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏବଂ ସ୍ୱାଧୀନ ଫେଡେରେଶନ ବ୍ୟାଙ୍କ ଓ ଏଲ୍‌ଆଇସି ଆଦିକୁ ନେଇ ଗଠିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ବ୍ୟାଙ୍କ ଓ ଏଲ୍‌ଆଇସି ଆଦି ସ୍ୱାଧୀନ ଫେଡେରେଶନ ସମର୍ଥନ କରୁଛନ୍ତି। ଏଥିରେ ମୁଖ୍ୟତଃ ମୋଦି ସରକାର ୪୪ଟି ଶ୍ରମ କୋଡ୍ ଆକ୍ଟକୁ ଭାଙ୍ଗି ୪ଟି କୋଡ୍ କରାଯିବାକୁ ବିରୋଧ କରାଯାଉଛି। ୭ ଜଣରେ ଟ୍ରେଡ୍ ୟୁନିୟନ ହେଉଥିଲା, ଏବେ ୩୦୦ରୁ ଅଧିକ ଶ୍ରମିକ ହେଲେ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମାଲିକ ମଜୁରି ନ ଦେଲେ ଶ୍ରମିକ ଦାଏର କରୁଥିବା ମାମଲାକୁ ଏବେ ଉଚ୍ଛେଦ କରାଯାଇଛି। କଣ୍ଟ୍ରାକ୍ଟ ଲେବର ଆକ୍ଟ ଅନୁଯାୟୀ ଜଣେ କାମ କଲାବେଳେ କୌଣସି ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାରକୁ କ୍ଷତିପୂରଣ ମିଳୁଥିଲା, ଯାହା ଆଉ ଲାଗୁ ହେବନାହିଁ। ଏହା ମାଲିକଙ୍କ ଇଚ୍ଛାଧୀନ ହୋଇଯାଇଛି।

**- ଲୋଭାକାନ୍ତ ସ୍ୱାଇଁ, ସିଆଇଟିୟୁ ରାଜ୍ୟ ଉପସଭାପତି**

## କେନ୍ଦ୍ର ସରକାର ଶ୍ରମିକ ବିରୋଧୀ



କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନ ଉଚ୍ଛେଦକରି ୪ଟି ଶ୍ରମିକ କୋଡ୍ କରି ଶ୍ରମିକମାନଙ୍କ ସ୍ୱାର୍ଥ ବିରୋଧୀ ବୋଲି ପ୍ରମାଣ ଦେଇଛନ୍ତି, ଯାହା ତୁରନ୍ତ ବାତିଲ ହେବା ଉଚିତ। ମାଲିକ ଓ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ସରକାର ଗରିବଙ୍କ ତଣ୍ଟି ଚିପିବାକୁ ଅପଚେଷ୍ଟା କରିଛନ୍ତି। କେବଳ ଏତିକି ନୁହେଁ, ପବ୍ଲିକ ସେକ୍ଟର, କମ୍ପାନୀ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଅନେକ ସଂସ୍ଥାକୁ କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ହାତରେ ଟେକି ଦେଇଛନ୍ତି। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଉପରେ ଥିବା ଅଙ୍କୁଶ ଉଠାଇ ଦେଇଛନ୍ତି। ଏହିସବୁ ସମସ୍ୟାର ସମାଧାନ ସହ ସ୍କିମ୍ ୱାର୍କରମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା, କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ ସରକାରୀ ମଣ୍ଡି ଓ ଧାନର ଏମ୍‌ଏସ୍‌ପି ଦେଢ଼ଗୁଣ କରିବା ଦାବିରେ ମଞ୍ଚ ଆନ୍ଦୋଳନ ଡାକରା ଦେଇଛି।

**- ପ୍ରଦୀପ୍ତ ରାମ, ଏଆଇୟୁଟିୟୁସି ଜଗତ୍‌ସିଂହପୁର ଜିଲା ସମ୍ପାଦକ**

## ମୋଦି ସରକାରଙ୍କ ନୀତିକୁ ବିରୋଧ କରାଯିବ



କର୍ପୋରେଟ ଶକ୍ତିମାନଙ୍କର ପ୍ରତିନିଧି ଥିବା ମୋଦି ସରକାର ୨୯ ପ୍ରକାରର ଶ୍ରମ ଆଇନକୁ ବଦଳାଇ ୪ଟି ଶ୍ରମ ସଂହିତା ରୂପେ ପରିବର୍ତ୍ତନ କରିଛନ୍ତି। ତାହାକୁ ତୁରନ୍ତ ପ୍ରତ୍ୟାହାର, ଚାଷୀଙ୍କ ଉତ୍ପାଦନର ସର୍ବନିମ୍ନ ଦର ଆଇନ ପ୍ରଣୟନ, ଶ୍ରମିକଙ୍କ ପାଇଁ ରହିଥିବା ୮ ଘଣ୍ଟା କାର୍ଯ୍ୟ ଦିବସ ଆଇନ ବଳବତ୍ତର ରଖିବା, ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ କରିବା ଦାବିରେ ଆନ୍ଦୋଳନ କରାଯିବ। ମୋଦି ସରକାରଙ୍କ ଜନବିରୋଧୀ ନୀତି ଯୋଗୁ ଦେଶରେ ଆବଶ୍ୟକ ଜିନିଷପତ୍ର ଦାମ ନିରନ୍ତର ବଢ଼ି ଲୋକଙ୍କ ଆର୍ଥିକ ସ୍ଥିତିକୁ ଖରାପ କରୁଛି। ଦେଶରେ ଯୁବକ ଯୁବତୀମାନଙ୍କୁ ରୋଜଗାର ଦେବାରେ ମୋଦି ସରକାର ବିଫଳ ହୋଇଛନ୍ତି।

**- ଯୁଧିଷ୍ଠିର ବେହେରା, ଏସଆଇଟିୟୁ ରାଜ୍ୟ ଉପସଭାପତି, ବ୍ରହ୍ମପୁର**

# ୮୦ ପ୍ରତିଶତ ଅଣସଙ୍ଗଠିତ

ଖୋର୍ଦ୍ଧା ବାଲିପାଟଣା ବ୍ଲକ୍ ବେଙ୍ଗବତୀ ଗାଁ ନିକଟରେ ଶ୍ରମିକମାନେ ଡ୍ରେନ୍ ଖୋଳୁଥିବା ବେଳେ ବେଙ୍ଗବତୀ ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତାହତ ଶ୍ରମିକ କେନ୍ଦୁଝର ଜିଲାର। ରାସ୍ତା ସମ୍ପ୍ରସାରଣ ହେଉଥିବାରୁ ଠିକାଦାର ଶ୍ରମିକମାନଙ୍କୁ ଡ୍ରେନ୍ ଖୋଳା କାମରେ ଲଗାଇଥିଲେ। ଏଭଳି ଦୁର୍ଘଟଣା ନୂଆ ନୁହେଁ, ସମୟାନ୍ତରେ ଅନ୍ୟ କ୍ଷେତ୍ରରେ ଯଥା ପଥର ଖାଦାନ, କ୍ରଶର, ଖଣି ଖନନ, ନିର୍ମାଣ, ଇଟାଭାଟି, କଳକାରଖାନା ଭଳି ଅଣସଙ୍ଗଠିତ କ୍ଷେତ୍ରରେ ଦୁର୍ଘଟଣା ଘଟି ଶ୍ରମିକମାନେ ମୃତାହତ ହେଉଥିବା ଖବର ପ୍ରକାଶ ପାଇବାରେ ଲାଗିଛି। ଚିନ୍ତାର ବିଷୟ ହେଉଛି, ଏହିସବୁ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ, ଅର୍ଥନୈତିକ ଓ ସୁରକ୍ଷା ସମ୍ପର୍କିତ ସ୍ଥିତି ସାମ୍ନାକୁ ଆସିପାରୁନାହିଁ। କେଉଁ ଶ୍ରମିକ କେଉଁଠି କାମ କରୁଛନ୍ତି, କେତେ ଦାଦନ କେଉଁସବୁ ରାଜ୍ୟକୁ ଯାଉଛନ୍ତି କିମ୍ବା ଯାଇଛନ୍ତି ସେ ସମ୍ପର୍କରେ ତଥ୍ୟ କାହାରି ପାଖରେ ନାହିଁ। ଅବଶ୍ୟ ଏ ସମ୍ବନ୍ଧୀୟ କିଛି ତଥ୍ୟ କୋଭିଡ୍ ସମୟରେ ପଦାକୁ ଆସିଥିଲା। କିନ୍ତୁ ସେହି ତଥ୍ୟକୁ ସଂଗଠିତ ଭାବରେ ରଖାଗଲା ନାହିଁ କିମ୍ବା ପରବର୍ତ୍ତୀ ସମୟରେ ତାକୁ ଟାବୁଲେଟ କରାଗଲା ନାହିଁ, ଯାହା ଫଳରେ ଆଜି ମଧ୍ୟ କର୍ତ୍ତୃପକ୍ଷଙ୍କ ପାଖରେ ଏହିଭଳି ତଥ୍ୟ ମିଳିପାରୁନାହିଁ। ଓଡ଼ିଶାରୁ ଆନ୍ଧ୍ର, ତେଲଙ୍ଗାନା ଆଦି ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକଙ୍କର ସେଠାରେ ଇଟାଭାଟି କିମ୍ବା କୌଣସି କାରଖାନାରେ ମୃତ୍ୟୁ ଘଟିଲେ ଅବା ଆହତ ହେଲେ ସେମାନଙ୍କ ମୃତଦେହ ଅଣାଯାଏ ଓ ସ୍ଥଳବିଶେଷରେ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତି। ସେହି ସମୟରେ ଜଣାପଡ଼େ ସେମାନେ କେଉଁ ଜିଲାର ଆଉ କେଉଁ ଗାଁର। ସରକାର ମଧ୍ୟ କିଛି କ୍ଷତିପୂରଣ ଦେଇଦିଅନ୍ତି, ହେଲେ ତା'ପର ସ୍ଥିତିରେ ସେମାନଙ୍କ ପରିବାର କେମିତି ବଞ୍ଚନ୍ତି, ସେଥିପ୍ରତି କାହାର ଦୃଷ୍ଟି ନ ଥାଏ।

ଦେଖାଯାଏ ଶ୍ରମିକଙ୍କ ମୃତ୍ୟୁ ହେଲେ କିଛି ଦିନ ଧରି ଶ୍ରମ ଆଇନ କିମ୍ବା କାର୍ଯ୍ୟକ୍ଷେତ୍ରର ବୈଧତାକୁ ନେଇ ବିତର୍କ ଚାଲେ। ଦରକାର ପଡ଼ିଲେ ଧର୍ମଘଟ କିମ୍ବା ବନ୍ଦ ଡାକରା ଦିଆଯାଏ। କିନ୍ତୁ ଶ୍ରମିକଙ୍କ ସୁରକ୍ଷା ଦିଗରେ କିଛି ପରିବର୍ତ୍ତନ ହେବା ଦେଖାଯାଉ ନାହିଁ। ଅଳ୍ପକିଛି କ୍ଷତିପୂରଣରେ ସେମାନଙ୍କ ପରିବାରଗୁଡ଼ିକୁ ସନ୍ତୁଷ୍ଟ ହେବାକୁ ପଡ଼େ। ପରବର୍ତ୍ତୀ ସମୟରେ ପରିବାର କିଭଳି ରହେ ତାହାର ଖବର ସମ୍ପୃକ୍ତ ମାଲିକ, କମ୍ପାନୀ କିମ୍ବା ସ୍ଥାନୀୟ ପ୍ରଶାସନ କେହି ରଖନ୍ତି ନାହିଁ। ଖୁବ୍ କମ୍ କ୍ଷେତ୍ରରେ ଅତି ବେଶିରେ ବଡ଼ କମ୍ପାନୀ ପରିବାରରୁ ଜଣକୁ ଥଇଥାନ କରୁଥିବା ଦେଖାଯାଏ। ହେଲେ ଶ୍ରମିକମାନଙ୍କର ସୁରକ୍ଷା ମାନକକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଛୋଟମୋଟ ସଂସ୍ଥା ଓ ଠିକାଦାରମାନେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ସ୍ଥାୟିତ୍ୱକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଚିନ୍ତାର ବିଷୟ ହେଉଛି ଶ୍ରମିକଙ୍କ ଦୁର୍ଘଟଣା ପରେ ସମ୍ପୃକ୍ତ ସଂସ୍ଥା, ଠିକାଦର, ଇଞ୍ଜିନିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କ୍ୱଚିତ ଦେଖାଯାଏ। ଏକ ଅଣଲାଭଦାୟକ ସର୍ଭେ ସଂସ୍ଥା ଇଣ୍ଡିଆସ୍ପେଣ୍ଡ୍‌ର ୨୦୨୨ର ତଥ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ଏଥିରେ ଦର୍ଶାଯାଇଥିଲା ଯେ, ୨୦୧୮ରୁ ୨୦୨୦ ମଧ୍ୟରେ ଦେଶରେ କେବଳ କଳକାରଖାନାରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ମାତ୍ର ୧୪ ଜଣଙ୍କ ବିରୋଧରେ ଫ୍ୟାକ୍ଟ୍ରି ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ଫେବୃଆରୀ ୨୦୨୫ରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଦର୍ଶାଇଥିଲେ, ୨୦୧୮ରୁ ୨୦୨୨ ପାଞ୍ଚ ବର୍ଷ ମଧ୍ୟରେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ୧୪,୨୬୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗୋଟିଏ ପଟେ ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ସେମାନଙ୍କ କାର୍ଯ୍ୟକୁଶଳତା କିମ୍ବା କାର୍ଯ୍ୟକ୍ଷେତ୍ରରେ ଶାରୀରିକ ନିରାପତ୍ତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉନାହିଁ। ବିନା ପ୍ରଶିକ୍ଷଣରେ ଶ୍ରମିକମାନେ କାମ କରୁଥିବାରୁ ଦୁର୍ଘଟଣା ବଢ଼ିବା ସ୍ୱାଭାବିକ। ରାଜ୍ୟ ଓ ଜାତୀୟ ସ୍ତରରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ କାରଖାନା ଆଇନ-୧୯୪୮, ଶିଳ୍ପ ସମ୍ବନ୍ଧୀୟ ଆଇନ-୧୯୪୭ ଆଦି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଶ୍ରମ ବିଭାଗ ଏବଂ ଫ୍ୟାକ୍ଟ୍ରି ଇନ୍‌ସପେକ୍ଟରମାନେ ବଡ଼ ଶିଳ୍ପଠାରୁ ଦୂରେଇ ରୁହନ୍ତି। ଯାହାଦ୍ୱାରା ଅଧିକ ବିପଦ ଥିବା କାରଖାନାଗୁଡ଼ିକରେ ନିରାପତ୍ତାର ବ୍ୟବସ୍ଥାକୁ ଅଣଦେଖା କରାଯାଉଛି। ଅନ୍ୟପଟେ ଏହିସବୁ ସଂସ୍ଥାଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା ଉପରେ ଅଧିକ ଚଢ଼ାଉ କରି ନିଜର ସୁବିଧା ଦେଖୁଛନ୍ତି। ଏହା ଫଳରେ ଶ୍ରମିକଙ୍କ ଜୀବନ ଯେଉଁଠାରେ ବିପଦାପନ୍ନ ସେଭଳି ଶିଳ୍ପଗୁଡ଼ିକରେ କୌଣସି ତଦାରଖ କରାଯାଉ ନାହିଁ। 'ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍' ନାମରେ ୪ଟି ଲେବର କୋଡ୍ ଲାଗୁ କରିବାକୁ ହେଉଥିବା ଉଦ୍ୟମକୁ ଏବେ ଶ୍ରମିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଉଛି। ଏପରି କି ୧୦ଟି ଶ୍ରମିକ ସଙ୍ଗଠନ ଓ ସହଯୋଗୀ ସଙ୍ଗଠନ ପକ୍ଷରୁ ୯ ଜୁଲାଇରେ ଭାରତ ବନ୍ଦ ଡାକରା ଦିଆଯାଇଛି। ନୂଆ ଆଇନ ନିଯୁକ୍ତିଦାତା, କର୍ପୋରେଟ ସପକ୍ଷବାଦୀ ହୋଇଥିବା ବେଳେ ଶ୍ରମିକ ବିରୋଧୀ ବୋଲି ସମ୍ପୃକ୍ତ ସଙ୍ଗଠନଗୁଡ଼ିକ ଅଭିଯୋଗ କରୁଛନ୍ତି। ୨୦୧୬ ନଭେମ୍ବରରେ କରାଯାଇଥିବା ବିମୁଦ୍ରୀକରଣରେ ଏହି ଶ୍ରମିକମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ପୁନର୍ବାର କୋଭିଡ୍ ସମୟରେ ହଠାତ୍ ସବୁ ଯାନବାହନ ବନ୍ଦ କରିଦିଆଯିବା ଫଳରେ ଏହି ଶ୍ରେଣୀର ଶ୍ରମିକମାନେ ଅଧିକ ଶିକାର ହୋଇଥିଲେ। ଏହା ସ୍ପଷ୍ଟ ଯେ, ଭାରତର ଶ୍ରମ ଶକ୍ତିର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଣସଙ୍ଗଠିତ କ୍ଷେତ୍ର ସହ ଜଡ଼ିତ। ଅର୍ଥ ବ୍ୟବସ୍ଥାରେ ଅଣସଂଗଠିତ ଶ୍ରମିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରାଯିବା ପରିତାପର ବିଷୟ।

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 3 | | 1 | | | | |
| 5 | | | | | | | | |
| | | 1 | | 2 | 7 | | | |
| | 4 | | 6 | 3 | 1 | | | |
| 8 | | | | | | | | 3 |
| | | 7 | | 9 | | | | |
| | 1 | | 7 | | | | | 2 |
| 4 | | | | | 3 | 5 | | |
| | | | 2 | | | | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 7 | 9 | 4 | 8 | 2 | 3 |
| 7 | 8 | 3 | 6 | 5 | 2 | 9 | 1 | 4 |
| 9 | 2 | 4 | 3 | 1 | 8 | 5 | 7 | 6 |
| 8 | 7 | 9 | 1 | 2 | 6 | 3 | 4 | 5 |
| 6 | 1 | 2 | 5 | 4 | 3 | 7 | 8 | 9 |
| 4 | 3 | 5 | 8 | 7 | 9 | 1 | 6 | 2 |
| 2 | 4 | 8 | 9 | 3 | 1 | 6 | 5 | 7 |
| 1 | 9 | 7 | 2 | 6 | 5 | 4 | 3 | 8 |
| 3 | 5 | 6 | 4 | 8 | 7 | 2 | 9 | 1 |

ଗତକାଲିର ଉତ୍ତର

# ଇରାନର ସ୍ଥିତି



ଜନାର୍ଦ୍ଦନ ପତି

ପଶ୍ଚିମ ଏସିଆର ଦେଶ ଇରାନର ଜନସଂଖ୍ୟା ପ୍ରାୟ ୯.୫କୋଟି। ଇରାନ ବା ପାରସ୍ୟରେ ଏକ ପୁରାତନ ସଭ୍ୟତା ଗଢ଼ ଉଠିଥିଲା ପ୍ରାୟ ଛଅ ହଜାର ବର୍ଷ ତଳେ। ପାରସ୍ୟର ଲିପି ଓ ଭାଷା ମଧ୍ୟ ଭାରତକୁ ପ୍ରଭାବିତ କରିଥିଲା। ବହୁ ପ୍ରାଚୀନ କାଳରୁ ସିନ୍ଧୁସଭ୍ୟତା ସହିତ ପାରସ୍ୟ ସଭ୍ୟତାର ସଂଯୋଗ ରହିଆସିଛି। ଏହି କ୍ଷୁଦ୍ର ଲେଖାରେ ପାରସ୍ୟର ଦୀର୍ଘ ଅତୀତକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ୭ମ ଶତାବ୍ଦୀରେ ଇରାନରେ ଇସ୍‌ଲାମ ପ୍ରବେଶ କରିବା ପୂର୍ବରୁ ସେଠାରେ ଜୋରାଷ୍ଟ୍ରିଅନ୍ ଧର୍ମ ପ୍ରଚଳିତ ଥିଲା। ଏହା ପାରସ୍ୟର ପ୍ରାଚୀନଧର୍ମ। ପାରସ୍ୟ ସେତେବେଳକୁ ସାହିତ୍ୟ, ଦର୍ଶନ, କାରିଗରି ବିଦ୍ୟା, ଡାକ୍ତରୀ ଚିକିତ୍ସା, ଔଷଧ, ଧାତବ ଦ୍ରବ୍ୟ ଆଦିର ବ୍ୟବହାର ଜାଣିଥିଲା। ଇସ୍‌ଲାମ ସେ ଦେଶକୁ ଆସିବା ପରେ ପାରସ୍ୟର ବିକାଶ ବଢ଼ି ଯାଇଥିଲା। ବିଶେଷ କରି ବୈଜ୍ଞାନିକ ଗବେଷଣାର ପ୍ରସାର ଘଟିଥିଲା। ୧୬ଶ ଶତାବ୍ଦୀ ବେଳକୁ ପାରସ୍ୟ ଏକ ବିଶ୍ୱଶକ୍ତିରେ ପରିଣତ ହୋଇସାରିଥିଲା। ୧୮ଶ ଶତାବ୍ଦୀରେ ପାରସ୍ୟର ନାଦିର୍ ଶାହା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିପାରିଥିଲେ।

ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପାରସ୍ୟରେ ବିପ୍ଳବ ଦେଖାଦେଲା ଓ ସାମ୍ବିଧାନିକ ବିପ୍ଳବ ଜରିଆରେ ରେଜା ପାଲଭି ରାଷ୍ଟ୍ରମୁଖ୍ୟ ହେଲେ। ସେ ପାରସ୍ୟର ତୈଳ ସଂପଦକୁ ଜାତୀୟକରଣ କରିବା ପରେ ଆମେରିକା ଓ ଇଂଲଣ୍ଡ ପକ୍ଷରୁ ପ୍ରତିବିପ୍ଳବ ସଂଗଠିତ କରାଗଲା ୧୯୫୩ରେ ଓ ଇରାନରେ ଆମେରିକାର ବୋଲକରା ଶାସନ ପ୍ରତିଷ୍ଠା ହେଲା। ଏହି ସରକାର ବିରୋଧରେ ଇସ୍‌ଲାମିକ୍ ବପ୍ଳବ ହେବାରୁ ୧୯୭୯ରେ ଇରାନର ଶାହା ଦେଶ ଛାଡ଼ି ପଳାଇଲେ। ସେବେଠାରୁ ଇରାନ ଏକ ଇସ୍‌ଲାମିକ୍ ଦେଶ ଭାବେ ଗଢ଼ିଉଠିଛି ଓ ମୁଖ୍ୟ ଧର୍ମଗୁରୁ ଆୟାତୋଲ୍ଲା ଖୋମେନେଇ ଦେଶକୁ ନିୟନ୍ତ୍ରଣ କରୁଛନ୍ତି।

ଆୟୋତୋଲ୍ଲା ସେୟେଦ ଅଲ୍ଲୀ ଖୋମେନେଇ ଇରାନର ଶାହାଙ୍କ ଗୁପ୍ତଘାତକ ବାହିନୀ 'ସଭକ' ଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତାଙ୍କୁ ଛଅଥର ଗିରଫ କରାଯାଇ ଜେଲର ଯନ୍ତ୍ରଣା କକ୍ଷରେ ନିର୍ଯ୍ୟାତନା ଦିଆଯାଇଥିଲା। ୧୯୫୩ରୁ ୧୯୭୯ ଦୀର୍ଘ ୨୭ବର୍ଷ ଧରି ଇରାନରେ ଆମେରିକାର ବୋଲକରା ଶାହାଙ୍କ ଶାସନ ଚାଲିଥିଲା। ଖୋମେନେଇ ଗୁପ୍ତରେ ଇରାନ ଛାଡ଼ି ତୁର୍କୀ ପଳାଇଲେ। ତା'ପରେ ସେ ଇରାକରେ ରହିଲେ ଲୁକ୍କାୟିତ ଭାବେ। ୧୯୭୮ରେ ସଦ୍ଦାମ ହୁସେନ ତାଙ୍କୁ ଇରାକରୁ ବିତାଡ଼ିତ କରିବା ପରେ ସେ ପ୍ୟାରିସ ପଳାଇଲେ। ଫ୍ରାନ୍ସ ସରକାର ତାଙ୍କୁ ରାଜନୈତିକ ଆଶ୍ରୟ ପ୍ରଦାନ କରିଥିଲା। ୧୯୭୯ରେ ଇରାନରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ସେ ଇରାନକୁ ଆସି ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିଥିଲେ।



୧୯୭୯ରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ୧୯୮୦ରେ ଯୁକ୍ତରାଷ୍ଟ୍ର ଆମେରିକା ଇଙ୍ଗିତରେ ଇରାନ ଉପରେ ଇରାକ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଆଠବର୍ଷ ଚାଲିଲା। ଇରାନକୁ ଦଳିତଲାନ୍ତ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ଚାହିଁଥିଲା, କାରଣ ୧୯୭୯ରେ ଆମେରିକାର ବୋଲକରା ଇରାନର ଶାହା ସରକାର, ଇସ୍‌ଲାମିକ ବିପ୍ଳବୀମାନଙ୍କ ଦ୍ୱାରା ପରାଜିତ ହୋଇ ଦେଶଛାଡ଼ି ପଳାୟନ କରିଥିଲା। ଏହାଦ୍ୱାରା ଇରାନର ତୈଳ ଭଣ୍ଡାର ଉପରେ ଆମେରିକାର ଆଧିପତ୍ୟ ଲୋପ ପାଇଥିଲା।

ପଶ୍ଚିମ ଏସିଆରେ ଏକମାତ୍ର ଦେଶ ଇରାନ ୧୯୭୯ଠାରୁ ଆମେରିକାର ବଶ୍ୟତା ସ୍ୱୀକାର କରିନାହିଁ। ଆମେରିକା ୧୯୪୮ଠାରୁ ଇସ୍ରାଏଲକୁ ଅନେକ ହଜାର କୋଟି ଡଲାର ସହିତ ଯୁଦ୍ଧାସ୍ତ୍ର ଏବଂ ଗୁପ୍ତଚର ଟ୍ରେନିଂ ଦେଇଚାଲିଛି; ଯାହା ଯୋଗୁ ଇସ୍ରାଏଲ ସମସ୍ତ ଆରବ ଦେଶକୁ ପରାସ୍ତ କରି ଚାଲିଛି। ଆମେରିକା ସାହାଯ୍ୟରେ ଇସ୍ରାଏଲ ପରମାଣୁ ବୋମାର ଅଧିକାରୀ ହୋଇଛି। ଇସ୍ରାଏଲ କିନ୍ତୁ ଏନ୍.ପି.ଟି. ରେ ଦସ୍ତଖତ କରିନାହିଁ, ଯଦିଓ ଇରାନ ଏନ୍.ପି.ଟି.ରେ ଦସ୍ତଖତ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭାବରେ ସମସ୍ତ ପାଶ୍ଚାତ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇସ୍ରାଏଲର ଆଣବିକ ଯୁଦ୍ଧାସ୍ତ୍ର ଆହରଣକୁ ବିରୋଧ କରୁନାହାନ୍ତି, ଓଲଟି ଇରାନର ଆଣବିକ ଶକ୍ତି ଉନ୍ନୀକରଣକୁ ତୀବ୍ର ପ୍ରତିରୋଧ କରୁଛନ୍ତି। ଇରାନ ଯେପରି ଆଣବିକ ବୋମାର ଅଧିକାରୀ ନ ହୋଇ ପାରିବ, ସେଥିପାଇଁ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରେ ବାସନ୍ଦ ଲାଗୁ କରିବା ସହିତ ଇସ୍ରାଏଲର ଇରାନ ଉପରେ ଆକ୍ରମଣକୁ ସମର୍ଥନ କରୁଛନ୍ତି।

ଇରାନ ଆଣବିକ ଅସ୍ତ୍ର ଉତ୍ପାଦନ ନ କରିବା ପାଇଁ ଏକ ଚୁକ୍ତି ୨୦୧୫ରେ ହୋଇଥିଲା। ରାଷ୍ଟ୍ରସଂଘର ନିରାପତ୍ତା ପରିଷଦର ପାଞ୍ଚ ସ୍ଥାୟୀ ସଭ୍ୟ ଯଥା- ଆମେରିକା, ରୁଷିଆ, ଚାଇନା, ଇଂଲଣ୍ଡ ଓ ଫ୍ରାନ୍ସ ସହିତ ଜର୍ମାନୀ ମଧ୍ୟ ଇରାନ ସହିତ ଏହି ଚୁକ୍ତି କରିଥିଲେ। ଚୁକ୍ତି ଅନୁସାରେ ଇରାନ ଆଣବିକ ବୋମା ନିର୍ମାଣ କରିବା ଦିଗରେ ଅଗ୍ରସର ହେବ ନାହିଁ ଓ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରୁ ବାସନ୍ଦ ପ୍ରତ୍ୟାହାର କରିନେବେ। ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ୨୦୧୮ରେ ଏହି ଚୁକ୍ତିରୁ ଆମେରିକା ଓହରି ଗଲା ଓ ଇରାନ ବିରୋଧରେ ପୁଣି ବାସନ୍ଦ ଲଗାଇଲା।

୨୦୨୫ରେ ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ହେବା ପରେ ଆଣବିକ ଶକ୍ତି ଉନ୍ନତୀକରଣ ପ୍ରସ୍ତୁତିକୁ ରୋକିବା ପାଇଁ ଇରାନକୁ ବାଧ୍ୟ କରୁଛନ୍ତି, ଆଉ ଏକ ଚୁକ୍ତିରେ ଦସ୍ତଖତ କରିବା ପାଇଁ। ଏହି ଆଲୋଚନା ଶେଷ ହେବା ପୂର୍ବରୁ ୧୩ ଜୁନ୍, ୨୦୨୫ରେ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକସ୍ମିକ ଆକ୍ରମଣ କରାଯାଇଛି। ଇରାନର ବହୁ ଆଣବିକ ବୈଜ୍ଞାନିକ, ସାମରିକ ଅଫିସରଙ୍କ ମୃତ୍ୟୁ ଘଟିଛି। ଇରାନ ଅବଶ୍ୟ ଏହାର ପାଲଟା ଜବାବ ଦେଇଛି। ୨୦୨୫ ଜୁନ୍ ୨୨ରେ ଆମେରିକା ଅତର୍କିତ ଭାବେ ଇରାନର ତିନୋଟି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନ ପାଇଲେ, ଇସ୍ରାଏଲ ଇରାନ ସହିତ ଯୁଦ୍ଧରେ ବିଜୟୀ ହୋଇପାରିବ ନାହିଁ। ତେଣୁ ଏହି ଯୁଦ୍ଧରେ ଆମେରିକାକୁ ଭାଗୀଦାର ହେବାକୁ ଇସ୍ରାଏଲ ବାଧ୍ୟ କଲା।

୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିଥିଲା। ଏହା ପରଠାରୁ ଇସ୍ରାଏଲ ଗାଜା ଉପରେ ନିରବଚ୍ଛିନ୍ନ ଭାବେ ଗଣହତ୍ୟା କରିଚାଲିଛି। ଏହା ବ୍ୟତୀତ ଲେବାନନ, ୟେମେନ୍, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଆସୁଛି। ସିରିଆର 'ଗୋଲାନ ହାଇଟ' ଅଞ୍ଚଳକୁ ଦଖଲ କରିସାରିଛି। ୨୦୨୪ ଡିସେମ୍ବରରେ ସିରିଆର ରାଷ୍ଟ୍ରପତି ଆସାଦ, ଗୃହଯୁଦ୍ଧରେ ପରାସ୍ତ ହୋଇ ଦେଶ ଛାଡ଼ି ପଳାଇଲା ପରେ ଇସ୍ରାଏଲ ସମଗ୍ର ସିରିଆକୁ ଦଖଲ କରିବାକୁ ଲକ୍ଷ୍ୟ ରଖିଛି।

ଜୁନ୍ ୧୩ ରେ ଇରାନର ରାଜଧାନୀ ତେହେରାନ ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ପକ୍ଷରୁ ପ୍ରତିଆକ୍ରମଣ କରାଯାଇଥିଲା। ଇରାନର ଆକ୍ରମଣରେ ଇସ୍ରାଏଲର ବ୍ୟାପକ କ୍ଷତି ଘଟିଛି। ଇରାନର ପାଲଟା ଜବାବରେ ଭୟଭୀତ ହୋଇଛି ଇସ୍ରାଏଲ। ଆନ୍ତର୍ଜାତିକ ସ୍ତରରେ ସମସ୍ତ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ମିଳିତ ଭାବେ ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇରାନକୁ ବିରୋଧ କଲାବେଳେ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ସ୍ପେନ, ଇଟାଲି, ଉତ୍ତରକୋରିଆ ଆଦି ଇରାନ ଉପରେ ଆକ୍ରମଣକୁ ବିରୋଧ କରିଛନ୍ତି। ଏହି ପରିସ୍ଥିତିରେ ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହୋଇଛି।

ଇରାନ ଓ ପାଲେଷ୍ଟାଇନ ଉପରେ ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲରେ ଇହୁଦିମାନେ ବଡ଼ବଡ଼ ପଟୁଆର କରୁଛନ୍ତି। ବାସ୍ତବରେ ଏ ଯୁଦ୍ଧ ଫଳରେ ଇସ୍ରାଏଲ ଓ ଆମେରିକା ବିଶ୍ୱ ଜନସମର୍ଥନ ହରାଇଛନ୍ତି। ଦେଖିବାକୁ ଗଲେ ଏ ଯୁଦ୍ଧ ବିରତି କ୍ଷଣସ୍ଥାୟୀ। ତେବେ ଇରାନ ଏବେ ସତର୍କ ହୋଇଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ସଫ୍ଟୱେର, ଜିପିଏସ୍‌କୁ ହଟାଇ ଚାଇନାର ସଫ୍ଟୱେରକୁ ବ୍ୟବହାର କରୁଛି ଓ ଏନ୍.ପି.ଟି.ରୁ ଓହରି ଯିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ଇରାନ ଏବଂ ଇସ୍ରାଏଲର ଭବିଷ୍ୟତ ଯୁଦ୍ଧ କି ଧରଣର ହେବ, ତାହା ଏବେଠୁ କହିବା ସମ୍ଭବ ନୁହେଁ।

ମୋ: ୯୪୩୭୦୦୭୭୭୦

# ଅସ୍ଥିରତା ଅନ୍ତରାଳେ



ପ୍ର. ଫକୀର ମୋହନ ସାହୁ


ଅସ୍ଥିରତା ଏକ ଅବାଞ୍ଛିତ ମାନସିକ ଅବସ୍ଥା। ଅନେକ ଲୋକଙ୍କର ଧାରଣା ହୋଇପାରେ ଯେ ଏହା କେବଳ ପିଲାମାନଙ୍କ ମଧ୍ୟରେ ସୀମିତ। ଅସ୍ଥିର ପିଲା ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ଅଙ୍କକଷି ପାରେନାହ, ମନଯୋଗ ଦେଇ କୌଣସି କାମକୁ ସମ୍ପୂର୍ଣ୍ଣ କରିପାରେ ନାହିଁ। ଅଯଥାରେ ରାଗେ ଏବଂ ଅନାବଶ୍ୟକ ଭାବେ ଗୋଡ଼ହାତ ଛାଟି କାନ୍ଦିଥାଏ। ପିଲାମାନଙ୍କ ଏପରି ଅସ୍ଥିରତାର ଚିତ୍ର ଆମ ଆଖିରେ ବେଶି ଧରାପଡ଼ିଲେ ମଧ୍ୟ କିଶୋରୀକିଶୋର ଏବଂ ଯୁବତୀଯୁବକ ଅସ୍ଥିରତାରୁ ମୁକ୍ତ ନୁହନ୍ତି। ଆଜିକାଲି ବଡ଼ ବଡ଼ କର୍ମସଂସ୍ଥାରେ କାର୍ଯ୍ୟକରୁଥିବା ଏବଂ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିମାନେ ଅସ୍ଥିରତାର ଶରବ୍ୟ ହୁଅନ୍ତି।

ବୟସ ନିର୍ବିଶେଷରେ ଅସ୍ଥିରତା ଆମର ସାମାଜିକ ଏବଂ ବୃତ୍ତିଗତ ଜୀବନର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବାରୁ ଏହାର କାରଣ ଓ ନିରାକରଣ ବୁଝିବାର ଆବଶ୍ୟକତା ରହିଛି। ମୋଟାମୋଟି ଭାବରେ ଲୋକମାନେ ଏହାକୁ ଷ୍ଟ୍ରେସ୍ ବା ମାନସିକ ଚାପ କହିଦେଇ ବସିଯାଆନ୍ତି। କିନ୍ତୁ ଏହା ସମସ୍ୟାର ସମାଧାନ ନୁହେଁ। ଅସ୍ଥିରତାର ଅନ୍ତଃସ୍ଥଳକୁ ଯିବାକୁ ପଡ଼ିବ। ଏହାର ଅନ୍ତରାଳରେ କେଉଁ କେଉଁ ଉପାଦାନ ସକ୍ରିୟ ରହିଛି, ତାହାକୁ ଚିହ୍ନଟ କରିପାରିଲେ ସ୍ଥିର ଓ ଶାନ୍ତ ଜୀବନଶୈଳୀରେ ସଫଳତା ମିଳିବ।

ଅବଶ୍ୟ ଏହା ସତ୍ୟ ଯେ ଅସ୍ଥିରତା କ୍ଷେତ୍ରରେ ଅଳ୍ପ ପରିମାଣର ବଂଶାନୁଗତି କାରଣ ସଂଶ୍ଳିଷ୍ଟ ରହିଛି। ପିତାମାତାଙ୍କର ଅସ୍ଥିରତା କିଛି ପରିମାଣରେ ପୁତ୍ରକନ୍ୟାଙ୍କ ଅସ୍ଥିରତା ବଢ଼ାଇଥାଏ। ଆମେ ଏ ଦିଗରେ ବିଶେଷ କିଛି କରି ନ ପାରିଲେ ମଧ୍ୟ ମାନସିକ କାରଣଗୁଡ଼ିକ ଦିଗରେ ପଦକ୍ଷେପ ନେଇପାରିବୁ। ସୁତରାଂ ଏ ସମ୍ପର୍କରେ ଧ୍ୟାନଶୀଳ ହେବା ବିଶେଷ ପ୍ରୟୋଜନ।

ଆମେ ସମସ୍ତେ ଏପରି ଏକ ପରିବେଶ ଚାହୁଁ, ଯେଉଁ ପରିବେଶରେ ଆମେ ପ୍ରତ୍ୟାଶା କରୁଥିବା ଘଟଣାସବୁ ଘଟିବ। ଭଲ ହେଉ ବା ମନ୍ଦ, ଆମର ଆଶା ଅନୁଯାୟୀ ଅବସ୍ଥା ସଂଘଟିତ ହେବ। ଆମେ ଆଗାମୀ କାଲି ପାଇଁ ଯେପରି ପାଗର ପ୍ରତ୍ୟାଶା ରଖିଛୁ, ପାଗ ସେହିପରି ହେବ। ଆମ ପିଲାଙ୍କର ପରୀକ୍ଷାଫଳ ଯେପରି ଆଶାକରୁଛୁ, ସେପରି ରହିବ। ମାତ୍ର ଏପରି ସବୁ ପ୍ରତ୍ୟାଶା ସବୁ ସମୟରେ ସଫଳ ହୁଏ କି? କେତେକ ସମୟରେ ହୁଏ, ପୁଣି କେତେକ ସମୟରେ ହୁଏ ନାହିଁ। ବାହ୍ୟ ପରିବେଶରେ କିଛି ପରିମାଣରେ ଅନିଶ୍ଚିତତା ରହିବ। କିନ୍ତୁ ଆମ ଜୀବନର ସୁସ୍ଥତା ଦୃଷ୍ଟିରୁ ଏପରି ଅନିଶ୍ଚିତତାକୁ ସହ୍ୟ କରିବାକୁ ହେବ। ଏହା ଏକ ମନୋବୈଜ୍ଞାନିକ ସତ୍ୟ ଯେ ଅନିଶ୍ଚିତତା ପାଇଁ ସହନଶୀଳତାର ମାତ୍ରା ଯେତେ କମ୍ ରହିବ, ଅସ୍ଥିରତାର ମାତ୍ରା ସେହି ଅନୁପାତରେ ଅଧିକ ରହିବ।

ଅନିଶ୍ଚିତତାକୁ ସହ୍ୟକରି ନ ପାରିବାର ମାନସିକତାକୁ ଅନ୍ୟ ଏକ ପ୍ରକାରେ ପ୍ରକାଶ କରାଯାଇପାରେ। ତାହା ହେଉଛି ଆମର ପୂର୍ବାନୁମାନ, ବିଫଳତାକୁ ସହ୍ୟ ନ କରିବାର ମନୋଭାବ। ଆଗାମୀ କାଲିର ଘଟଣାକୁ ପୂର୍ବାନୁମାନ କରାଯାଇପାରେ। ମାତ୍ର ଏହି ଅନୁଯାୟୀ ଘଟଣା ନ ଘଟିଲେ କେତେଜଣ ଲୋକ ଖୁବ୍ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି।



ଏହା ମାନସିକ ଅସ୍ଥିରତାର କାରଣ ହୁଏ।

ପ୍ରଶ୍ନ ଉଠିପାରେ, ସହନଶୀଳତାର ଅଭାବ ଘଟିବାର ମୂଳ କାରଣ କ'ଣ? ଗୋଟିଏ ହେଉଛି ବାପାମା'ଙ୍କର ତ୍ରୁଟିପୂର୍ଣ୍ଣ ଶିଶୁ ପରିପାଳନ ଭଙ୍ଗୀ। କେତେଜଣ ମା' କିମ୍ବା ବାପା ଅଯଥା ମାତ୍ରାଧିକ ନିୟନ୍ତ୍ରଣଶୀଳ ହୋଇଉଠନ୍ତି। ଏଇଟା କର, ସେଇଟା କର- ଅନାବଶ୍ୟକ ଭାବେ ଏହିପରି ଆଜ୍ଞା ଦେଇ ଶିଶୁକୁ ଅଣନିଃଶ୍ୱାସୀ କରିଦିଅନ୍ତି। ଏସବୁ ବ୍ୟତୀତ ପିତାମାତାଙ୍କ ରାଗ ଓ ଅନ୍ୟ ସବୁ ପ୍ରତିକୂଳ ଭାବାବେଗ ପ୍ରକାଶରେ କୌଣସି କୂଳକିନାରା ନ ଥାଏ। ଯେତେବେଳେ ସେତେବେଳେ ନିଜର ରାଗପ୍ରକାଶ କରନ୍ତି। ଏପରି ଘଟିଲେ ସେପରି ପିଲାମାନେ ବଡ଼ ହେଲେ ବାହାରର ଅନିଶ୍ଚିତତା ସହ୍ୟ କରିବାର ସାମର୍ଥ୍ୟ ହରାଇବସନ୍ତି।

ସେହିପରି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଉପରିସ୍ଥ ଅଫିସରଙ୍କ ବିଶୃଙ୍ଖଳିତ ମିଜାସ ସମସ୍ୟା ସୃଷ୍ଟିକରେ। କର୍ତ୍ତୃପକ୍ଷ କେତେବେଳେ ଭଲ ମିଜାସରେ ଥାଆନ୍ତି ଏବଂ କେତେବେଳେ ଖରାପ ମିଜାସ ଦର୍ଶାନ୍ତି, ତାହା ଜଣାପଡ଼େ ନାହିଁ। ଏପରି ବାତାବରଣ ମଧ୍ୟରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କର ଏକ ବ୍ୟକ୍ତିଗତ ଦୁର୍ବଳତା ଗଠିତ ହୁଏ। ସେ ଦୁର୍ବଳତା ହେଉଛି ଅନିଶ୍ଚିତ ଅବସ୍ଥାକୁ ସହ୍ୟ କରିବାର ଅସାମର୍ଥ୍ୟ।

ଏଠାରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ଲକ୍ଷ୍ୟ କରିବାର କଥା। ପରିବାରରେ ପିଲାମାନଙ୍କ ପାଇଁ ହେଉ କିମ୍ବା କର୍ମସଂସ୍ଥାର କର୍ମଚାରୀମାନଙ୍କ ପାଇଁ ହେଉ, ଗୋଟିଏ ଉପାଦାନ ଅନିଶ୍ଚିତତାକୁ ସହ୍ୟ କରିବାରେ ସହାୟକ ହୁଏ। ପିତାମାତାଙ୍କର କିମ୍ବା କର୍ମସଂସ୍ଥାର କର୍ତ୍ତୃପକ୍ଷଙ୍କ ଆବେଗର କିଛିଟା ପୂର୍ବାଭାସ କେତେକ ଦୃଷ୍ଟିରୁ ସହାୟକ ହୋଇଥାଏ। ଧରାଯାଉ ମା' ରୋଷେଇଘର ଭିତରୁ ବାହାରିବା ସମୟରେ ରାଗୁଛନ୍ତି କିମ୍ବା ବାପା ଅଫିସ୍‌ରୁ ଫେରିଆସି କିଛି ସମୟ ପାଇଁ ଖରାପ ମିଜାସ ଦର୍ଶାଉଛନ୍ତି। ସେହିପରି ହୁଏତ କର୍ମସଂସ୍ଥାର ଉଚ୍ଚପଦସ୍ଥ କର୍ମଚାରୀ ଜଣକ କାର୍ଯ୍ୟସଂସ୍ଥାର ଆରମ୍ଭ ଦିନରେ(ସୋମବାର) ଖରାପ ମିଜାସ ଦର୍ଶାଉଛନ୍ତି। ଏପରିସ୍ଥଳେ ବିଶେଷ କ୍ଷତି ନ ହୋଇପାରେ। ପରିବାରରେ ପିଲାମାନେ ଜାଣିବେ ଯେ ଏପରି ବିଶେଷ ମୁହୂର୍ତ୍ତକୁ ବାଦ୍‌ଦେଲେ ବାପାମା'ଙ୍କ ମିଜାସର ପୂର୍ବାନୁମାନ କରାଯାଇପାରିବ। ସେହିପରି ସଂସ୍ଥାରେ କର୍ମଚାରୀମାନେ ଜାଣିବେ ଯେ ମାଲିକଙ୍କର ଅନ୍ୟ ଦିନଗୁଡ଼ିକରେ (ମଙ୍ଗଳବାରରୁ ଶନିବାର ପର୍ଯ୍ୟନ୍ତ) ମିଜାସର ପୂର୍ବାନୁମାନ ସମ୍ଭବ। ଏପରି ପୂର୍ବ ସଙ୍କେତ ବହୁ ପରିମାଣରେ ଅସ୍ଥିରତା ଦୂରକରିବାରେ ସାହାଯ୍ୟ କରିବ।

ପରିଶେଷରେ କୁହାଯିବ, ଆପଣଙ୍କ ଧ୍ୟାନ ସକାରାତ୍ମକ ଦିଗକୁ ଯାଉଛି କି ନକାରାତ୍ମକ ଦିଗକୁ ଯାଉଛି ତାହା ଅସ୍ଥିରତା ନିର୍ଦ୍ଧାରଣ କରିବ। ଧରାଯାଉ ଆପଣଙ୍କୁ କୁହାଗଲା, ଡାକ୍ତର ଜଣେ ଲୋକଙ୍କ ଗାଲ ପାଖରେ ଗୋଟିଏ ଆବୁ ଦେଖିଲେ। ସେ ଭାବିଲେ ଯେ...। ଏହି ଶୂନ୍ୟ ସ୍ଥାନ ଆପଣ କିପରି ପୂରଣ କରିବେ? ସେହିପରି ଜଣେ ଲୋକ ଅନ୍ଧାର ରାସ୍ତାରେ ଯାଉ ଯାଉ ବାଟ ଭୁଲିଗଲେ। ସେ ଦେଖିଲେ ଯେ...। ଏଠାରେ ମଧ୍ୟ ଆପଣ କିପରି ସ୍ଥାନ ପୂରଣ କରିବେ? ଉପର ଦୁଇଟି ଉଦାହରଣରେ ଆପଣଙ୍କ ମନରେ ଦୁର୍ଭାବନା (ଯଥା- କ୍ୟାନ୍‌ସର ଏବଂ ସାପ) ଆସୁଥିଲେ ଆପଣ ଅସ୍ଥିରତାର ଶରବ୍ୟ ହେବା ଅଧିକ ସମ୍ଭାବନା ରହିଛି।

ମୋ: ୯୪୩୭୧୨୧୨୭୯

## ଏଇ ଭାରତରେ

ବୟସ ୮୪। ତଥାପି ଚଳଚଞ୍ଚଳ କଲିମୁଲ୍ଲା ଖାଁ। ଗୋଟିଏ ଗଛରେ ସେ ୩୫୦ କିସମର ଆମ୍ବ ଫଳାଉଛନ୍ତି। ଏହା ଜାଣି ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଏହା ସମ୍ଭବ ହୋଇଛି ଉତ୍ତରପ୍ରଦେଶସ୍ଥିତ ମଲିହାବାଦ୍ ଫାର୍ମରେ, ତାଙ୍କ ଉଦ୍ୟମରେ। ୨୨ ଏକରରେ ଏହି ଫାର୍ମ ବ୍ୟାପିଛି। କଲିମୁଲ୍ଲା ୭ମ ପାସ୍ କରିନାହାନ୍ତି। ଉଦ୍ୟାନ କୃଷି ସମ୍ପର୍କରେ ମଧ୍ୟ କୌଣସି ପ୍ରଶିକ୍ଷଣ ପାଇନାହାନ୍ତି। ହେଲେ କଲମି ପଦ୍ଧତିରେ ଗୋଟିଏ ଗଛରେ ୩୫୦ କିସମର ଆମ୍ବ ଫଳାଇବାରେ ସେ ସକ୍ଷମ ହୋଇଛନ୍ତି। ତେଣୁ ତାଙ୍କୁ ଦେଶର ମ୍ୟାଙ୍ଗୋମ୍ୟାନ୍ ବା ଆମ୍ବ ମଣିଷ ଭାବେ ପରିଗଣିତ କରାଯାଏ। ତାଙ୍କର ଏହି ସଫଳତା ଲିମ୍‌କା ରେକର୍ଡ ଅଫ୍ ବୁକ୍ସରେ ସ୍ଥାନ ପାଇଛି। ଅଜାଙ୍କ ମୃତ୍ୟୁ ପରେ ସେ ପାଠଛାଡ଼ି ତାଙ୍କ ଆମ୍ବବଗିଚାର ଯତ୍ନ ନେଇଥିଲେ। ୧୯୫୭ରେ ସେ ପ୍ରଥମେ ସତପ୍ରକାର ଆମ୍ବ ଫଳିବା ଭଳି ଗଛଟିଏ ଲଗାଇଥିଲେ କିନ୍ତୁ ତାହା ବନ୍ୟାରେ ନଷ୍ଟ ହୋଇଗଲା। ପରେ ୧୯୮୭ରେ ତାଙ୍କ ଫାର୍ମର ୧୨୫ ବର୍ଷ ପୁରୁଣା ଏକ ଗଛରେ କଲମି ବନ୍ଧତି ଉପରେ ପରୀକ୍ଷା ଆରମ୍ଭ କରିଥିଲେ। ଏବେ ସେହି ଗଛରେ ଫଳୁଥିବା ବିଭିନ୍ନ ପ୍ରକାର ଆମ୍ବର ନିର୍ଦ୍ଦିଷ୍ଟ ରଙ୍ଗ, ସ୍ୱାଦ ଓ ବାସ୍ନା ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୭୬

- ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ୧୨ ହଜାର ଶିକ୍ଷାନୁଷ୍ଠାନକୁ କାରିଗରି ଶିକ୍ଷା ଦେବା ନିମନ୍ତେ ରେଲ୍‌ୱେ ପକ୍ଷରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।
- ଦେଶର ଆଭ୍ୟନ୍ତରୀଣ ବଜାରରେ ଆଳୁ ମୂଲ୍ୟ ହ୍ରାସ ଯୋଗୁ ସରକାର ବିଦେଶକୁ ଆଳୁ ରପ୍ତାନୀ ନିଷିଦ୍ଧ କରିଛନ୍ତି।

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି ?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡାଇରିଆ ଡରାଣ

ମହାଶୟ,

ଓଡ଼ିଆରେ ବାଡ଼ି (ହଇଜା) ଭଳି ଶବ୍ଦ ଅଥବା ମାଇପି ଗାଳି ମନରେ ଭୀତି ସଞ୍ଚାରକରେ। କାରଣ ଅତୀତରେ ଏଥିପାଇଁ ଗୋଟିଏ ଗୋଟିଏ ଗାଁ ମଣିଷ ଶୂନ୍ୟ ହୋଇଯାଉଥିଲା। କୋକେଇ ବାନ୍ଧିବାକୁ ମଧ୍ୟ ଲୋକ ଅଭାବ ପଡୁଥିଲେ। ସମ୍ପ୍ରତି ଓଡ଼ିଶାରେ ହଇଜା ମହାମାରୀ କାୟାବିସ୍ତାର କରିଚାଲିଥିବା ବେଳେ ଏହା ପାଣ୍ଡେମିକ୍ ନୁହେଁ ଏଣ୍ଡାମିକ୍ ବୋଲି ସରକାରୀ ବିବୃତି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ରୋମ ନଗରୀ ଜଳି ଯାଉଥିବା ବେଳେ ସମ୍ରାଟ ନୀରୋଙ୍କ ବଂଶୀ ବାଦନ ଭାବି ହଇଜା ଆକ୍ରାନ୍ତ ଓଡ଼ିଶାରେ ଏବେ ଜାକଜମକରେ ୧ବର୍ଷ ପୂର୍ତ୍ତି ପାଳନ ସରକାରଙ୍କ ପ୍ରମୁଖ କାମ ହୋଇଛି। ବୃଥା ପ୍ରଚାରରେ ବ୍ୟସ୍ତ ନ ରହି ଲୋକଙ୍କ ପାଇଁ କିଛି କରିବାକୁ ସରକାର ଆଗେଇ ଆସନ୍ତୁ।

-ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ
### ଟ୍ରାକ୍ଟର, ବାଇକ୍ ଜବତ

କୋରୁକୋଣ୍ଡା, ୮।୭(ଶିବଦତ୍ତ ସାହୁ)

କୋରୁକୋଣ୍ଡା – ମାଲକାନଗିରି ମୁଖ୍ୟ ରାସ୍ତା ଇନ୍ଦିରା କଲୋନୀ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ କୋରୁକୋଣ୍ଡା ବ୍ଲକ ପୋଟେରୁ ପଞ୍ଚାୟତ ଉସ୍ତାପାଲ୍ଲି ଗ୍ରାମର ଭୀମା ସୋଡି (୩୮)। ସୂଚନା ମୁତାବକ ରବିବାର ଅପରାହ୍ନ ପ୍ରାୟ ୩ ଟା ୩୦ରେ ମଲକାନଗିରିରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଇନ୍ଦିରା କଲୋନି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ନଂ. ଓଡି-୩୦-ଏଫ-୧୧୧୬ ବାଇକ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭୀମା ବାଇକ ସହ ରାସ୍ତାରେ ପଡି ଯାଇଥିଲେ। ଫଳରେ ଟ୍ରାକ୍ଟରଟି ତାଙ୍କ ଉପରେ ଚଢି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭୀମାଙ୍କ ଭାଇ ଦେବା କୋରୁକୋଣ୍ଡା ଥାନାରେ ଅଭିଯୋଗ କରିଥିଲେ। ନଂ.୧୧୬/୨୫ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ପ୍ରଶାନ୍ତ କୁମାର ସାବତଙ୍କ ନେତୃତ୍ୱରେ ଏକ ଟିମ୍ ଭୀମାଙ୍କ ମୃତଦେହ ଜବତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ବାଇକ୍କୁ ଜବତ କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ପାଳିବାକୁ ଦାବି

ଜୟପୁର/କୋରାପୁଟ/ବନ୍ଧୁଗାଁ,୮।୭(ପବନ ପାଣିଗ୍ରାହୀ/ଅମିତାଭ ବେହେରା/ବେଣୁଧର ଲାଇକା)

ସାରା ରାଜ୍ୟରେ ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ଦାମାନଯୋଡି, ଭବାନୀପାଟଣା ଓ ବଲାଙ୍ଗୀର ଆଦି ସ୍ଥାନରେ ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥି ଯୋଗୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଡ୍ରାଇଭରମାନଙ୍କ ୭ ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ବାରମ୍ବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବା ବେଳେ ରାଜ୍ୟ ସରକାର ଏହାକୁ କର୍ଣ୍ଣପାତ କରୁ ନ ଥିବାରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର ଓ୍ୱେଲଫେୟାର ବୋର୍ଡ ଅଟୋ ଡ୍ରାଇଭରମାନଙ୍କୁ ସାମିଲ କରାଯିବା, ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା କରିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡ଼ି ପାର୍କିଂ, ଚାଳକଙ୍କ ବିଶ୍ରାମ ପାଇଁ ବିଶ୍ରାମାଗାର ଓ ଶୌଚାଳୟ ପ୍ରତି ଶହେ କି.ମି. ବ୍ୟବଧାନରେ କରିବା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନାଗୁଡିକରେ ୭୦ ପ୍ରତିଶତ ଡ୍ରାଇଭରମାନଙ୍କୁ କାମ କରିବାକୁ ଅଗ୍ରାଧିକାର ଦିଆଯିବା ଓ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରିବା ଆଦି ଦାବି ରହିଛି। ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଜୟପୁର ଡ୍ରାଇଭର ମହାସଂଘ, ମୋଟର କର୍ମଚାରୀ ସଂଘ, ଲହରି ୟୁନିୟନର



ବନ୍ଧୁଗାଁରେ ଡ୍ରାଇଭର ସଂଘ ସଦସ୍ୟମାନେ ଆନ୍ଦୋଳନ କରୁଛନ୍ତି।

ସଦସ୍ୟମାନେ ଧାରଣା ବସିଛନ୍ତି। ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଜାରି ରହିବ ବୋଲି ସଭାପତି ଧନୁ ବେହେରା, ଅବଦୁଲ ଜିଲାନି ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ଜିଲା ଡ୍ରାଇଭର ସଂଘ ପକ୍ଷରୁ ମଧ୍ୟ ଆନ୍ଦୋଳନ କରାଯାଇଛି। କୋରାପୁଟ ଆରଟିଓ ଅଫିସ ନିକଟ ପଡ଼ିଆରେ ଶାଖା ସଭାପତି ଲମ୍ବୋଧର ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ଆନ୍ଦୋଳନ କରିଛନ୍ତି। ବନ୍ଧୁଗାଁ ବ୍ଲକ୍ ସାନସରୁପାଲି ଛକ ଓ ଜୟପୁର ପାର୍ବତୀପୁର ମୁଖ୍ୟ ରାସ୍ତାରେ ଆନ୍ଦୋଳନ କରାଯାଇଛି।

## ପୋଖରୀରେ ବୁଡ଼ି ଜଣେ ମୃତ

ଡାବୁଗାଁ, ୮।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଛୁନାପାଣି ପଞ୍ଚାୟତ ମୋତିଗାଁର ଧନସିଂ ଭତ୍ରା (୪୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସୋମବାର ସନ୍ଧ୍ୟାରେ ସେ ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ଗାଁ ଲୋକମାନେ ଧନସିଂଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଓ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଡାବୁଗାଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଧନସିଂଙ୍କ ମୃତଦେହ ପୋଖରୀରୁ ବାହାର କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ମୃତକଙ୍କ ସ୍ତ୍ରୀ ଡାଳିମ୍ ଭତ୍ରା ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏଏସ୍ଆଇ ଗୋପାଳକୃଷ୍ଣ ହାଲଦା ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି। ଏନେଇ ଥାନା କେସ୍ ନଂ ୧୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଖାଲି ଥିବା ଅଧ୍ୟାପକ ପଦବୀ ପୂରଣକୁ ଗୁରୁତ୍ୱ
### ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା ବୈଠକ

କୋରାପୁଟ,୮।୭(ଅମିତାଭ ବେହେରା)

କୋରାପୁଟ ସଦ୍‌ଭାବନା ସଭାଗୃହରେ ଉଚ୍ଚ ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏକାଦଶ ଓ ଦ୍ୱାଦଶ ପରୀକ୍ଷାରେ ଛାତ୍ରୀଛାତ୍ର ଫଳାଫଳ ଭଲ କରିବା ଓ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ନେଇ ବୈଠକରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟର ଗୁରୁତ୍ୱ ଦେଇଛନ୍ତି। କୋରାପୁଟ ଓ ମାଲକାନାଗିରି ଜିଲାରେ ଯୁକ୍ତ ୨ରେ ନାମ ଲେଖା, ଛାତ୍ରୀଛାତ୍ରଙ୍କ ପାଇଁ କୋଠା ନିର୍ମାଣ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ପଠାଇବା, ଖାଲିଥିବା ପଦବୀରେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି, ଧନ୍ଦାମୂଳକ ଶିକ୍ଷା, ବିଭିନ୍ନ ଏକାଡେମିକ ସହଯୋଗ କାର୍ଯ୍ୟକ୍ରମ, ୟୁଡିଆଇଏସ୍ଇ ଅପ୍‌ଡେଶନ ଓ ୟୁସି ପଠାଇବା ଆଦି ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷା ବିଭାଗର ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ,କୋରାପୁଟ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ଜିଲା ପେଡାଗୋଜି ଚନ୍ଦ୍ରକଳା ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦରେ ସ୍କୁଲରେ ତାଲା

ରାଇଘର, ୮।୭ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ତୁରୁଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ରିଷ୍ଟପଦ ମଣ୍ଡଳଙ୍କ ବଦଳିକୁ ବିରୋଧ କରି ସୋମବାର ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଇଓ ସ୍କୁଲ କମିଟି ସହ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ ସହ କ୍ରିଷ୍ଟପଦ ମଣ୍ଡଳଙ୍କୁ ପ୍ରଧାନ ଶିକ୍ଷକଭାବେ ନିଯୁକ୍ତି ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭରୁ ଓହରିଥିଲେ। ସୂଚନାନୁଯାୟୀ, ଗତ ୨୫ ତାରିଖରେ ତୁରୁଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରିଷ୍ଟପଦ ପ୍ରଧାନ



ସ୍କୁଲ ଫାଟକରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ର ଅପେକ୍ଷା କରି ରହିଛନ୍ତି।

ଶିକ୍ଷକଭାବେ ଯୋଗ ଦେଇଥିଲେ। କିଛିଦିନ ମଧ୍ୟରେ ତାଙ୍କୁ ବଦଳି କରାଯାଉଥିବା ଗ୍ରାମବାସୀ, ଅଭିଭାବକ ସ୍କୁଲ କମିଟି ଜାଣି ଏହାକୁ ବିରୋଧ କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ପୂର୍ବ ପ୍ରଧାନଶିକ୍ଷକ ନିଶା ସେବନ କରି ସ୍କୁଲକୁ ଆସୁଥିଲେ। ସ୍କୁଲ ପରିବେଶ ଠିକ୍ ରହୁନଥିଲେ। ଗତବର୍ଷ ପିଲାମାନଙ୍କୁ ଡ୍ରେସ ମିଳି ନ ଥିଲା। ତେଣୁ କ୍ରିଷ୍ଟପଦଙ୍କୁ ଏଠାରେ ରଖିବାକୁ ଗ୍ରାମବାସୀ ଦାବି କରିଥିଲେ।

## ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର,୮।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ମାନସ ରଞ୍ଜନ ମହାପାତ୍ର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମହାପାତ୍ର ଯାଜପୁର ଜିଲାରେ କାର୍ଯ୍ୟରତ ଥିଲେ। ପୂର୍ବତନ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପଣ୍ଡାଙ୍କ ମୟୂରଭଞ୍ଜ ଜିଲାକୁ ବଦଳି ହୋଇଛି।

## ୩ ମାସ ହେବ ଦରମାରୁ ବଞ୍ଚିତ ଯୋଜନା, ସଂଯୋଜନ ବିଭାଗ କର୍ମଚାରୀ

କୋରାପୁଟ,୮।୭(ଅମିତାଭ ବେହେରା)

କୋରାପୁଟ ଜିଲା ଯୋଜନା ଓ ସଂଯୋଜନ ବିଭାଗର କର୍ମଚାରୀ ୩ ମାସ ହେବ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ଏହି ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ବେଳେ କର୍ମଚାରୀମାନେ ମାସିକ ଦରମା ପାଇନାହାନ୍ତି। ସରକାରଙ୍କ ନିଯୁକ୍ତି ନିୟମ ଅନୁଯାୟୀ ବିଭାଗୀୟ ପତ୍ର ସଂଖ୍ୟା ପିଏମ୍ ଆଇ ୮୨/୧୫, ୭୩୮୧ ୨୦୧୭ ଜୁନ୍ ୬ରେ ୨୯ ଓ ୨୦୧୪ରେ ୨୮ଜଣଙ୍କୁ ରାଜ୍ୟର ସମସ୍ତ ଜିଲାର ଯୋଜନା ଓ ସଂଯୋଜନ ବିଭାଗରେ ବିଷୟବସ୍ତୁ ବିଶେଷଜ୍ଞ ଓ ଅର୍ଥନୀତିଜ୍ଞ ଭାବେ ନିଯୁକ୍ତି ଦିଆଯାଇଥିଲା। କୋରାପୁଟରେ ୨ଜଣ ନିଯୁକ୍ତି ପାଇଥିଲେ। ସେମାନଙ୍କ ଚୁକ୍ତିକୁ ପ୍ରତି ବର୍ଷ ନବୀକରଣ କରାଯାଉଥିବା ବେଳେ ମାର୍ଚ୍ଚ ୩୧ରେ ଏହାର ସମୟ ସୀମା ସରିଯାଇଛି। ଏବେ ଚୁକ୍ତି ନବୀକରଣ ହୋଇ ନ ଥିବାରୁ ସେମାନଙ୍କୁ ଦରମା ମିଳିନି। ନିୟମ ଅନୁଯାୟୀ ଚୁକ୍ତିଭିତ୍ତିକ କର୍ମଚାରୀ ୬ ବର୍ଷ କାର୍ଯ୍ୟ କରିବା ପରେ ସ୍ଥାୟୀ ହେବା କଥା। କର୍ମଚାରୀଙ୍କୁ ଦରମା ଦେବା ସହ ସେମାନଙ୍କୁ ସ୍ଥାୟୀ ଚାକିରି ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଦାବି ହୋଇଛି।

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯
DISTRICT PROJECT OFFICE,
SAMAGRA SHIKSHA, NABARANGPUR-764059
Ph.- (06858) - 222568 (Off), E-mail : dpcnawrangssa.opepa@nic.in
No. 1505/Plg./2025 Date : 08.07.2025
File No. PM-SHRI
Notice Inviting Tender
Sealed tenders are invited from the reputed & credible printers / firms / agencies for supply of Identity Cards & PM-SHRI Logo Badge for Teachers and Students of PM-SHRI Schools (2024-25) of this district.
The detailed BID document is available in the website www.nabarangpur.odisha.gov.in and www.osepa.odisha.gov.in. Interested and eligible agency / firm may download BID document from the above website and apply accordingly. Corrigendum / addendum, if required will be uploaded in the above website. Hence potential bidders are requested to be in continuous touch with the above website.
By the order of Collector-cum-Chairman
Sd./- DEO-cum-District Project Coordinator,
Samagra Shiksha, Nabarangpur

ପୂର୍ବ ତଟ ରେଳପଥ
(1) ଟେଣ୍ଡର ସଂ. ELOP-T-06-2025
କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଅନୁଗୁଳ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।
ବିଜ୍ଞାପିତ ମୂଲ୍ୟ : ₹ 1,49,76,774.36, EMD : ₹ 2,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ।
(2) ଟେଣ୍ଡର ସଂ. ELOP-T-07-2025
କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ପାରାଦ୍ୱୀପ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।
ବିଜ୍ଞାପିତ ମୂଲ୍ୟ : ₹ 3,06,70,684.98, EMD : ₹ 3,03,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 730 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.10.07.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.07.2025ରିଖ 1600 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-332/Q/25-26

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ବୃନ୍ଦାବନ ପାତ୍ରଙ୍କୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

ମାଲକାନଗିରି, ୮।୭(ଦୁର୍ଯ୍ୟୋଧନ ପାତ୍ର)– ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅଲସିଗୁଡା ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ପାତ୍ରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର, ମାନପତ୍ର ଓ ୧୦ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଛି। ଚାଲାଣଗୁଡାରେ ଅନୁଷ୍ଠିତ ଜିଲାସ୍ତରୀୟ ବନ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ସରପଞ୍ଚ ଅରକ୍ଷିତ ନାୟକ, ଡିଏଫ୍ଓ ସାଇ କିରଣ ଡିଏନ୍, ଏସିଏଫ୍ ମନସୁନ୍ ଖେମୁଣ୍ଡୁ ଓ ପିଡି ରାଜକିଶୋର ଶବର ପ୍ରମୁଖ ଯୋଗ ଦେଇଥିଲେ। ଅଲସିଗୁଡା ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ଲଗାଇ ଉତ୍ତମ ପରିବେଶ ସୃଷ୍ଟି କରିଥିବାରୁ ତାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଦେଇ ଉତ୍ସାହିତ କରାଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

राँची समाहरणालय,राँची
(सामाजिक सुरक्षा कोषांग)
(जिला बाल संरक्षण इकाई)
गुमशुदा बालक की सूचना
(बाल कल्याण समिति, रांची के आदेशानुसार)
. नाम– आदित्य (काल्पनिक नाम)
. लिंग– बालक
. पिता का नाम– अज्ञात
. माता का नाम– अज्ञात
. पता– अज्ञात
. उम्र – 03 वर्ष (लगभग)
. रंग – सांवला



एतद् द्वारा सर्वसाधारण को सूचित किया जाता है कि बाल कल्याण समिति, राँची के आदेशानुसार एक बालक आदित्य (काल्पनिक नाम) को करूणा एन०एम०ओ०, राँची में आवासित किया गया है। जिसके जैविक एवं विधिक संरक्षक का पता लगाने हेतु राज्य स्तरीय एवं स्थानीय अखबार में विज्ञापन प्रकाशित की गयी है। उक्त बालक के जैविक एवं विधिक संरक्षक का विज्ञापन प्रकाशन के 120 दिनों (चार माह) तक कोई दावा प्रस्तुत नहीं होने पर दत्तक ग्रहण मार्गदर्शिका 2017 के नियम, 6 के उपनियम, 13 के अन्तर्गत बालक को दत्तक ग्रहण हेतु बाल कल्याण समिति, राँची द्वारा कानुनी रूप से मुक्त किया जा सकेगा।
दावा प्रस्तुत करने का पता एवं संपर्क नम्बर–
1. बाल कल्याण समिति, राँची
राँची समाहरणालय, राँची, भवन–ब्लॉक बी,
कमरा संख्या–110
2. जिला बाल संरक्षण इकाई, राँची।
राँची समाहरणालय, राँची, भवन–ब्लॉक बी,
कमरा संख्या–111
जिला बाल संरक्षण पदाधिकारी, राँची।
सहायक निदेशक, सामाजिक सुरक्षा, राँची।
PR 356766 (Social Welfare,Women and Child Development) 25-26 (D)

ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୧୨ ଓ ୧୩ ତାରିଖ: ୦୮।୦୭।୨୦୨୫
ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ● କ୍ର.ସଂ.; ବର୍ଗ; କାଟାଲଗ୍ ନଂ.; ଇ-ନିଲାମ ତାରିଖ; ନିଲାମ ଆରମ୍ଭ ସମୟ; ନିଲାମ ସମାପ୍ତି ସମୟ: ● (୧); ପାର୍ସଲ, ଲିଜ୍-କେଜିପି-୨୫-୧୨; ୧୭।୦୭।୨୦୨୫; ୧୨.୦୦ ଘଟିକା; ୧୩.୪୦ ଘଟିକା । ● (୨); ପାର୍ସଲ, ଲିଜ୍-କେଜିପି-୨୫-୧୩; ୨୪।୦୭।୨୦୨୫; ୧୧.୦୦ ଘଟିକା; ୧୬.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-372) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ମୃତକଙ୍କ ପରିବାରକୁ ମିଳିଲା ସହାୟତା
### ମା' ଓ ଶିଶୁ ପୋଖରୀରେ ବୁଡ଼ି ମୃତ୍ୟୁ ଘଟଣା

ମାଥିଲି, ୮।୭(ସୁବାଷ ଚନ୍ଦ୍ର ଖୁଡୁପିଆ ): ମାଲକାନଗିରି ଜିଲା ମାଥିଲି ବ୍ଲକ ଧଉଡାଗୁଡା ଗ୍ରାମରେ ସୋମବାର ଜଣେ ମା' ଓ ତାଙ୍କ ୫ ମାସର ଝିଅ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ଖବର ପାଇ ମଙ୍ଗଳବାର ଜିଲା ପରିଷଦ ସଦସ୍ୟା ସସ୍ମିତା ମାଝୀ ଏବଂ ମାଥିଲି ପିଇଓ ମାନବିକ ମନୋଭାବ ଦେଖାଇ ପରିବାରକୁ ଆର୍ଥିକ ସାହାଯତା ପ୍ରଦାନ କରିଛନ୍ତି। ଏଥିସହିତ ସ୍ଥାନୀୟ ସମିତି ସଭ୍ୟଙ୍କ ସହଯୋଗରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଯୋଗାଇ ଦିଆଯାଇଛି। ସହାୟତା ଦେବା ବେଳେ ସରପଞ୍ଚ କାନମରାଜୁ ନାୟକ, ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଯୁବ ନେତା ବାଲ ରାଜୁ କପେ, ମେକା ସରପଞ୍ଚ ରଞ୍ଜିତା ପୂଜାରୀ ଓ ସାମାଜିକକର୍ମୀ ସଦାଶିବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

WALK-IN-INTERVIEW
Candidates having minimum 55% mark in P.G. can attain interview for Lecturer in Odia (one post) on dt.14.07.2025 (Monday) from 11 A.M. onwards. Ph.D. qualification will preferable. Candidates will come with all testimonials.
Sd./- Principal-cum-Secretary
S.B.H.S. School, Bentapur, Khordha

WANTED
LADIES
OFFICE ASST.
At Near Phulnakhara, Cuttack
Khaiba Free / Rahiba Free
Salary - 10000 + Bonus
MOB : 7809525452

WANTED
SALES & MARKETING EXECUTIVE
AK Plywood - Bhubaneswar
Opp Hotel Sapphire, Laxmisagar
• Experience preferred but not mandatory
Mob : 083277 43931

WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs.6.0 - 7.2 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BALASORE, CUTTACK, BHADRAK & RAYAGADA
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

URGENTLY REQUIRED
4 Nos DTP and Xerox operator, 2 Nos shop Sales Men urgently required for my 2 shop, 1 Nos Private secretary Com Body guard. (Age limit 21 to 35 years, only male for all posts) Contact: New Plus Point, CDA Market Complex, College Square Cuttack.
Mob: 7991052444

## ଚାରାରୋପଣ କରିବା, ସୁନ୍ଦର ସବୁଜ ପୃଥିବୀ ଗଢ଼ିବା



ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

କୋଡ଼ିଙ୍ଗା, ୮।୭ (ସମରେନ୍ଦ୍ର ପଟ୍ଟନାୟକ): ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ଅମିତା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏକ ସୁନ୍ଦର ଓ ସବୁଜ ପୃଥିବୀ ପାଇଁ ଆମେ ସମସ୍ତେ ଯଥେଷ୍ଟ ପରିମାଣର ଚାରାରୋପଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ ମା ପାଇଁ ଗଛ ଟିଏକୁ ନେଇ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ଯୁବ ରେଡକ୍ରସ ସଂଯୋଜକ ଅଖିଳ କୁମାର ଭଞ୍ଜ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ କର୍ମଚାରୀ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ, ଫୁଲ ତଥା ଔଷଧୀୟ ଚାରାରୋପଣ କରିଥିଲେ। ଏନ୍ଏସ୍ଏସ୍ ଅଧିକାରୀ ଅଧ୍ୟାପକ ପଞ୍ଚାନନ ଦୁରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (୧୮୩୯୮)
ସା: ମହାନଦୀ ଭବନ, କଚେରୀ ରୋଡ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ପ୍ରଥମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in
ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।
ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୯.୦୭.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ମେସର୍ସ ଏସ୍ ମହାରଣା, ସତ୍ତ୍ୱାଧିକାରୀ: ଶ୍ରୀ ସନାତନ ମହାରଣା, ବାଲିଝୁଡି ଆଇଡ଼ିଏଲ୍ ରୋଡ୍, ସ୍ୱପ୍ନେଶ୍ୱର ମନ୍ଦିର ସାମ୍ନା, ଜିଲ୍ଲା: ସୁନ୍ଦରଗଡ଼, ପିନ୍-୭୬୯୦୧୬ / ଆକାଉଣ୍ଟ ନଂ.: ୩୯୬୩୩୪୩୬୮୪୬, ୪୦୨୫୫୬୦୫୫୩୨, ୪୦୨୫୫୬୦୭୪୩୭ ଏବଂ ୩୮୪୮୮୪୧୧୬୫୧ | ଶ୍ରୀ ସନାତନ ମହାରଣାଙ୍କ ନାମରେ ଥିବା ଅନୁସୂଚିତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଟାୟୁ ନଂ.-୪୮, ବଡ଼ ସୁନାପର୍ବତ, ଥାନା: ଟାଙ୍ଗରପାଲି, ଖାତା ନଂ.: ୭୯/୩୧୬, ପ୍ଲଟ୍ ନଂ.: ୨୫୯/ ୧୧୭୫, କ୍ଷେତ୍ର: ଏକର୦.୨୦୦ ଡିସିମିଲି | ୦୮.୦୭.୨୦୨୫ ପର୍ଯ୍ୟନ୍ତ ସୁଧ ସହିତ ଟ.୭୭,୩୯,୮୧୪.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୫୦,୦୦,୦୦୦/- / ଟ.୫,୦୦,୦୦୦/- / ଟ.୫୦,୦୦୦/- |

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮ ଏବଂ ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦
ତାରିଖ: ୦୮.୦୭.୨୦୨୫, ସ୍ଥାନ: ସମ୍ବଲପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର

इंजीनियर्स इंडिया लिमिटेड (भारत सरकार का उपक्रम)
ENGINEERS INDIA LIMITED (A Govt. of India Undertaking)
ଭୁବନେଶ୍ୱର, ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ
ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାୟ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରୁଛି:

| ବର୍ଣ୍ଣନା | ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଓ ସମୟ |
|---|---|---|
| କାର୍ଯ୍ୟର ନାମ: ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ଲ୍ୟାଣ୍ଡସ୍କେପିଂ ଏବଂ ହର୍ଟିକଲ୍ଚର କାର୍ଯ୍ୟ ବିଡିଂ ଦସ୍ତାବିଜ ନଂ.: କେପି/ବି୫୭୧-୦୦୧-ପିକେ-ଟି-୮୨୦୪/୧୦୦୭ | ୦୯।୦୭।୨୦୨୫ ରୁ ୨୯।୦୭।୨୦୨୫ | ୨୯।୦୭।୨୦୨୫ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ । ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ ।
ଡିଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ମାଲକାନଗିରି: ୬ ଦଫା ଦାବି ନେଇ ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

କୋରୁକୋଣ୍ଡା, ୮।୭(ଶିବଦତ୍ତ ସାହୁ )

ଓଡ଼ିଶା ଡ୍ରାଇଭର ମହାସଂଘ ନିର୍ଦ୍ଦେଶ କ୍ରମେ ୬ ଦଫା ଦାବି ନେଇ ମଙ୍ଗଳବାର ରାଜ୍ୟର ସମସ୍ତ ଡ୍ରାଇଭର ସଂଘ କର୍ମକର୍ତ୍ତା ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ବାଲିମେଳାରେ ଡ୍ରାଇଭର ସଂଘ ସଭାପତି ସଲମନ ପାଙ୍ଗି, ସମ୍ପାଦକ ବଳଭଦ୍ର ପଲେଇ, ଶ୍ରୀପତି ପାଙ୍ଗି ଏବଂ କୋରୁକୋଣ୍ଡା ବ୍ଲକ ଡ୍ରାଇଭର ସଂଘ ସଭାପତି ସୁରେନ୍ଦ୍ର ଗାଛାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡ୍ରାଇଭରମାନେ ଚିତ୍ରକୋଣ୍ଡା ଛକରେ ଏକାଠି ହୋଇ ଧାରଣାରେ ବସିଛନ୍ତି। ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର ଏମ୍ପ୍ଲଇଜ୍ ୟୁନିୟନ ସଭାପତି ପ୍ରବୀର କୁମାର ଦାସ, ଉପଦେଷ୍ଟା ଦେବ ପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ମିଶ୍ର,ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ମୋହନ ରାଓ ଏବଂ ସାମାଜିକକର୍ମୀ ରାଜେନ୍ଦ୍ର କୁଲଦୀପ ପ୍ରମୁଖ ଧାରଣା ସ୍ଥାନରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସଂଘ ଦାବିଗୁଡିକ ହେଲା ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ କର୍ମଚାରୀ ୱେଲଫେୟାର ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା, ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ପାର୍କିଂ ଏବଂ ଡ୍ରାଇଭର ବିଶ୍ରାମ ନେବା ପାଇଁ ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କି.ମି.ଅନ୍ତରରେ କରିବା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନାଗୁଡିକରେ ଶତକଡା ୭୦ ପ୍ରତିଶତ ଡ୍ରାଇଭରଙ୍କୁ କାମ କରିବାର ଅଗ୍ରାଧିକାର ଦେବା, ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଭାବେ ଘୋଷଣା ପାଇଁ ଦାବି ରହିଛି। ଆନ୍ଦୋଳନ ଯୋଗୁ ବାଲିମେଳା ଓ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଅଟୋଠାରୁ ଆରମ୍ଭ କରି ବେସରକାରୀ ବସ୍ ଓ ଅନ୍ୟାନ୍ୟ ଗାଡି ମୋଟର ବନ୍ଦ ଥିବାରୁ ଯାତ୍ରୀଙ୍କ ସମେତ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାବିଗୁଡିକ ସରକାର ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବାଲିମେଳା ଡ୍ରାଇଭର ସଂଘ ସଭାପତି ସଲମନ ଏବଂ କୋରୁକୋଣ୍ଡା ବ୍ଲକ ସଭାପତି ଗାଛା କହିଛନ୍ତି। ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଧାରଣାସ୍ଥଳରେ ପୋଲିସ କେତେକ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଛି ।

## ଧାରଣାରେ ବାଲିମେଳା, କୋରୁକୋଣ୍ଡା ବ୍ଲକ୍‌ର ଶତାଧିକ ଚାଳକ
## ସମର୍ଥନ କଲା ଜଳବିଦ୍ୟୁତ୍ କେନ୍ଦ୍ର ଏମ୍ପ୍ଲଇଜ୍ ୟୁନିୟନ


ବାଲିମେଳାରେ ଆନ୍ଦୋଳନରତ ଡ୍ରାଇଭର ଏବଂ ଓଏଚ୍‌ପିସି ଏମ୍ପ୍ଲଇଜ୍ ୟୁନିୟନ୍ କର୍ମକର୍ତ୍ତା ।

## ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ

ମାଲକାନଗିରି, (ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ଜିଲା ଡ୍ରାଇଭର ସଂଘ ତରଫରୁ ୬ ଦଫା ଦାବି ନେଇ ମଙ୍ଗଳବାର ଷ୍ଟିଅରିଂ ଛାଡ ଆନ୍ଦୋଳନ କରିଛନ୍ତି। ଡ୍ରାଇଭର ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସକାଳୁ ଧାରଣା ଦେଇଛନ୍ତି। ସଂଘ ପକ୍ଷରୁ କରାଯାଇଥିବା ଦାବିଗୁଡିକ ମଧ୍ୟରୁ ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ କର୍ମଚାରୀ ୱେଲଫେୟାର ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ, ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡି ପାର୍କିଂ ଓ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ପାର୍କିଂ ସହିତ ବିଶ୍ରାମାଗାର ଓ ଶୌଚାଳୟ ପ୍ରତି ୧୦୦ କି.ମି.ଅନ୍ତରରେ କରିବା, ପ୍ରତ୍ୟେକ ଖଣି ଖାଦାନ ଓ କାରଖାନାଗୁଡିକରେ ଶତକଡା ୭୦ ଭାଗ ଡ୍ରାଇଭରମାନଙ୍କୁ କାମ କରିବାର ଅଗ୍ରାଧିକାର ଦିଆଯିବା, ସେପ୍ଟେମ୍ବର ୧କୁ ସ୍ୱତନ୍ତ୍ର ଡ୍ରାଇଭର ଦିବସ ଘୋଷଣା କରାଯିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି। ସମସ୍ତ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ଯୋଗୁ ଅଟୋଠାରୁ ଆରମ୍ଭ କରି ସରକାରୀ ବସ୍ ଓ ଅନ୍ୟାନ୍ୟ ଗାଡି ମାଟର ଚଳାଚଳ ବନ୍ଦ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ଦାବିଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

## ଯାତାୟାତ ଲାଗି ଲୋକେ ହଇରାଣ

କାଳିମେଳା, (ଜୀବନ କୃଷ୍ଣ ଦାସ )

ବିଭିନ୍ନ ଦାବି ନେଇ କାଳିମେଳା ଡ୍ରାଇଭର ସଂଘ ପକ୍ଷରୁ ମଙ୍ଗଳବାର ଷ୍ଟିଅରିଂ ଛାଡ ଆନ୍ଦୋଳନ ସହ ଶାଖା କାର୍ଯ୍ୟାଳୟରେ ଧାରଣା ଦିଆଯାଇଛି। ୭ ଦଫା ଦାବି ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଧାରଣା ଜାରି ରହିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଅନ୍ୟ ପଟେ ଧର୍ମଘଟ ଯୋଗୁ ଯାତାୟାତ ପାଇଁ ଯାତ୍ରୀମାନଙ୍କ ମଧ୍ୟରେ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳୁଛି । ଏଥିରେ କାଳିମେଳା ଶାଖା ସଭାପତି ପ୍ରଦୀପ କୁମାର ରାୟଙ୍କ ନେତୃତ୍ୱରେ ଉପ ସଭାପତି ସୁଶେନ ବିଶ୍ୱାସ, ସମ୍ପାଦକ ସଞ୍ଜୟ ରାୟ, ସହ ସମ୍ପାଦକ ସନ୍ତୋଷ ମଣ୍ଡଳ, ଉପଦେଷ୍ଟା ବିଶ୍ୱଜିତ ଦଫାଦର, କୋଷାଧ୍ୟକ୍ଷ ବାଲ୍ମୀକି ରାଉତଙ୍କ ସହ ଶତାଧିକ ଡ୍ରାଇଭର ନିଜ ନିଜ ଗାଡି ବନ୍ଦ କରି ଧର୍ମଘଟ କରୁଛନ୍ତି ।


କାଳିମେଳାରେ ଡ୍ରାଇଭରମାନେ ଧର୍ମଘଟରେ ବସିଛନ୍ତି ।

# ମାସେ ନ ପୂରୁଣୁ ଏମ୍‌ଭି-୩୬ ରାସ୍ତାରୁ ଉଠିଲା ପିଚୁ

## ରାସ୍ତା ନିର୍ମାଣରେ ଦୁର୍ନୀତି

କୋରୁକୋଣ୍ଡା,୮।୭ (ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ମୁଖ୍ୟ ରାସ୍ତା ଏମଭି-୩୬ ଛକଠାରୁ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତା ଆପନମାଲା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଦୁର୍ନୀତି ଅଭିଯୋଗ ହୋଇଛି । ଦୀର୍ଘ ଦିନ ହେବ ଏହି ରାସ୍ତା ତିଆରି ହେଉ ନ ଥିବାରୁ ନାନାଦି ସମସ୍ୟା ଭୋଗୁଥିଲେ ଗ୍ରାମବାସୀ। ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିବା ପରେ ନୂତନ ରାସ୍ତା ତିଆରି ପାଇଁ କାର୍ଯ୍ୟାଦେଶ ଆସିଲା । କିନ୍ତୁ ରାସ୍ତାଟି ଠିକାଦାରଙ୍କ ଦ୍ୱାରା ଏପରି ତିଆରି କରାଗଲା ଯେ, ମାସେ ନ ପୂରୁଣୁ ଅଧିକାଂଶ ସ୍ଥାନରୁ ପିଚୁ ଉଠି ଖାଲଖମା ହୋଇଛି। ଏଥିଯୋଗୁ ଦୁର୍ଘଟଣାରେ ଆହତ ହେଉଥିବା ନେଇ କିଛି ବାଇକ୍ ଚାଳକ ଅଭିଯୋଗ କରିଛନ୍ତି। ଠିକାଦାର ରାତାରାତି ପିଚୁ ପକାଇ ନିଜ କାମ ସାରି ପଳାଇ ଯାଇଥିବା ବେଳେ ଏମ୍‌ଭି-୩୬ ଗ୍ରାମ ଭିତର ସିମେଣ୍ଟ କଂକ୍ରିଟ ରାସ୍ତା ତିଆରି କରିବାକୁ ଭୁଲିଗଲା। ଫଳରେ ବର୍ତ୍ତମାନ ବର୍ଷା ଦିନରେ ଗ୍ରାମବାସୀ ବାହାରକୁ ବାହାରିଲେ କାଦୁଅରେ ବହୁ କଷ୍ଟରେ ଯିବା ଆସିବା ପାଇଁ ବାଧ ହେଉଛନ୍ତି। ଏଥିସହ ନାମ ଫଳକରେ ୭ଟି କଲଭର୍ଟ ନିର୍ମାଣ କରାଯାଇଥିବା ଦର୍ଶା ଯାଇଥିବା ବେଳେ ଗ୍ରାମ ମଝିରେ କେବଳ ଗୋଟିଏ ବଡ଼ କଲଭର୍ଟ କରାଯାଇଛି, ସେହି କଲଭର୍ଟର ଉଭୟ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ କରିବାକୁ ଭୁଲିଯାଇଛନ୍ତି ଠିକାଦାର। ଯାହାଦ୍ୱାରା ଗତ କିଛିଦିନ ଧରି ହୋଇଥିବା ଲଗାଣ ବର୍ଷାରେ କଲଭର୍ଟର ଉଭୟ ପାର୍ଶ୍ୱରେ ପଡିଥିବା ଏହି ମାଟିରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ଅଟକି ଯାଉଥିବା ଦେଖିବାକୁ ମିଳୁଛି। ଏମ୍‌ଭି-୩୬ ଗ୍ରାମକୁ ଯିବା ପାଇଁ ହେଲେ ଏହି ଗୋଟିଏ ମାତ୍ର ରାସ୍ତା ଥିବା ବେଳେ ଯଦି କେଉଁ ଦିନ କୌଣସି ରୋଗୀକୁ ମେଡିକାଲ ନେବା ନିମନ୍ତେ ଆମ୍ବୁଲାନ୍ସ ଆସେ ତ ବାଟରେ ଏହି କଲଭର୍ଟ ନିକଟରେ ଗାଡି ଦବି ଯିବାର ଆଶଙ୍କା ରହିଛି। ତେବେ ଖରାରେ ପିଚୁ ନ ପକାଇ ରାତିରେ ଢାଳିବା ଦ୍ୱାରା ଏପରି ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏହି ରାସ୍ତା ବାବଦକୁ ୨ କୋଟି ୭୭ ଲକ୍ଷ ଖର୍ଚ୍ଚ ହୋଇଥିବା ବେଳେ ସେହି ଟଙ୍କା ବର୍ତ୍ତମାନ ପାଣିରେ ପଡିଛି। ଏଥିସହ ପି.କେ.ସ୍ୱାଇଁ ନାମକ ଠିକାଦାର ଏହି କାର୍ଯ୍ୟ କରିଥିବା ବେଳେ ୨୦୨୨-୨୩ ରେ ଏହା ସାରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ୩ ବର୍ଷ ପରେ ଏହି କାମ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ବିଭାଗୀୟ ଏସ୍‌ଡିଓ ଭୋଳାନାଥ ସେଠୀଙ୍କୁ ପଚାରିବାରୁ ୨ ଦିନ ମଧ୍ୟରେ ରାସ୍ତାଟିର ପୁନଃ ନିର୍ମାଣ କାମ ଆରମ୍ଭ କରାଯିବା ସହ କଲଭର୍ଟର ଉଭୟ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ରାସ୍ତା ତିଆରି ହେବ ବୋଲି ସୂଚନା ଦେଇଥିଲେ। ତେବେ ତୁରନ୍ତ ଏହି ରାସ୍ତାଟିର ପୁନଃନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଥିବା ବେଳେ ଯଦି ଆଗାମୀ ୧୦ ଦିନ ମଧ୍ୟରେ ତିଆରି କରା ନ ଯାଏ ତା ହେଲେ ଆର୍‌ଡି ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।


ଶୋଚନୀୟ ହୋଇପଡିଥିବା ରାସ୍ତା ।

# ବାଲିମେଳାରେ ମହାପ୍ରଭୁଙ୍କ ନୀଳାଦ୍ରିବିଜେ


ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତି ।

କୋରୁକୋଣ୍ଡା,୮।୭(ଶିବଦତ୍ତ ସାହୁ)- ନବଦିନାତ୍ମକ ଯାତ୍ରାସାରି ଜନ୍ମବେଦୀକୁ ବାହୁଡ଼ି ଆସିଛନ୍ତି ଦାରୁଦିଅଁ। ବାଲିମେଳାରେ ମଙ୍ଗଳବାର ଶ୍ରୀଜୀଉଙ୍କ ନୀଳାଦ୍ରିବିଜେ ଅନୁଷ୍ଠିତ ହୋଇଥିଲା। ରଥରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ଅନ୍ନ ପ୍ରସାଦ ଭୋଗ କରାଯାଇଥିଲା। ଏହା ପରେ ସେବକମାନେ ଠାକୁରଙ୍କୁ ପହଣ୍ଡି କରି ମନ୍ଦିରକୁ ନେଇଥିଲେ। ସନ୍ଧ୍ୟାରେ ଜନ୍ମ ବେଦୀରେ ଆଳତି ସହ ପୂଜାର୍ଚ୍ଚନା ହୋଇଛି। ନୀଳାଦ୍ରିବିଜେ ଦେଖିବା ପାଇଁ ବାଲିମେଳା ସହର ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ବସ୍ ଦୁର୍ଘଟଣାରେ କନ୍‌ଷ୍ଟେବଲ ମୃତ, ସ୍ତ୍ରୀ ଗୁରୁତର

ମାଥିଲି, ୮।୭(ସୁବାଷ ଚନ୍ଦ୍ର ଖୁଡୁପିଆ )

ମାଲକାନଗିରି ଜିଲା ମାଥିଲି ବ୍ଲକ କଡାମେଟାରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ କନ୍‌ଷ୍ଟେବଲ୍ କୃଷ୍ଣ ପୂଜାରୀଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ରୁକ୍ମଣୀ ପୂଜାରୀ ଗୁରୁତର ହୋଇଛନ୍ତି । କୃଷ୍ଣ ଓ ରୁକ୍ମଣୀ ସେହି ରାସ୍ତା ଦେଇ ବାଇକ୍‌ରେ ଯାଉଥିବା ବେଳେ ଏକ ଟମାଟୋ ବୋଝେଇ ଟ୍ରକ୍ ହଠାତ୍ ଭାରସାମ୍ୟ ହରାଇ ତାଙ୍କ ବାଇକ୍ ଉପରେ ଓଲଟି ପଡ଼ିଥିଲା। ଫଳରେ ଉଭୟେ ସ୍ୱାମୀ, ସ୍ତ୍ରୀ ଚାପି ହୋଇଯାଇଥିଲେ। ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ ଦେଖି ସ୍ତ୍ରୀ ରୁକ୍ମଣୀ ପାଟିଥିଲେ। ସ୍ଥାନୀୟ ଲୋକେ ଶବ୍ଦ ଶୁଣି ବିଲରୁ ଦୌଡ଼ି ଆସିଥିଲେ। ୧୦୮ ଆମ୍ବୁଲାନ୍ସରେ କୃଷ୍ଣଙ୍କୁ ମାଥିଲି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରୁକ୍ମଣୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ, ସୋମବାର କୃଷ୍ଣ ନିଜ ଗାଁ ଧଉଡ଼ାଗୁଡାକୁ ଆସି ଜମିବାଡି କାମ ଦେଖି ସ୍ୱାମୀ, ସ୍ତ୍ରୀ ମାଲକାନଗିରି ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।


ଟ୍ରକ୍ ତଳେ ଚାପି ହୋଇଯାଇଥିବା ବାଇକ୍ ।

# ଗ୍ରାମବାସୀଙ୍କ କାମରେ ଆସୁନି ଆବର୍ଜନା କୁଣ୍ଡ

## ଆବର୍ଜନା ନେବାକୁ ହୋଇନି ବିକଳ୍ପ ବ୍ୟବସ୍ଥା

ବନ୍ଧୁଗାଁ,୮।୭(ବେଣୁଧର ଲାବଲା)

ସ୍ୱଚ୍ଛ ଭାରତ ଗଠନ ପାଇଁ ସରକାରୀ ସ୍ତରରେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲ ମନୋଭାବ ଯୋଗୁ ସ୍ୱଚ୍ଛ ଭାରତ ଆବର୍ଜନା ପୃଥୀକରଣ କେନ୍ଦ୍ର ଗ୍ରାମବାସୀଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ଅଧୀନ ଆଲୋମଣ୍ଡା ପଞ୍ଚାୟତ ଆଲୋମଣ୍ଡା ଗ୍ରାମରୁ ୨ କି.ମି. ଦୂର ଗାଜେଲ୍ ଖାନା ନିକଟ ନଦୀ କୂଳରେ ସ୍ୱଚ୍ଛ ଭାରତ ଆବର୍ଜନା ପୃଥୀକରଣ କେନ୍ଦ୍ର ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ଦୀର୍ଘ ମାସ ବିତିଥିଲେ ସୁଦ୍ଧା ଗାଁଠାରୁ ୨ କି.ମି. ଦୂରରେ ହୋଇଥିବାରୁ ଏହା ଗ୍ରାମବାସୀଙ୍କ କାମରେ ଲାଗୁନାହିଁ। ଅଳିଆ, ଆବର୍ଜନା ନେବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ଗାଁ, ସାହି ଛକ ପାଖରେ ଅନେକ ସ୍ଥାନରେ ସରକାରୀ ଜମି ଖାଲି ଥିବା ସତ୍ତ୍ୱେ କାହା ସ୍ୱାର୍ଥରେ ଏତେ ଦୂରରେ ଆବର୍ଜନା କୁଣ୍ଡ ନିର୍ମାଣ ହୋଇଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। କାନାଗାଁ ପଞ୍ଚାୟତରେ ମଧ ସମାନ ଅବସ୍ଥା। ବନ୍ଧୁଗାଁ ବ୍ଲକ୍‌ରେ ଅନେକ ପଞ୍ଚାୟତରେ ଆବର୍ଜନା କୁଣ୍ଡ ତିଆରି ନ ହୋଇ ବିଲ୍ ବାଟମାରଣା ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରତି ପଞ୍ଚାୟତରେ ଆବର୍ଜନା ଉଠାଇବାକୁ ସରକାରଙ୍କ ପକ୍ଷରୁ ଅନୁଦାନ ଆସୁଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ନ ହୋଇ ବାଟମାରଣା ହେଉଛି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଏଭଳି ସମସ୍ୟା ଉପୁଜିଥିବା କେତେକ ବୁଦ୍ଧିଜୀବୀ କହିଛନ୍ତି।


ଗାଁଠାରୁ ୨ କି.ମି ଦୂରରେ ହୋଇଥିବା ଆବର୍ଜନା କୁଣ୍ଡ।

## ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ବିକାଶମୂଳକ କାର୍ଯ୍ୟର ସମୀକ୍ଷା

ଜୟପୁର,୮।୭(ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଜୟପୁର ବ୍ଲକ୍‌ର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ମଙ୍ଗଳବାର ସମୀକ୍ଷା କରିଛନ୍ତି। ବ୍ଲକର ଟାଙ୍କୁଆ, ଉଙ୍ଗରଛିଞ୍ଚି ଓ ବ୍ଲକ ଅଫିସ୍‌ରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ହୋଇଛି। ପ୍ରଧାନମନ୍ତ୍ରୀ ଆବାସ,ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟକାରିତା, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ଅମୃତ ସରୋବର ବୁଲି ଦେଖି କାର୍ଯ୍ୟ ତ୍ୱରାନ୍ୱିତ କରିବା ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଡିଓ ଶକ୍ତି ମହାପାତ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ନନ୍ଦପୁର,୮।୭(ତୁଷାର କାନ୍ତ ମହାନ୍ତି)- କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ମାଲିବେଲଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଣସପୂଟିଆ(୬୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ହୋଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କର ବିୟୋଗରେ ପଞ୍ଚାୟତବାସୀ ଶୋକ ପ୍ରକାଶ କରିଛନ୍ତି। ଖତପୁଟ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ୭ ଦଫା ଦାବିରେ ଡ୍ରାଇଭର ମହାସଂଘର ଆନ୍ଦୋଳନ

ଡାବୁଗାଁ/ଉମରକୋଟ, ୮।୭ (ପ୍ରଜ୍ଞାରଞ୍ଜନ ପରିଡ଼ା/ସନ୍ତୋଷ ଶତପଥୀ)

ଓଡ଼ିଶା ଡ୍ରାଇଭର ମହାସଂଘ ୭ ଦଫା ଦାବି ନେଇ ମଙ୍ଗଳବାର ରାଜ୍ୟ ବ୍ୟାପୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଆରମ୍ଭ କରିଛି। ଏହାକୁ ନବରଙ୍ଗପୁର ଶାଖା ସମର୍ଥନ ଜଣାଇ ଧର୍ମଘଟରେ ସାମିଲ ହୋଇଛନ୍ତି। ଜରୁରୀକାଳୀନ ସେବାରେ ଥିବା ଡ୍ରାଇଭରମାନଙ୍କୁ ଛାଡ଼ି, ବସ୍, ଟ୍ରକ୍ ଏବଂ ଅଟୋ-ରିକ୍ସା ସମେତ ଅନ୍ୟ ସମସ୍ତେ ଦାବି ପୂରଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି। ଅଟୋ ଚାଳକଙ୍କୁ ଡ୍ରାଇଭର କଲ୍ୟାଣ ସଂଘରେ ସାମିଲ, ୬୦ ବର୍ଷ ବୟସ ପରେ ଡ୍ରାଇଭରଙ୍କୁ ଭତ୍ତା, ୧୦୦ କିଲୋମିଟର ଅନ୍ତରରେ ପାର୍କିଂ ଓ ଶୌଚାଳୟର ବ୍ୟବସ୍ଥା, ୧ ସେପ୍ଟେମ୍ବରକୁ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା ଭଳି ୭ଦଫା ଦାବି ରହିଛି।

ଡାବୁଗାଁ ବ୍ଲକର ସଦରମହକୁମାସ୍ଥିତ ଚାରିଛକ ନିକଟରେ ଡାବୁଗାଁ ବ୍ଲକ ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଧାରଣାରେ ବସିଛନ୍ତି। ଏଥିରେ ବ୍ଲକ ସଂଘ ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ପି. ଭୈରବ ରାଓ, ସମ୍ପାଦକ ଅକ୍ଷୟ କୁମାର ପାତ୍ରୀ, ଯୁଗ୍ମ ସମ୍ପାଦକ ତ୍ରିନାଥ ଷଡଙ୍ଗୀ, କୋଷାଧ୍ୟକ୍ଷ ଦମ୍ବରୁଧର ନାୟକ, ଉପଦେଷ୍ଟା ଉତ୍ତମ ପ୍ରଧାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଧାରଣାରେ ବସିଛନ୍ତି।

ସେହିଭଳି ରାଜ୍ୟ ସଙ୍ଘ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଚିକଲପଦର କାର୍ଯ୍ୟାଳୟରେ ସମସ୍ତ ଡ୍ରାଇଭର ମହାସଂଘ ସଦସ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯାଉଛି ବୋଲି କହିଛନ୍ତି ଉମରକୋଟ ସଙ୍ଘ ସଭାପତି ପ୍ରଦିପ ବିଶ୍ୱାସ ଓ ସମ୍ପାଦକ ବିଦ୍ୟାଧର ମାଡ଼ଗୁଲ କହିଛନ୍ତି। ଆନ୍ଦୋଳନରେ ବସ୍,ଟ୍ରକ, ଅଟୋ, ଟ୍ରାକ୍ଟର ଡ୍ରାଇଭରମାନେ ସାମିଲ ହୋଇଛନ୍ତି। ସଙ୍ଘ ସମସ୍ତ ସଦସ୍ୟ ଏକାଠି ହୋଇ ନାରାବାଜି ଦେଇ ଦାବି ମାନିବାକୁ ସ୍ଲୋଗାନ ଦେଉଛନ୍ତି। ଏହି ଆନ୍ଦୋଳନରେ ଉମରକୋଟ ସଂଘ ଉପସଭାପତି ସୁକେନ୍ଦ୍ର ହରିଜନ,କୋଷାଧ୍ୟକ୍ଷ ବୁଟି ଭତ୍ରା,ସହ ସମ୍ପାଦକ ଶ୍ରୀନୀବାସ ରାଓଙ୍କ ସମେତ ବ୍ଲକର ଶତାଧିକ ଡ୍ରାଇଭର ସାମିଲ ରହିଛନ୍ତି।



ଉମରକୋଟରେ ଧାରଣାରେ ବସିଥିବା ଡ୍ରାଇଭର ମହାସଂଘ ସଦସ୍ୟମାନେ।

# ଗଡ଼ିଲାନି ଅଖଚକ, ଯାତ୍ରୀ ହଇରାଣ




ରାୟଗଡ଼ା ଏବଂ ଗୁଡାରି ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍।

ରାୟଗଡ଼ା/ ଗୁଡାରି ,୮।୭(ଆଶିଷ ରଞ୍ଜନ ପଣ୍ଡା/ପ୍ରମୋଦ କୁମାର ପତି)

ରାଜ୍ୟ ଡ୍ରାଇଭର ମହାସଂଘର ନିଷ୍ପତ୍ତିକ୍ରମେ ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକ୍‌ରେ ଡ୍ରାଇଭରମାନେ ୬ ଦଫା ଦାବି ନେଇ ମଙ୍ଗଳବାର ଷ୍ଟିୟରିଂ ଛାଡ଼ି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଚକଅଖ ସବୁ ବନ୍ଦ ରହିଥିଲା। ଟ୍ୟାକ୍ସିଠାରୁ ଆରମ୍ଭ କରି ବସ୍ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ସ୍ଥାନରେ ଶତାଧିକ ଯାତ୍ରୀ ଅଟକି ରହିଥିବା ପରିଲକ୍ଷିତ ହୋଇଛି। ରାୟଗଡ଼ା ବସ୍‌ଷ୍ଟାଣ୍ଡଠାରେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଅପେକ୍ଷା କରିଥିବା ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। କୌଣସି ଉପାୟ ନ ପାଇ ଅଟୋ ରିକ୍ସା ଯୋଗେ ଯାଇଥିଲେ । ସେଥିପାଇଁ ଚଢ଼ା ମୂଲ୍ୟର ଭଡ଼ା ମଧ୍ୟ ଅଟୋରିକ୍ସା ଚାଳକ ନେଇଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ କାଶୀପୁର, ଟିକିରି, କଲ୍ୟାଣସିଂହପୁର, ବନ୍ଧୁଗାଁ, ନାରାୟଣପାଟଣା, ବିଷମକଟକ, କୋଲନରା, ରାମନାଗୁଡା, କେରେଡା ଭଳି ସ୍ୱଳ୍ପ ଦୂରତା ବାଟକୁ ଅଟୋ ରିକ୍ସା ଯୋଗେ ଯାତ୍ରୀ ଯାଇଥିଲେ । ଏଣେ କୋରାପୁଟ, ଦାମନଯୋଡ଼ି, ଜୟପୁର, ବ୍ରହ୍ମପୁର, କେସିଙ୍ଗା, ଭବାନୀପାଟଣା ପାଇଁ ଟ୍ରେନ୍‌ରେ ପ୍ରବଳ ଭିଡ଼ ହୋଇଥିଲା।

ସେହିପରି ଗୁଡ଼ାରି ବସ୍‌ଷ୍ଟାଣ୍ଡ ପରିସରରେ ସମସ୍ତ ଘରୋଇ ବସ୍ ଅଟକି ରହିଛି। ବ୍ରହ୍ମପୁରକୁ ଯାତାୟାତ କରୁଥିବା ୨ଟି ବସ୍ ସକାଳୁ ଯାଇଥିବା ବେଳେ ଅନ୍ୟ ସବୁ ବସ୍ ଷ୍ଟାଣ୍ଡରେ ଅଟକିରହିଥିଲା। ଗୁଡାରିକୁ ଯାତାୟାତ କରୁଥିବା ସମସ୍ତ ବସ୍ ଏବଂ ଅଟୋ ଚଳାଚଳ ବନ୍ଦ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସମସ୍ତ ଡ୍ରାଇଭର ସହରର ବିଭିନ୍ନ ଛକ ସ୍ଥାନରେ ଏକତ୍ରିତ ହୋଇ ଧାରଣାରେ ବସିବା ସହ ଯାତାୟାତ କରୁଥିବା ଗାଡି ଉପରେ ନଜର ରଖିଛନ୍ତି। କେବଳ ଅତ୍ୟାବଶ୍ୟକ ଗାଡି ଯାତାୟାତ କରୁଥିବା ବେଳେ ଅନ୍ୟ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଥିଲା।

# ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ



ମୁନିଗୁଡ଼ା



ଟିକିରି

ମୁନିଗୁଡ଼ା/ ଅମ୍ବାଦଳା/ ପଦ୍ମପୁର/ ଟିକିରି/କଲ୍ୟାଣସିଂହପୁର,୮।୭ (ନନ୍ଦ କିଶୋର ପଟ୍ଟନାୟକ/ରବୀନ୍ଦ୍ର ପଣ୍ଡା/ପ୍ରଶାନ୍ତ କୁମାର କର/ପ୍ରଫୁଲ୍ଲ କୁମାର ବେହେରା/ ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକରେ ଡ୍ରାଇଭର ମହାସଂଘ ପକ୍ଷରୁ ୬ ଦଫା ଦାବି ନେଇ ମଙ୍ଗଳବାର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଛି। ମୁନିଗୁଡ଼ା ବ୍ଲକ୍ ଶାଖା ତରଫରୁ ସଭାପତି ବୁଦ୍ଧୁ ଶବର ଓ ଜିଲା ସହ ସମ୍ପାଦକ ଶଙ୍କର ଗୁରୁମୁଣ୍ଡାଙ୍କ ମିଳିତ ସଂଯୋଜନାରେ ବ୍ଲକର ବିଭିନ୍ନ ପଞ୍ଚାୟତର ଡ୍ରାଇଭରମାନେ ମୁନିଖୋଲସ୍ଥିତ ହନୁମାନ ବାଟିକା ପରିସରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବସି ରହିଛନ୍ତି। ୬ ଦଫା ଦାବି ମଧ୍ୟରେ ଅଟୋ ଚାଳକଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱେଲଫେୟାର ବୋର୍ଡରେ ସାମିଲ କରାଯିବା, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ବୃଦ୍ଧିରତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡ଼ିଗୁଡ଼ିକ ପାର୍କିଂ ଓ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ପାର୍କିଂ ସହ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଓ କାରଖାନାଗୁଡ଼ିକରେ ଶତକଡ଼ା ୭୦% ଓଡ଼ିଶାର ଡ୍ରାଇଭରଙ୍କୁ କାମ କରିବା ପାଇଁ ଅଗ୍ରାଧିକାର, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯିବାକୁ ଦାବି ହୋଇଛି। ଏହିସବୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ଯଦି ସରକାର ଅଣଦେଖା କରନ୍ତି ତା'ହେଲେ କୌଣସି ଡ୍ରାଇଭର ଗାଡି ଚଳାଇବେ ନାହିଁ ଏବଂ ସରକାର ପଡିଲେ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କୁ ଅସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯଦି ସେହି ସମୟ ମଧ୍ୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜେ କିମ୍ବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେଥିପାଇଁ ସମ୍ପୂର୍ଣ୍ଣ ରୂପେ ସରକାର ଦାୟୀ ରହିବେ ବୋଲି ମୁନିଗୁଡ଼ା ଶାଖାର ଉପ ସଭାପତି ରାଜେନ୍ଦ୍ର ଭୋଇ, ସମ୍ପାଦକ ପ୍ରତିକାନ୍ତ ମହାକୁଡ଼,ସମ୍ପାଦକ ଲୋକନାଥ ପୂଜାରୀ,କୋଷାଧ୍ୟକ୍ଷ ମୁକୁନ୍ଦ ସାହୁ, ଶେଖ ହବିବ୍,ଗୋଲକ ବେହେରା, ନୟନ ଗୌଡ଼, ଦୁର୍ଯ୍ୟ ବେହେରା ପ୍ରମୁଖ କହିଛନ୍ତି।

ସେହିପରି ଅମ୍ବାଦଳା ଡ୍ରାଇଭର ମହାସଂଘ ସଭାପତି ଅଭିମନ୍ୟୁ ଦଣ୍ଡସେନା, ଉପସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ସମେତ ଇଚ୍ଛାପୁର ପଞ୍ଚାୟତ ସଭାପତି ଶ୍ରୀହରି ହାତୀ, ରାଣୀପିଷା ସଭାପତି ରବୀନ୍ଦ୍ର ବେହେରା, ଶିବପଦରର ସଞ୍ଜୟ ପାତ୍ର ପ୍ରମୁଖ ଆନ୍ଦୋଳନରେ ଉପସ୍ଥିତ ରହିଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଯୋଗଦେଇ ସହଯୋଗ କରିଥିଲେ।

ପଦ୍ମପୁର ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ୧୩ଟି ପଞ୍ଚାୟତର ଡ୍ରାଇଭର ଭାଇମାନେ ସାମିଲ ଥିଲେ। ରାଜ୍ୟ ସରକାର ତୁରନ୍ତ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘର ସଭାପତି ଏ ନାଗଭୂଷଣ ରାଓ, ଉପସଭାପତି ମାଡି ନେନକା, ସମ୍ପାଦକ ଚନ୍ଦନ ପାଣିଗ୍ରାହୀ, ସହ ସମ୍ପାଦକ ଉଦୟା ଡିମା, କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ପ୍ରତିକ୍ରିୟା ରଖିଛନ୍ତି ।

ସେହିପରି କାଶୀପୁର ବ୍ଲକ ଡ୍ରାଇଭ ମହାସଂଘ ସଭାପତି ଯୋଗୀ ଜାଇନ ନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଛକରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି।

କଲ୍ୟାଣସିଂହପୁର ଡ୍ରାଇଭର ସଂଘ ଉପସଭାପତି ମଧୁସୂଦନ ଶୋଭିଲାଙ୍କ ନେତୃତ୍ୱରେ ବ୍ଲକ ସଦର କାଳିସୁନ୍ଦରୀ ମନ୍ଦିର ସମ୍ମୁଖରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବସିଛନ୍ତି। ଆନ୍ଦୋଳନରେ ବ୍ଲକର ୧୩ଟି ପଞ୍ଚାୟତର ଡ୍ରାଇଭରମାନେ ସାମିଲ ହୋଇଛନ୍ତି।



କଲ୍ୟାଣସିଂହପୁରରେ ଆନ୍ଦୋଳନରତ ଡ୍ରାଇଭର।

# କଳାବ୍ୟାଜ୍ ପିନ୍ଧି ଅମଲାଙ୍କ ଆନ୍ଦୋଳନ



ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମସ୍ତ ଅମଲା କଳାବ୍ୟାଜ୍ ପରିଧାନ କରିଛନ୍ତି।

ଗୁଡାରି, ୮।୭ (ପ୍ରମୋଦ କୁମାର ପତି )

ରାଜ୍ୟ ଅମଲା ସଂଘର ନିଷ୍ପତ୍ତିକ୍ରମେ ୧୦ ଦଫା ଦାବି ପୂରଣ ନେଇ ଗୁଡାରି ବ୍ଲକ୍ ଅମଲାମାନେ କଳା ବ୍ୟାଜ୍ ପରିଧାନକରି ଆନ୍ଦୋଳନ କରୁଛନ୍ତି । ଏହି କ୍ରମରେ ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ସମସ୍ତ ଅମଲା ସାମିଲ ଅଛନ୍ତି। ଆନ୍ଦୋଳନ ସମ୍ପର୍କରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଉପଦେଷ୍ଟା ତଥା ବ୍ଲକ୍ ସେକ୍ସନ ଅଫିସର ବିଶ୍ୱନାଥ ମଲ୍ଲିକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ୧୦ ଦଫା ଦାବି ପୂରଣ ନେଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ସରକାର ଏ ସମ୍ପର୍କରେ କିଛି ନିଷ୍ପତ୍ତି ନ ନିଅନ୍ତି, ତେବେ ଆସନ୍ତା ୧୪ ତାରିଖରୁ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ସମୂହ ଛୁଟିରେ ଯିବୁ ଏବଂ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବୁ ବୋଲି ସୂଚନା ଦେଇଛନ୍ତି।

# ସମ୍ବିଧାନ ସଙ୍କଟରେ ରହିଛି: ରାମଚନ୍ଦ୍ର କାଡାମ୍

- ରାହୁଲଙ୍କ ସମାବେଶକୁ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ
- ସମାବେଶରେ ରାୟଗଡ଼ା ଜିଲାରୁ ଯୋଗଦେବେ ୨ ହଜାର କର୍ମୀ




ଖବରଦାତା ସମ୍ମିଳନୀରେ ବିଧାୟକ ରାମଚନ୍ଦ୍ର କାଡାମ, ଆପଲସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା।

ରାୟଗଡ଼ା,୮।୭(ଆଶିଷ ରଞ୍ଜନ ପଣ୍ଡା)

ଜୁଲାଇ ୧୧ରେ ଭୁବନେଶ୍ୱରଠାରେ ହେବାକୁ ଥିବା କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ସାମିଲ ହେବେ। ଏହି ସମାବେଶରେ ଜିଲାର ସମସ୍ତ ୩ ବିଧାୟକଙ୍କ ତରଫରୁ ଜିଲାରୁ ୨ହଜାର କର୍ମୀ ଯୋଗଦାନ କରିବେ ବୋଲି ମଙ୍ଗଳବାର ରାୟଗଡ଼ାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ଭାଜପା ସରକାର ପାଇଁ ବର୍ତ୍ତମାନ ସମ୍ବିଧାନ ସଙ୍କଟରେ ରହିଛି। ସମ୍ବିଧାନ ବଦଳାଇବା ପାଇଁ ଭାଜପା ଉଦ୍ୟମ କରୁଛି। ନିଜର ଏକ ସମ୍ବିଧାନ ଆଣିବା ପାଇଁ ସମସ୍ତ ଯୋଜନା କେନ୍ଦ୍ର ସରକାର ଗୁପ୍ତ ଭାବେ ପ୍ରସ୍ତୁତ କରୁଛନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା କାଡାମ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ତେଣୁ ଏହାର ପ୍ରତିବାଦରେ ସମ୍ବିଧାନ ସୁରକ୍ଷା ପାଇଁ ଭୁବନେଶ୍ୱରଠାରେ ଏହି ସମାବେଶର ଆୟୋଜନ ହୋଇଛି। ଅନ୍ୟପକ୍ଷେ ଡବଲ ଇଞ୍ଜିନ ସରକାର ପାଇଁ ରାଜ୍ୟ ମଧ୍ୟ ବିପଦରେ ଥିବା ସେ ପ୍ରକାଶ କରିଛନ୍ତି। ରାଜ୍ୟର ଖଣି ଲୁଟିବା ପାଇଁ ଶିଳ୍ପପତିଙ୍କୁ ଡକରା ଚାଲିଛି। ସମଗ୍ର ରାଜ୍ୟର ନାରୀ ସୁରକ୍ଷିତ ନୁହନ୍ତି। ଅନେକ ଯୁବତୀ ନିଖୋଜ ହେଲେଣି। ତଥାପି ମୁଖ୍ୟମନ୍ତ୍ରୀ ନିଦରେ ବୋଲି କାଡାମ କହିଛନ୍ତି। ଅପରପକ୍ଷରେ ରାଜ୍ୟରେ ନୂତନ ରାଜନୈତିକ ଦଳ ଗଠନ ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ବିଧାୟକ କାଡାମ କହିଛନ୍ତି, ମୁଁ ମଧ୍ୟ ଶୁଣୁଛି ନୂଆ ଦଳ ହେବ ବୋଲି। ହେଲେ ତାହା ଉଡ଼ା ଖବର ମଧ୍ୟ ହୋଇପାରେ। ତେବେ ଯେତେ ଦଳ ଗଠନ ହେଲେ ମଧ୍ୟ କଂଗ୍ରେସ ଉପରେ ଏହାର ପ୍ରଭାବ ପଡିବନାହିଁ। ଖବରଦାତା ସମ୍ମିଳନୀରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା ଓ କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ଆତ୍ମହତ୍ୟା ଅଭିଯୋଗ



ମୃତ ଧୀରଜ ଆଚାର୍ଯ୍ୟ।

ମୁନିଗୁଡ଼ା,୮।୭ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ ମୁନିଖୋଲରେ ସୋମବାର ରାତିରେ ଜଣେ ଯୁବ ବ୍ୟବସାୟୀ ନିଜ ଘରେ ବେଡରେ କପଡ଼ା ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ ମୁନିଗୁଡ଼ାର ବିଶିଷ୍ଟ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୁତ୍ର। ଧୀରଜ ଆଚାର୍ଯ୍ୟ। ସେ ମୁନିଖୋଲସ୍ଥିତ ନିଜ ଘରେ ମା'ଙ୍କ ସହ ରହି ଆସୁଥିଲେ। ତେବେ ସେ ଘରେ ଏକ ଡେଜରାଟି ଦୋକାନ କରି ବ୍ୟବସାୟୀ କରୁଥିଲେ। ପ୍ରତ୍ୟେକ ଦିନ ଭଳି ଦୋକାନର ଆବଶ୍ୟକ ସାମଗ୍ରୀ ପାଇଁ ସୋମବାର ସନ୍ଧ୍ୟାରେ ବଜାରକୁ ଯାଇ ଜିନିଷପତ୍ର କିଣି ଘରକୁ ଆସିଥିଲେ। ଘରେ ତାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମଙ୍ଗଳବାର ସକାଳେ ମୁନିଗୁଡ଼ା ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ନିର୍ଦ୍ଦେଶରେ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଶରୀର ଜବତ କରିଥିଲେ। ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡ଼ିଛି । ତେବେ ଧୀରଜ କାହିଁକି ଓ କେଉଁ ପରିସ୍ଥିତିରେ ଏପରି ପଦକ୍ଷେପ ନେଲେ ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି।

# ମୁଖ୍ୟ ରାସ୍ତାରେ ଗୋରୁ, ବଢୁଛି ଦୁର୍ଘଟଣା



ଗୁଣପୁର, ୮।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ମୁଖ୍ୟରାସ୍ତାରେ ପଲ ପଲ ଗୋରୁଙ୍କ ଭିଡ଼ ଜମୁଛି। ଗୁଣପୁର କଲେଜଠାରୁ ଆରମ୍ଭ କରି ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଗୋରୁଙ୍କ ଚଳପ୍ରଚଳ ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟିବାରେ ଲାଗିଛି । ରାସ୍ତା ଉପରେ ପଲ ପଲ ଗୋରୁ ଶୋଇ ରହୁଥିବାରୁ ଯାତାୟାତରେ ଘୋର ଅସୁବିଧା ଦେଖାଦେଉଛି। ମାଲିକମାନେ ଷ୍ଟୀର ବାହାର କରିସାରିବା ପରେ ଗାଈଙ୍କୁ ନିଜ ଗୁହାଳରେ ବାନ୍ଧି ନ ରଖି ଛାଡ଼ିଦେବା କାରଣରୁ ଏହି ସମସ୍ୟା ଦେଖାଦେଉଛି। ପୌର ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଗୋରୁଙ୍କୁ ବାହାରକୁ ନ ଛାଡିବା ପାଇଁ ସଚେତନ କରାଯାଉଥିଲେ ମଧ୍ୟ ଏଥିପ୍ରତି ଗୋରୁ ମାଲିକଙ୍କ ଭ୍ରୂକ୍ଷେପ ନାହିଁ। ପ୍ରତିବର୍ଷ ବର୍ଷା ଦିନେ ଏହି ସମସ୍ୟା ଯୋଗୁ ଗାଡ଼ି ଚାଳକମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ଏଥିସହ ଗାଡ଼ି ଧକ୍କାରେ ଗୋରୁଙ୍କ ମୃତ୍ୟୁ ହେବା ମଧ୍ୟ ନଜିର ରହିଛି। ତଥାପି ଗୋରୁ ମାଲିକମାନେ ବିନା ଦ୍ୱିଧାରେ ରାସ୍ତା ଉପରକୁ ଗୋରୁ ଛାଡ଼ି ଦେଉଛନ୍ତି। ତେଣୁ ପ୍ରଶାସନ ଏ ଦିଗରେ କଠୋର ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଦିବ୍ୟ ଦର୍ଶନ ସଂଘର ସଫେଇ ଅଭିଯାନ

ଗୁଣପୁର,୮।୭(ପ୍ରଦୀପ କୁମାର ପାଢ଼ୀ)

ସଦ୍‌ଗୁରୁଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟଦର୍ଶନ ସଂଘ ଗୁଣପୁର ଶାଖା ଆନୁକୂଲ୍ୟରେ ୯୩ ତମ ଗୁରୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗୁଣପୁର ନିକଟସ୍ଥ ଶ୍ରୀରାମ ଏବଂ ନରସିଂହ ଗ୍ରାମରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଓମରା ଗ୍ରାମବାସୀ ଏବଂ ଗୁରୁ ଭାଇଭଉଣୀ ଏକାଠି ହୋଇ ନାଳ ସଫା କରିବା, ଗଛପତ୍ର କାଟି ଅଳିଆ ଅଳର୍ଜନା ବାହାର କରିଥିଲେ। ରାସ୍ତାଘାଟ ସଫା ସୁତରା ରଖିବା, ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାରି ଟାଙ୍ଗି ଶୋଇବା, ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ନରସିଂହ ପୁଷ୍ପରେ ଥିବା ଗ୍ରାମବାସୀ ଓ ଗୁରୁ ଭାଇଭଉଣୀ ମିଳିମିଶି ନାଳ, ରାସ୍ତାଘାଟ ସଫା କରିଥିଲେ। ଉକ୍ତ ସ୍ୱଚ୍ଛ ଭାରତ ଅଭିଯାନରେ ଗୁରୁଭାଇ ଏସ୍ ଗୌରୀ ଶଙ୍କର, ଦ୍ୱିତୀକୃଷ୍ଣ ସେନାପତି, ବଳରାମ ଲିମା, ପି. ଗୋପାଳ ରାଓ, ଗୁଲ୍ଲୁଷା ସରପଞ୍ଚ ବିକ୍ରମ ଶବର, ନାରାୟଣ ନାୟକ, ମାଝୀ ଶବର, ଶ୍ରୀଦେବୀ ଶବର, ମଣି ଶବର ଏବଂ ଅନ୍ୟାନ୍ୟ ଗୁରୁଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ।

# ଆଇନ ସଚେତନତା ଶିବିର, ଚାରାରୋପଣ

ରାୟଗଡ଼ା,୮।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପରାମର୍ଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଡିଡି ଜିଲା ହାଇସ୍କୁଲ ପରିସରରେ ଚାରାରୋପଣ କରାଯିବା ସହିତ ଜୁଭେନାଇଲ ଜଷ୍ଟିସ୍‌ଆକ୍ଟ ଏବଂ ରାଇଟ ଟୁ କମ୍ପଲସରି ଏଜୁକେଶନ ଆକ୍ଟ ଉପରେ ଛାତ୍ରଛାତ୍ରୀଙ୍କ ସଚେତନ କରାଯାଇଥିଲା । ଏଥିରେ ଅତିରିକ୍ତ ମହରେ ରାୟଗଡା ବାର୍‌ଆସୋସିଏଶନର ଆଇନଜୀବୀ ଦେବରାଜ ନାୟକ, ଭାରତୀ ତ୍ରିପାଠୀ, ଜିଡିଡି ହାଇସ୍କୁଲ ବାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଉକ୍ତ ଦୁଇ ଆଇନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ନାଲସାର ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ । ଶେଷରେ ସଚିବ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି ।




ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ସହ ଉପସ୍ଥିତ ଅତିଥି।

# ସୁରକ୍ଷା ପ୍ରଦାନ ନ କଲେ ୨୩ରୁ ଡାକ୍ତରଙ୍କ ସମୂହ ଛୁଟି ନିଷ୍ପତ୍ତି

ରାୟଗଡା,୮।୭(ଆଶିଷ ରଞ୍ଜନ ପଣ୍ଡା)

ଗତ କୁନ୍‌ରେ ଡାକ୍ତରଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ନେଇ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଅଭିଯୋଗ ଆଣିଛନ୍ତି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା)। ଏହି ଘଟଣାରେ ଡାକ୍ତରଙ୍କ ବିରୋଧରେ ପୋଲିସ ଲଗାଇଥିବା ମିଛ ଦଫାଗୁଡିକ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ରାୟଗଡା ଜିଲା ଡାକ୍ତର ସଂଘ ଦାବି କରିଛି। ଯଦି ଆସନ୍ତା ୨୩ ତାରିଖ ସୁଦ୍ଧା ଜିଲା ପ୍ରଶାସନ, ଆରକ୍ଷୀ ଅଧିକ୍ଷକ ଏବଂ ମେଡିକାଲ କର୍ତ୍ତୃପକ୍ଷ କୌଣସି ବିଶେଷ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ରାୟଗଡା ଜିଲାର ସମସ୍ତ ଡାକ୍ତର ସମୂହ ଛୁଟିରେ ଯିବେ ବୋଲି ମଙ୍ଗଳବାର ସିଡିଏମ୍‌ଓ, ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଓମ୍‌ସାର ରାଜ୍ୟ ଅଧ୍ୟକ୍ଷ ଡାକ୍ତର କିଶୋର ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ସିଡିଏମ୍‌ଓ, ଜିଲାପାଳ ପାଖରୁ ପଟାୟତରାଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ, ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ ରାୟଗଡା ଜିଲା ଓମ୍‌ସାର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଗତ ଜୁନ୍ ମାସରେ ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସଲି ପଞ୍ଚାୟତ ଭାଲେରି ଗ୍ରାମର ଜଣେ ରୋଗୀଙ୍କୁ ନେଇ ସଞ୍ଜୟ ବିଡ଼ିକା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ଚିକିତ୍ସା ଅବହେଳା ନେଇ ଭିଡିଓ ଭାଇରାଲ କରିବା ଘଟଣାକୁ ନେଇ ଡାକ୍ତରଙ୍କ ସହ ତାଙ୍କର ବଚସା ହେବାରୁ ଡାକ୍ତରମାନେ ନିଜର ସୁରକ୍ଷା ନେଇ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ପରଦିନ ସଞ୍ଜୟଙ୍କ ମୃତଦେହ କଲ୍ୟାଣସିଂହପୁର ବ୍ଲକ ସୀମା ବୁଦ୍ଧବାଡ଼ି ରେଳ ଧାରଣରୁ ମିଳିଥିଲା। ସଞ୍ଜୟଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ ହୋଇଥିଲା।




ଦାବିପତ୍ର ଦେବାକୁ ଆସିଥିବା ଡାକ୍ତର।

# ଜିଲାପାଳଙ୍କ ବିନା ଅନୁମତିରେ ଛୁଟିରେ ଯିବେନି ପ୍ରଧାନଶିକ୍ଷକ

## ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

କୋରାପୁଟ,୮।୭
(ଅମିତାଭ ବେହେରା)

କୋରାପୁଟ ଜିଲା ସଦ୍‌ଭାବନା ସଭାଗୃହରେ ଅନୁସୂଚିତ ଜନଜାତି ତଥା ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ନେଇ ମଙ୍ଗଳବାର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ୱାସନଙ୍କ ଅଧ୍ୟକ୍ଷତା କରିଥିଲେ। ଜିଲାର ମଙ୍ଗଳ ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳରେ ସୁଧାର ଆଣିବା, ଆବାସିକ ସ୍କୁଲଗୁଡ଼ିକରେ ଭିତ୍ତିଭୂମିକୁ ସଦୃଢ଼ କରିବା, ଶତ ପ୍ରତିଶତ ସଫଳତା ଆଣିବା,ମଙ୍ଗଳ ବିଭାଗ ଅଧୀନରେ ଥିବା ସମସ୍ତ ପ୍ରଧାନଶିକ୍ଷକ ବିନା ଜିଲାପାଳଙ୍କ ଅନୁମତିରେ ଛୁଟିରେ ଯାଇ ପାରିବେନି, ବିଦ୍ୟାଳୟର ଆବଶ୍ୟକ ଘର, ପାନୀୟ ଜଳ, ବିଦ୍ୟୁତ୍, ପରିମଳ ବ୍ୟବସ୍ଥାର ଉନ୍ନତି ନେଇ ସମୀକ୍ଷା ହୋଇଥିଲା। ବିଭାଗ ଅଧୀନରେ ଥିବା ଭଲ ଶିକ୍ଷକମାନଙ୍କୁ ନେଇ ଏକ କ୍ଲଷ୍ଟର କରି ସେମାନଙ୍କୁ ଦକ୍ଷତା ବିକାଶ ତାଲିମ ଦେବା, ସମସ୍ତ ସ୍କୁଲରେ ଶିକ୍ଷକ ଓ ଛାତ୍ରୀଛାତ୍ର ପାଇଁ ବାୟୋମାଟ୍ରିକ ଲଗାଇବା,୯୦ ପ୍ରତିଶତ ଉପସ୍ଥାନ ନ ରହିଲେ ପରୀକ୍ଷା ଦେଇ ପାରିବେ ନାହିଁ, ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ତାଲିମ ବ୍ୟବସ୍ଥା କରାଇବା ନେଇ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ପ୍ରକଳ୍ପ ପ୍ରଶାସକ ସ୍ନେହଲତା ମାଝୀ, ଜିଲା ମଙ୍ଗଳ ଅଧିକାରୀ ଓ ସୁନୀଲ ତାଣ୍ଡି, ସମସ୍ତ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ମାଧ୍ୟମିକ ତଥା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଭି.କୀର୍ତ୍ତି ୱାସନ ଓ ଅନ୍ୟମାନେ।

# କୁନ୍ଦୁରା ପଞ୍ଚାୟତ: ୫ ସରପଞ୍ଚ, ୩ ସମିତି ସଭ୍ୟଙ୍କ କଂଗ୍ରେସରୁ ଇସ୍ତଫା


ଖବରଦାତା ସମ୍ମିଳନୀରେ ଇସ୍ତଫା ଦେଇଥିବା ସରପଞ୍ଚ ଓ ସମିତିସଭ୍ୟ।

ଜୟପୁର,୮।୭(ପବନ ପାଣିଗ୍ରାହୀ)

ଜୟପୁର ଜୟନଗରସ୍ଥିତ ଏକ କଲ୍ୟାଣ ମଣ୍ଡପରେ କୁନ୍ଦୁରା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପୂର୍ବତନ ସରପଞ୍ଚ କଂଗ୍ରେସରୁ ଇସ୍ତଫା ଦେଇଥବା ନେଇ ଏକ ଖବରଦାତା ସମ୍ମିଳନୀକରି ମଙ୍ଗଳବାର ସୂଚନା ଦେଇଛନ୍ତି। ସରପଞ୍ଚ, ସମିତି ସଭ୍ୟ ଓ ପୂର୍ବତନ ସରପଞ୍ଚ ଦସ୍ତଖତକରି ଜିଲା କଂଗ୍ରେସ ସଭାପତି ଶଶିଭୂଷଣ ପାତ୍ରଙ୍କୁ ଇସ୍ତଫାପତ୍ର ପଠାଇଛନ୍ତି। ଏହାର ଏକ ନକଲ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ପ୍ରଦାନ କରିଛନ୍ତି। କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ପରିଚାଳନାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ମନମୁଖି କାର୍ଯ୍ୟରେ ଅତିଷ୍ଠ ହୋଇ ଅଭିଯୋଗ କରିଥିଲେ। ରାଣୀଗୁଡା ପଞ୍ଚାୟତ ଶିବ ପ୍ରଧାନୀ, ଭୁଷାଙ୍ଗଗୁଡା ପଞ୍ଚାୟତର ଡମ୍ବରୁଧର ପୂଜାରୀ, ଘୁମର ପଞ୍ଚାୟତର ମୁନା ବାଣ୍ଡୁଆ, ଦିଗାପୁର ପଞ୍ଚାୟତର ନୀଳା ନାୟକ, ଲିମା ପଞ୍ଚାୟତର ଭାନୁମତୀ ମସିହା ପ୍ରମୁଖ ସରପଞ୍ଚ ଇସ୍ତଫା ଦେଇଛନ୍ତି। ସେହିପରି ସମିତିସଭ୍ୟ ଡଙ୍ଗରପାଡ଼ଶିର ମମତା ଭଞ୍ଜ, ରାଣୀଗୁଡାର ସୁବର୍ଣ୍ଣ ନାୟକ ଓ ଭୁଶାଙ୍ଗଗୁଡା ମମିତା ହରିଜନ ପ୍ରମୁଖ ଇସ୍ତଫା ଦେଇଛନ୍ତି। କଂଗ୍ରେସ ସମର୍ଥିତ ପୂର୍ବତନ ସରପଞ୍ଚ ବାଣ୍ଡୁଆଗୁଡାର ଗୁପ୍ତ ନାୟକ, ଘୁମର ସରପଞ୍ଚ କୃଷ୍ଣ ବାଣ୍ଡୁଆ ସହ ୪୦ଜଣ କର୍ମୀ ଇସ୍ତଫା ଦେଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ବାଚନ ହୋଇଥିଲା। ସେହି ସମୟରେ ୧୬ଟି ପଞ୍ଚାୟତର ସାମୂହିକ ଉନ୍ନୟନ କାର୍ଯ୍ୟରେ ଧ୍ୟାନଦେବା ସହ କୁନ୍ଦୁରା ବ୍ଲକ୍‌ର ଲୋକ ପ୍ରତିନିଧିମାନଙ୍କର ପରାମର୍ଶକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ଅଧ୍ୟକ୍ଷା ପରବର୍ତ୍ତୀ ସମୟରେ ଗୁରୁତ୍ୱ ଦେଇ ନ ଥିଲେ ଓ ଅନ୍ୟ କଥାରେ କାର୍ଯ୍ୟ କରୁଥିବାରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି।

# ଡଙ୍ଗା ଚଳାଚଳ ବନ୍ଦ ଯୋଗୁ ଅଞ୍ଚଳବାସୀ ହନ୍ତସନ୍ତ


ଲୋକେ ନଦୀ ପାର ହୋଇ ଯିବାକୁ ଅପେକ୍ଷା କରିଛନ୍ତି।

## ଯାତାୟାତରେ ସମସ୍ୟା ଅଭିଯୋଗ

ଦଶମନ୍ତପୁର,୮।୭(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆର ଶୁଣି ପଞ୍ଚାୟତ ଅଧୀନ ଜଟିଆଗୁଡା କେନାଲରେ ଡଙ୍ଗା ଚଳାଚଳ ବନ୍ଦ ପରେ ଅଞ୍ଚଳବାସୀ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ଦେଖିବାକୁ ମିଳିଛି। ସୂଚନା ଯେ, ଜୁଲାଇ ୨ରେ ୪ ଯୁବକ ୩ଟି ବାଇକ୍ ସହ ଡଙ୍ଗା ପାରି ହେଉଥିବା ବେଳେ ବର୍ଷା ଯୋଗୁ ଡଙ୍ଗା ଓଲଟି ପଡିଥିଲା। ଏଥିରୁ ୪ ଯୁବକ ବର୍ତ୍ତି ଯାଉଥିଲେ। ୩ ବାଇକ୍ ପାଣିରେ ବୁଡି ଯାଇଥିଲା। କିନ୍ତୁ ୬ ଦିନ ହେବ ଏହି ପଞ୍ଚାୟତର ୧୪ ଗ୍ରାମବାସୀ ଓ ୩ ଜିଲାର ଜିଲାବାସୀ ଏହା ଉପରେ ନିର୍ଭର କରୁଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ହାଟରୁ ଆରମ୍ଭ କରି ବ୍ଲକ୍ ଓ ଅନ୍ୟାନ୍ୟ ସରକାରୀ, ବେସରକାରୀ କାର୍ଯ୍ୟ ପାଇଁ ଜୀବନକୁ ବାଜି ଲଗାଇ ଡଙ୍ଗାରେ ଯାତାୟାତ କରୁଥିବା କହିଛନ୍ତି। ଅଞ୍ଚଳବାସୀଙ୍କୁ ସୁବିଧା ଯୋଗାଉଥିବା ଡଙ୍ଗା ଓଲଟିବା ପରେ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଯାତାୟାତରେ ସମସ୍ୟା ହେଉଥିବାରୁ ପ୍ରଶାସନ ଶୀଘ୍ର ଏକ ଭଲ ଡଙ୍ଗା ବ୍ୟବସ୍ଥା କରିବାକୁ ୩ ଜିଲାବାସୀ ଓ ୧୪ ଗ୍ରାମବାସୀ ଦାବି କରିଛନ୍ତି।

# ଛାତ୍ରାବାସରେ ମିଳୁନି ସର୍ବନିମ୍ନ ସୁବିଧା

## ବିଡିଓଙ୍କୁ ଅନ୍ତେବାସୀଙ୍କ ଦାବିପତ୍ର

ନନ୍ଦପୁର,୮।୭(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ସଦର ମହକୁମାସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଅନ୍ତେବାସୀ ସେମାନଙ୍କୁ ଛାତ୍ରାବାସରେ ସର୍ବନିମ୍ନ ସୁବିଧା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଶତାଧିକ ଛାତ୍ର ବିଦ୍ୟାଳୟ ନ ଯାଇ ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ଭେଟି ଏକ ଲିଖିତ ଅଭିଯୋଗ ପତ୍ର ମଙ୍ଗଳବାର ପ୍ରଦାନ କରିଥିଲେ। ଏଥିରେ ଛାତ୍ରାବାସରେ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ସାବୁନ, ତେଲ, ବ୍ରଶ୍, ପେଷ୍ଟ, ଫିନାଇଲ, ଝାଡୁ, ରୁମ୍ ପୋଛା, ଡଷ୍ଟବିନ୍, ବାଲ୍ଟି, ମଗ ଓ ଶୀତବସ୍ତ୍ର ଆଦି ଦିଆଯାଉ ନାହିଁ। ସେମାନଙ୍କୁ କୌଣସି ଖେଳ ସାମଗ୍ରୀ ଦିଆଯାଉ ନ ଥିବା ବେଳେ ଛାତ୍ର ନିବାସରେ ଇନ୍‌ଭର୍ଟର ନ ଥିବାରୁ ବିଦ୍ୟୁତ୍ କାଟ୍ ସମୟରେ ହଇରାଣ ହେଉଥିବା ଉଲ୍ଲେଖ କରିଛନ୍ତି। ବିଡିଓ ଦୋରା ଅନ୍ତେବାସୀ ଛାତ୍ରଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରି ଘଟଣାର ତଦନ୍ତ ବ୍ଲକ୍ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥିବା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ାଙ୍କୁ ଡାକି ତାଗିଦ କରିବା ସହ ଅନ୍ତେବାସୀଙ୍କୁ ବିଦ୍ୟାଳୟ ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦପୁର ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନାଗେନ ତ୍ରିପାଠୀ ମଙ୍ଗଳବାର କୋରାପୁଟରେ ଜିଲାପାଳଙ୍କ ରିଭ୍ୟୁ ମିଟିଂ ସାରି ହଷ୍ଟେଲ ପରିଦର୍ଶନ କରିବେ। ଅନ୍ତେବାସୀଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି।


ଅନ୍ତେବାସୀ ବିଡିଓଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# ଜୋଲାପୁଟ ଜଳଭଣ୍ଡାର ରନ୍ତା ଘାଟରୁ ମୃତଦେହ ଜବତ

ନନ୍ଦପୁର, ୮।୭(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ଜୋଲାପୁଟ ଜଳଭଣ୍ଡାର ରନ୍ତା ଗାଁ ପାର୍ଶ୍ୱ ଘାଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମଙ୍ଗଳବାର ସକାଳୁ ଉଦ୍ଧାର ହୋଇଛି। ମୃତକ ହେଲେ ଯୋଡିପୁଟ ଗ୍ରାମର ସାମ ଖିଲ(୬୦)। ସୂଚନା ଅନୁଯାୟୀ, ଜୋଲାପୁଟ ଜଳଭଣ୍ଡାରରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ଗ୍ରାମବାସୀ ପାଡୁଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୱାର୍ଡ ସଭ୍ୟ ଲକ୍ଷ୍ମୀଧର ଖରା ଓ ଗ୍ରାମବାସୀଙ୍କ ସହାୟତାରେ ଜଳଭଣ୍ଡାର ଭିତରୁ ମୃତଦେହ ବାହାର କରିଥିଲେ। ସାମ ସୋମବାର ଅପରାହ୍ନରେ ଶୌଚହେବାକୁ ଯାଇ ଫେରି ନ ଥିବା ତାଙ୍କ ପୁଅ ପ୍ରହଲ୍ଲାଦ କହିଛନ୍ତି। ପୋଲିସ ଏ ନେଇ କେସ୍ ନଂ. ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସ୍‌ଆଇ ଦୀପକ ବାରିକ ତଦନ୍ତ କରୁଥିବା ଥାନା ଅଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି।

# କଂଗ୍ରେସ ନେତା ଜଗଦୀଶ ବାଘଙ୍କ ପରଲୋକ



ଚନ୍ଦାହାଣ୍ଡି, ୮।୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବରିଷ୍ଠ କଂଗ୍ରେସ ନେତା ଜଗଦୀଶ ବାଘଙ୍କ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମଙ୍ଗଳବାର ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଚନ୍ଦାହାଣ୍ଡିରୁ ଗାଁ ସାଲେବିଡ଼ିକୁ ଯିବାବେଳେ ଆମ୍ବଗୁଡ଼ାରେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଚନ୍ଦାହାଣ୍ଡି, କୋରାପୁଟ, ବ୍ରହ୍ମପୁର ଓ ଶେଷରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। ୨ ଦିନ ସେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ସେଠାରେ ସୋମବାର ରାତି ୧୧ଟାରେ ତାଙ୍କର ମୃତ୍ୟୁ ହୋଇଛି। ଜଗଦୀଶ ଛାତ୍ର ଜୀବନରୁ କଂଗ୍ରେସରେ ଯୋଗଦେଇ ଯୁବ କଂଗ୍ରେସ ଜିଲା ସାଧାରଣ ସମ୍ପାଦକ, ଚନ୍ଦାହାଣ୍ଡି ବ୍ଲକ ଜୋନ୍ ସଭାପତି, ଜିଲା କଂଗ୍ରେସ ସମ୍ପାଦକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଥିଲେ। ଭବାନୀପାଟଣା ବିଧାୟକ ଦାସ, ବାରବାଟୀ କଟକ ବିଧାୟିକା, ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ଭୁଜବଳ ମାଝି, ପ୍ରକାଶ ମାଝୀ, ବରିଷ୍ଠ କଂଗ୍ରେସ ନେତା ମୁନା ତ୍ରିପାଠୀ, ନାରାୟଣ ପାତ୍ର, କ୍ଷେମରାଜ ବାଘ, ଗଣ୍ଡା ସମାଜ ସଭାପତି ନରେଶ୍ୱର୍ ବେଶ୍ରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଡାବୁଗାଁ, ୮।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂତନ ଭୋଟର ପରିଚୟ ପତ୍ର ଆବେଦନ, ସ୍ଥାନାନ୍ତରଣ, ସଂଶୋଧନ, ଆବେଦନ ପତ୍ର କିପରି ପୂରଣ କରାଯିବ ଓ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ବିଭିନ୍ନ କାର୍ଯ୍ୟ ଓ ଦାୟିତ୍ୱ ଉପରେ ତାଲିମ ଦିଆଯାଇଥିଲା। ନବରଙ୍ଗପୁର ଜିଲାପରିଷଦ ଉନ୍ନୟନ ଅଧିକାରୀ ତଥା ଭୋଟର ତାଲିକା ପଞ୍ଜୀକରଣ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଡାବୁଗାଁ ବିଡିଓ ତଥା ଅତିରିକ୍ତ ଭୋଟର ତାଲିକା ପଞ୍ଜୀକରଣ ଅଧିକାରୀ ଶରତ ମାଝି, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ସିପି ପ୍ରବୀଣ ପଟ୍ଟନାୟକ, ସୁପରଭାଇଜର କୃଷ୍ଣଚନ୍ଦ୍ର ପଣ୍ଡା, ରାଇସିଂ ପୂଜାରୀ, ବିକାଶ ରଞ୍ଜନ ନିଶଙ୍କ, ରତିକାନ୍ତ ନାୟକ, ଧନସିଂ ତନ୍ତୀ ଓ ୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ କୁମାର ପଣ୍ଡା ତାଲିମ ଦେଇଥିଲେ।

# ସ୍କୁଲରେ ବନ ମହୋତ୍ସବ

ଉମରକୋଟ, ୮।୭(ସନ୍ତୋଷ ଶତପଥୀ)

ବନ ବିଭାଗ ପକ୍ଷରୁ ଉମରକୋଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗୁଡ଼ାରେ ମଙ୍ଗଳବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରାଉତ, ବନରକ୍ଷୀ ସାଗରିକା ସେଠୀ, ଆଶୁତୋଷ ପାଢ଼ୀ, ଅରିଷ୍ମା ମଣ୍ଡଳଙ୍କ ପ୍ରଚେଷ୍ଟାରେ ସ୍କୁଲରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ "ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ" ସାଂପ୍ରତିକ ସମୟର ଆହ୍ୱାନ ସମ୍ପର୍କରେ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ସୁଦର୍ଶନ ହରିଜନ, ଶ୍ରୀନିବାସ ପାଢ଼ୀ, ରଶ୍ମିତା ବରାଳ, ଇକୋ କ୍ଲବ୍ ସଂଯୋଜକ ବିଜୟ ପ୍ରଧାନ, ଭାଗବତ ଚନ୍ଦ୍ର ଦାସଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ଚାରାରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଏପିଡିଙ୍କୁ ଘେରିଲେ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ

## କାର୍ଯ୍ୟାଦେଶର ୩ ମାସ ପରେ ମଧ୍ୟ ମିଳିନି ପ୍ରଥମ କିସ୍ତି

ପାପଡ଼ାହାଣ୍ଡି, ୮।୭(ସ୍ୱପ୍ନଜିତ ପଟ୍ଟନାୟକ)

ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟଦେଶ ପାଇବାର ୩ ମାସରୁ ଊର୍ଦ୍ଧ୍ୱ ସମୟ ପରେ ମଧ୍ୟ ମିଳିନାହିଁ ପ୍ରଥମ କିସ୍ତି। ହିତାଧିକାରୀ ନିଜ ଘର ଭାଙ୍ଗି ଘର ନିର୍ମାଣ ପାଇଁ ପ୍ରସ୍ତୁତି ହୋଇଥିଲେ। ଏଣେ କିସ୍ତି ନ ମିଳିବାରୁ ଘର ତିଆରି ହୋଇପାରୁନି। ଫଳରେ ଲଗାଣ ବର୍ଷାରେ ମୁଣ୍ଡ ଗୁଞ୍ଜିବାକୁ ହିତାଧିକାରୀ ହନ୍ତସନ୍ତ ହେଉଛନ୍ତି । ଏଥିରେ ବିରକ୍ତି ପ୍ରକାଶ କରି ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଏପିଡିଙ୍କୁ ଘେରିଥିଲେ ହିତାଧିକାରୀ। ଶୀଘ୍ର ଟଙ୍କା ନ ପାଇଲେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ।

ସୂଚନାନୁଯାୟୀ ୨୦୨୪,୨୦୨୫ ଆର୍ଥିକ ବର୍ଷର ଅନ୍ତୋଦୟ ଯୋଜନାରେ ପାପଡ଼ାହାଣ୍ଡି ବ୍ଲକରେ ୪୧୬ ଜଣ ହିତାଧିକାରୀକୁ କାର୍ଯ୍ୟାଦେଶ ଦିଆଯାଇଥିଲା। କାର୍ଯ୍ୟଦେଶ ମିଳିବା ମାତ୍ରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୪୦ ହଜାର ଟଙ୍କା ଜମା ହେବା ନିୟମ ରହିଛି। କିନ୍ତୁ ତିନି ମାସ ବିତିଗଲା ପରେ ମଧ୍ୟ ପ୍ରଥମ କିସ୍ତି ମିଳିନାହିଁ। ହିତାଧିକାରୀ କାର୍ଯ୍ୟଦେଶ ପାଇବା ମାତ୍ରେ ନିଜ କୁଡ଼ିଆ ଭାଙ୍ଗି ଦେଇଥିଲେ। ଏବେ ଟଙ୍କା ନ ମିଳିବାରୁ ଭଙ୍ଗାଯାଇଥିବା କୁଡ଼ିଆରେ ଜରି ତାଙ୍କି ରହିଛନ୍ତି। ଧାରକରଜ କରି ବାଲି, ଇଟା, ସିମେଣ୍ଟ ଆଣି ନିଜ ଘର କାମ ଆରମ୍ଭ କରିଥିବା ହିତାଧିକାରୀ ଟଙ୍କା ଆସିବାକୁ ଚାହିଁଥିଲେ। ଏବେ ଲଗାଣ ବର୍ଷାରେ ଜରି ତଳେ ରହି ହନ୍ତସନ୍ତ ହେଉଛନ୍ତି। ଯାହାଠାରୁ କରଜ ଆଣିଥିଲେ ସେମାନେ ଏବେ ଟଙ୍କା ମାଗୁଛନ୍ତି। ମଙ୍ଗଳବାର ଏପିଡି ଦେବସ୍ମିତା କର ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଗସ୍ତରେ ଆସିଥିବାବେଳେ ଅନ୍ତୋଦୟ ହିତାଧିକାରୀ ସେଠାରେ ପହଞ୍ଚି ଘେରିଥିଲେ। ବିଡିଓ କପିଳଦେବ ସାହୁ, ବିପିସି ଶଶିକାନ୍ତ ଦାସଙ୍କ ଉପସ୍ଥିତିରେ କମଳା ମାଝୀ, ସଙ୍ଗୀତା ଯାନୀ, ଦୁତିକା କନ୍ଧ, ରୁକ୍ମଣି ଭତରା, ସୋନାଦି ଭତରା ପ୍ରମୁଖ ହିତାଧିକାରୀ ଘେରିଥିଲେ। ବର୍ତ୍ତମାନ ରାଜ୍ୟସ୍ତରରୁ ଆବାସ ପାଇଁ ଟଙ୍କା ଆସୁଛି। ଆମ ହାତରେ କିଛି ନାହିଁ। ଅଳ୍ପ ଦିନ ମଧ୍ୟରେ କିସ୍ତି ପାଇଯିବେ ଏପିଡି କହିଥିଲେ। ପୂର୍ବରୁ ଆଧାର କାର୍ଡ ବେସ ଅନୁଯାୟୀ ଟଙ୍କା ଆସୁଥିଲା ବର୍ତ୍ତମାନ ଆକାଉଣ୍ଟ ପେ ଅନୁଯାୟୀ ଟଙ୍କା ମିଳିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ ପ୍ରଥମ କିସ୍ତି ପାଇଥିବା ୨୯୭ ଜଣ ଦ୍ୱିତୀୟ କିସ୍ତି ଅପେକ୍ଷାରେ ଅଛନ୍ତି। ସରକାର ନିୟମ ଅନୁଯାୟୀ କାର୍ଯ୍ୟଦେଶ ସହ ୪୦ ହଜାର ଟଙ୍କା, ଛାତ ସ୍ତରରେ ୬୫ ହାଜର ଟଙ୍କା, ଗୃହ ନିର୍ମାଣ ଶେଷ ହେଲେ ୧୫ ହଜାର ଟଙ୍କା ପାଇବେ। ନିର୍ଦ୍ଧାରିତ ସମୟରେ ଘର କାମ ସମ୍ପୂର୍ଣ୍ଣ କରିବା ପରେ ଅତିରିକ୍ତ ଭାବେ ୧୦ ହଜାର ଟଙ୍କା ପାଇବା ନିୟମ ରହିଛି।


ହିତାଧିକାରୀମାନେ ଏପିଡିଙ୍କ ସହ ଆଲୋଚନା କରୁଛନ୍ତି।

# ୨୪ ବଦଳରେ ପଢ଼ାଉଛନ୍ତି ୩

ନବରଙ୍ଗପୁର,୮।୭(ସଦାଶିବ ପ୍ରହରାଜ)

- ଅବ୍ୟବସ୍ଥାରେ ନବରଙ୍ଗପୁର ସରକାରୀ ବିଏସ୍‌ସି ନର୍ସିଂ କଲେଜ
- ଖାଲି ପଡ଼ିଛି ୨୧ ପଦବୀ, ପାଠ ପଢ଼ାରେ ସମସ୍ୟା

ନବରଙ୍ଗପୁର ସରକାରୀ ବିଏସ୍‌ସି ନର୍ସିଂ କଲେଜରେ ପ୍ରଶିକ୍ଷଣ ଶିକ୍ଷକ ଅଭାବ ରହିଛି। ଫଳରେ ଦୀର୍ଘ ବର୍ଷ ହେବ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। କେବଳ ୨ ଜଣ ପ୍ରଶିକ୍ଷକ ମାଧ୍ୟମରେ ୨୩୧ ଛାତ୍ରୀଛାତ୍ରଙ୍କୁ ଚାଲିଛି ଶିକ୍ଷାଦାନ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ସରକାର ତଥା ବିଭାଗ ଆଖି ବୁଜିଦେଇଥିବା ଅଭିଯୋଗ ହେଉଛି। ପ୍ରଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ପ୍ରିନ୍ସିପାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏ ନେଇ ମେ ୧୨ରେ ଛାତ୍ରୀଛାତ୍ରମାନେ ନବରଙ୍ଗପୁର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତଥାପି ପିଲାଙ୍କ ପାଠିପଢା ପ୍ରତି ସରକାର ଦୃଷ୍ଟି ନ ଦେବା ବିଡ଼ମ୍ବନାର ବିଷୟ ବୋଲି ଲୋକେ ଅଭିଯୋଗ କରୁଛନ୍ତି।

ସୂଚନାନୁଯାୟୀ, ଏହି ସରକାରୀ ବିଏସ୍‌ସି ନର୍ସିଂ କଲେଜରେ ପ୍ରିନ୍ସିପାଲ ଓ ଅତିରିକ୍ତ ପ୍ରିନ୍ସିପାଲ, ୨ ଆସୋସିଏଟ୍ ପ୍ରଫେସର, ୩ ଜଣ ଅତିରିକ୍ତ ପ୍ରଫେସର ଓ ୧୬ ଜଣ ପ୍ରଶିକ୍ଷକଭାବେ ମୋଟ ୨୪ ପଦବୀ ରହିଛି। କିନ୍ତୁ ଏଠାରେ କେବଳ ୨ଜଣ ପ୍ରଶିକ୍ଷକ ଓ ଜଣେ ଭାରପ୍ରାପ୍ତ ପ୍ରିନ୍ସିପାଲ ରହିଛନ୍ତି। ୨ ଜଣ ପ୍ରଶିକ୍ଷକ ଏମ୍‌ଏସ୍‌ଇ ନର୍ସିଂ ପଢ଼ିବାକୁ ଯାଇଛନ୍ତି। ପ୍ରଶିକ୍ଷକ ସଙ୍ଗୀତା ମହାନ୍ତି ବାଲେଶ୍ୱର ଜିଲାକୁ ଡେପୁଟେଶନରେ ଯାଇ ଆଉ ଫେରିନାହାନ୍ତି। ଏବେ ୩ ଜଣ ପ୍ରତ୍ୟେକ ଦିନ ୧୦ଟି କ୍ଲାସ୍ ନେଉଛନ୍ତି।

ଏହି କଲେଜରେ ଭିତ୍ତିଭୂମିକୁ ନେଇ ମଧ୍ୟ ଅନେକ ସମସ୍ୟା ରହିଛି। କଲେଜରେ ୨୪୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ରହିଛି। ଏବେ ଏଠାରେ ୨୦୫ ଜଣ ଛାତ୍ରୀ ରହୁଛନ୍ତି। ଛାତ୍ରାବାସ ଆଦୌ ନାହିଁ। ୨୬ ଜଣ ଛାତ୍ର ନିଜ ଖର୍ଚ୍ଚରେ ବାହାରେ ରହିବାକୁ ବାଧ ହେଉଛନ୍ତି। ଛାତ୍ରାବାସ ପାଇଁ ଦୀର୍ଘ ବର୍ଷ ହେବ ୬ କୋଟି ଟଙ୍କା ଅନୁଦାନ ଆସି ପଡ଼ି ରହିଛି। ସେହିଭଳି ଛାତ୍ରୀନିବାସ ଉପର ମହଲା ନିର୍ମାଣ ପାଇଁ ୬ କୋଟି ଟଙ୍କା ଅନୁଦାନ ୨୦୧୮ରୁ ଆସିଛି। କଲେଜ ପାଖ ଦେଇ ଜାତୀୟ ରାଜପଥ ପକ୍ଷରୁ ବାଇପାସ୍ ରାସ୍ତା ନିର୍ମାଣ ହେବ। ଫଳରେ କଲେଜର ବାଳିକା ହଷ୍ଟେଲ ଓ ପାଚେରି ଭାଙ୍ଗିବ। ଏହାକୁ ନଜରରେ ରଖି ଉକ୍ତ ଟଙ୍କା ଖର୍ଚ୍ଚ କରାଯାଉନାହିଁ। କଲେଜ ପଛ ପଟେ ଥିବା ୫ ଏକର ସରକାରୀ ଜମି କଲେଜ ନାମରେ କରାଯିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ତହସିଲ ପକ୍ଷରୁ ଏ ଦିଗରେ କାର୍ଯ୍ୟ କରାଯାଉ ନ ଥିବାରୁ ହଷ୍ଟେଲ ନିର୍ମାଣ କାମ ଆଗେଇପାରୁନାହିଁ। ପୁରୁଣା କୋର୍ଟ ରାସ୍ତାରୁ କଲେଜକୁ ଯିବା ପାଇଁ ମାଟି ରାସ୍ତାଟିଏ ରହିଛି। ବର୍ଷାରେ କାଦୁଆ ପଚ ପଚ ଓ ରାସ୍ତାରେ ଆଲୋକ ବ୍ୟବସ୍ଥା ନାହିଁ। ରାତି ହେଲେ ଛାତ୍ରୀଛାତ୍ର ମେଡିକାଲରୁ ଫେରିବା ସମୟର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାରିଆଡ଼େ ଗଛ ବୁଦା ଓ ଚାଷଜମି ଥିବାରୁ ସନ୍ଧ୍ୟା ହେଲେ ଭାଲୁ ଭୟ ରହୁଛି ବୋଲି ଅଭିଯୋଗ ଆସିଛି। ଏ ନେଇ ଭାରପ୍ରାପ୍ତ ପ୍ରିନ୍ସିପାଲ ସ୍ମିତା ସାହୁଙ୍କୁ ପଚାରିବାରୁ ପ୍ରଶିକ୍ଷକ ଅଭାବ ନେଇ ଚିଠି କରାଯାଇଛି। ଜମି ଚିହ୍ନଟ ପ୍ରକ୍ରିୟା ଚାଲିଛି। ଅନୁଦାନ ରହିଛି। ଜମି କଲେଜ ନାମରେ ହେବା ପରେ ଟେଣ୍ଡର ମାଧ୍ୟମରେ ହଷ୍ଟେଲ ଗୃହ ନିର୍ମାଣ ହେବ। ବର୍ତ୍ତମାନ ୨ଜଣ ପ୍ରଶିକ୍ଷକ ଓ ସେ ନିଜେ ପଢ଼ାଉଛନ୍ତି। ପାଠପଢ଼ାରେ ସମସ୍ୟା ହେଉଛି। ଖାଲି ପଦବୀ ପୂରଣ ହେଲେ ପାଠପଢ଼ା ସମସ୍ୟାରେ ସୁଧାର ଆସିବ ବୋଲି କହିଛନ୍ତି।



ନବରଙ୍ଗପୁର ସରକାରୀ ବିଏସ୍‌ସି ନର୍ସିଂ କଲେଜ।

# ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ



ମଲ୍ଲୀ ଗଛରେ ଅଧିକ ତଥା– ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକ ୬୦ସେ.ମି ଲମ୍ୱ,୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା ରୁ ୧୦କି.ଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ।

# ସବୁଜ ଗୋଖାଦ୍ୟ ଫସଲ



ବର୍ତ୍ତମାନ ସମୟରେ ମକା ଓ ବରଗୁଡିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# କୁକୁଡ଼ା ଫାର୍ମରେ ଜଳ ପରିଚାଳନା



ଡା. ବୀର କିଶୋର ପରିଡ଼ା

ଜଳ ପୃଥିବୀର ସମସ୍ତ ଜୀବଜଗତର ଜୀବନଧାରଣ ପାଇଁ ସବୁଠାରୁ ମୂଲ୍ୟବାନ୍ ଓ ଶସ୍ତା ଖାଦ୍ୟସାର ବା ପୋଷକ ରୂପେ ପରିଗଣିତ ହୁଏ । ସାଧାରଣତଃ କୁକୁଡ଼ାଙ୍କ ଶରୀରରେ ସମୁଦାୟ ଜଳ ଅଂଶ ୫୫–୮୫ ପ୍ରତିଶତ ମଧ୍ୟରେ ସୀମିତ ଥାଏ । କମ୍ ବୟସ୍କ କୁକୁଡ଼ାଙ୍କ ଶରୀରରେ ଜଳ ସଂରକ୍ଷଣ ଶକ୍ତି ବୟସ୍କ କୁକୁଡ଼ାଙ୍କ ଅପେକ୍ଷା ବେଶି ଥାଏ । କାରଣ ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଚର୍ବି ଅଂଶ ସମାନୁପାତିକ ଶରୀରର ଜଳ ରୂପକ ଭାବେ ଯତ୍ନ ନେଇଥାଏ। ତେଣୁ ମୋଟ ଉପରେ କହିବାକୁ ଗଲେ, କୁକୁଡ଼ାଙ୍କ ସମୁଦାୟ ଶରୀର ଓଜନର ତିନି ଚତୁର୍ଥାଂଶ ହେଉଛି ଜଳ। ଏତଦ୍ ବ୍ୟତୀତ, ଶରୀରରେ ବଳକା ଜଳ ଅଂଶ ପରିସ୍ରା, ମଳ, ଫୁସ୍‌ଫୁସ୍‌ର ବାଷ୍ପୀକରଣ ପ୍ରକ୍ରିୟା ଏବଂ ଜୀବକୋଷ ଗଠନ ମାଧ୍ୟମରେ ନିର୍ଗତ ହୋଇଥାଏ। କୁକୁଡ଼ାମାନେ ପ୍ରତ୍ୟକ୍ଷ ଭାବେ ଜଳ ପିଇବା ମାଧ୍ୟମରେ ଏବଂ ଆଂଶିକ ଭାବେ ଖାଦ୍ୟ ପଦାର୍ଥରୁ ସେମାନଙ୍କର ଜଳର ଚାହିଦା ମେଣ୍ଟାଇଥାନ୍ତି ।

**କୁକୁଡ଼ାଙ୍କ ଶରୀରରେ ଜଳର ଆବଶ୍ୟକତା**

- ରକ୍ତର ମୁଖ୍ୟ ଅଂଶ ହେଉଛି ଜଳ ବା ଜଳୀୟ ପଦାର୍ଥ ଏବଂ ଶରୀରର ଜୀବକୋଷଗୁଡ଼ିକର ଭିତର ଓ ବାହାର ଜଳୀୟ ପଦାର୍ଥ ରୂପେ ଅନ୍ତର୍ନିହିତ କରିଥାଏ। ତେଣୁ ଏହା ଶରୀରର ବିଭିନ୍ନ ଖାଦ୍ୟସାର ଏବଂ ଶରୀରରୁ ଉତ୍ପନ୍ନ ବିଭିନ୍ନ ଦୂଷିତ ବିଷାକ୍ତ ପଦାର୍ଥ ନିଷ୍କାସନ କରିବାର ବାହକ ରୂପେ କାର୍ଯ୍ୟ କରିଥାଏ ।
- ଏହାର ଶରୀରରେ ଉତ୍ତାପ ନିୟନ୍ତ୍ରଣର ଏଜେଣ୍ଟ ରୂପେ ସହାୟକ ହୋଇଥାଏ ।
- ଏହା ଶରୀରରେ କ୍ଷାରୀୟ ଅମ୍ଳତା ଭାରସାମ୍ୟ ସହ ପରାସାରଣୀ ଚାପ ଓ ଧାତବ ଲବଣର ଭାରସାମ୍ୟ ରକ୍ଷା କରିଥାଏ ।
- ଏହା ଶରୀରର ବିଭିନ୍ନ ତରଳ ରାସାୟନିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାଏ ।
- ଏହା ରକ୍ତରୁ ସାରାଂଶ ଗ୍ରହଣ ରୂପକ ଦୈହିକ କ୍ରିୟାର ଜଳୀୟ ପଦାର୍ଥ ବା ମେଟାବୋଲିକ୍ ଜଳ ଉତ୍ପନ୍ନ କରିବାରେ ସହାୟକ ହୋଇ କୁକୁଡ଼ାଙ୍କ ଶରୀରର ବିଭିନ୍ନ ଶାରୀରିକ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ।

ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦ ପ୍ରତିଶତରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ। ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ । ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ଅଣ୍ଡାର ଆକାର, ଅଣ୍ଡାର ଖୋଳ ଝିଲ୍ଲୀ, କୁକୁଡ଼ା ମାଂସର କ୍ୱାଲିଟି ଏବଂ କୁକୁଡ଼ା ଘରର ଲିଟର ଅବସ୍ଥା ଇତ୍ୟାଦି । କୁକୁଡ଼ାଙ୍କ ଜଳ ପିଇବା ଉପରେ ହିଁ ମଳର ଗଠନ ନିର୍ଭର କରିଥାଏ । ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧିରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବାର ଚାହିଦା ବଢ଼ିଥାଏ । କୁକୁଡ଼ାଙ୍କ ଜଳ ପିଇବା ବିଶେଷକରି ଜଳବାୟୁର ଆପେକ୍ଷିକ



"ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦ ପ୍ରତିଶତରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ। ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ। ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ ।"

ଆର୍ଦ୍ରତା ଉପରେ ନିର୍ଭରକରେ । କୁକୁଡ଼ା ଚିଆଁଠାରୁ ଆରମ୍ଭକରି ଅଣ୍ଡାଦେବା ପର୍ଯ୍ୟନ୍ତ ସେମାନଙ୍କର ପାଣି ପିଇବାର ଚାହିଦା ବଢ଼ି ବଢ଼ି ଯାଇଥାଏ। ବଡ଼ ଉନ୍ନତ ଧରଣର କୁକୁଡ଼ା ଅଧିକ ପାଣି ପିଇଥାନ୍ତି । କୁକୁଡ଼ାଙ୍କ ଯୌନାଙ୍ଗ ବୟୋପ୍ରାପ୍ତ ହେବା ପରେ ପରେ ମଧ୍ୟ ଅଧିକ ପାଣି ପିଇଥାନ୍ତି । ଫାର୍ମରେ ଅଣ୍ଡା ଉତ୍ପାଦନର ହାର ମଧ୍ୟ କୁକୁଡ଼ାଙ୍କ ପାଣି ପିଇବା ଉପରେ ପ୍ରଭାବ ପକାଇଥାଏ ।

ଜଳର ଗଠନ ବା ଉପାଦାନରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବା ନିର୍ଭର କରେ । ଉଦାହରଣ– ଯଦି ପାଣିରେ ବିଭିନ୍ନ ଲବଣ ଯୌଗିକ ପଦାର୍ଥ ଥାଏ ଯଥା – ସୋଡିୟମ୍ କ୍ଲୋରାଇଡ୍, ସୋଡିୟମ୍ ସଲ୍‌ଫେଟ୍ ଆଦି ନିହିତ ଥାଏ, ତେବେ କୁକୁଡ଼ାଙ୍କ ପାଣି ପିଇବା ଦକ୍ଷତା ହ୍ରାସ ପାଇଥାଏ ।

କୁକୁଡ଼ାଙ୍କ ପିଇବା ପାଣିର କ୍ଷାରୀୟ ଅମ୍ଳତା ଅନୁପାତ ୬–୭ରେ ରହିବା ଦରକାର। ଔଷଧ ବ୍ୟବହୃତ ପାଣିର ପି.ଏଚ୍. ୮ ମଧ୍ୟରେ ସୀମିତ ରହିବା ଉଚିତ । ପିଇବା ପାଣିରେ ଯଦି କୁକୁଡ଼ାଙ୍କ ମଳ ମିଶେ, ତେବେ ସେହି ପାଣିରେ ନାଇଟ୍ରେଟ୍ ଏବଂ ଆମୋନିଆ ଅଂଶ ବୃଦ୍ଧି ପାଇ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ। ପିଇବା ପାଣିରେ ବିଭିନ୍ନ ନିର୍ଜୀବ ମୌଳିକ ପଦାର୍ଥ ଯଥା – ସୋଡିୟମ୍, ପୋଟାସିୟମ୍ ଏବଂ କ୍ଲୋରିନ୍ ଉପସ୍ଥିତିକୁ ପରୀକ୍ଷା କରିବା ଦରକାର । ଏହି ଧାତବ ଲବଣ କୁକୁଡ଼ାଙ୍କ ପାଣି ପିଇବା ଶକ୍ତି ବଢ଼ାଇଥାଏ । ଫଳରେ କୁକୁଡ଼ାମାନେ ତରଳ ଝାଡ଼ା କରନ୍ତି । ଏହା ଲିଟରକୁ ଓଦା ଅବସ୍ଥା ସୃଷ୍ଟି କରିଥାଏ । ଏହା ଫଳରେ କୁକୁଡ଼ାଘରର ଲିଟର ସନ୍ତସନ୍ତିଆ ରୁହେ ଏବଂ ବିଭିନ୍ନ ରୋଗ ଯଥା – ରକ୍ତଝାଡ଼ା, କୃମି, ନିମୋନିଆ ଇତ୍ୟାଦି ସୃଷ୍ଟି କରିବା ସହ କେତେକ କ୍ଷତିକାରକ ଜୀବାଣୁ ବୃଦ୍ଧି ଘଟାଇବାରେ ସହାୟକ ହୋଇଥାଏ । ଲିଟରରେ ଆମୋନିଆ ଗ୍ୟାସ୍ ସଂଗଠିତ ହେବାରୁ କୁକୁଡ଼ାଙ୍କ ବିଭିନ୍ନ ଶ୍ୱାସରୋଗ ଯଥା – ଫାଉଲ୍ କରିଜା, ଇନ୍‌ଫେକ୍ସିଅସ୍ ବ୍ରୋଙ୍କାଇଟିସ୍ ବା ସିଆର୍‌ଡି ଇତ୍ୟାଦି ସୃଷ୍ଟି ହୋଇଥାଏ । ଅଣ୍ଡାଗୁଡ଼ିକ ତରଳ ମଳରେ ଲାଗି ଅପରିଷ୍କାର ଦିଶେ । ଡ୍ରେନ୍‌ର ଯଦି ଦୂଷିତ ପାଣି ପିଇବା ପାଣି ପାଇପରେ ମିଶେ, ତେବେ ଅଧିକାଂଶ କୁକୁଡ଼ାଙ୍କର ଇସ୍‌ଚେରେ ଜିଆ କୋଲାଇ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ନ୍ତି ।

ପକ୍ଷୀମାନେ ଅନାହାର ହୁଏତ ସମ୍ଭାଳି ପାରିବେ, କିନ୍ତୁ ପିଇବାପାଣି ଅଭାବରେ ସେମାନଙ୍କ ପକ୍ଷେ ବଞ୍ଚିବା କଷ୍ଟକର ହୋଇପଡ଼େ । ଅନ୍ତପୁଟର ଖାଦ୍ୟ ପରିବହନରେ ବିଳମ୍ବ ଘଟିଲେ କୁକୁଡ଼ାଙ୍କ ଖାଦ୍ୟ ବିନିଯୋଗ ଦକ୍ଷତା କମିଯାଏ । ଅନ୍ତପୁଟରୁ ପେଷଣାକୁ ଖାଦ୍ୟପଦାର୍ଥ ପରିବହନ ଶରୀର ଜଳୀୟ ପଦାର୍ଥଦ୍ୱାରା ନିୟନ୍ତ୍ରିତ ହୋଇଥାଏ । କୁକୁଡ଼ାଙ୍କ ଅଧିକ ସମୟ ଅନାହାର ବା ଖାଦ୍ୟ ପଦାର୍ଥରୁ ବଞ୍ଚିତ ହେବା ଓ ରୁଗ୍‌ଣ ଶରୀରରେ ଜଳଶୁଷ୍କତା ଭାବ ପ୍ରକାଶ ପାଇଥାଏ। ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଅଣ୍ଡାଶୟ ଜୀବକୋଷ ନଷ୍ଟ ହେବା, ଗ୍ରନ୍ଥିଳ ଜଠର ଏବଂ କିଡ୍‌ନୀରେ ପ୍ରଦାହ ସୃଷ୍ଟି ହେବା ସହିତ କୁକୁଡ଼ାଙ୍କ ଅଣ୍ଡା ଉତ୍ପାଦନ ଶକ୍ତି କମିଯାଇଥାଏ। (କ୍ରମଶଃ..)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ମୋ : ୯୪୩୭୬୦୭୩୧୨

# ଢିପ ଜମିରେ ଡାଲି ଜାତୀୟ ଫସଲ ଚାଷ



ଡାଲି ଫସଲ ପାଇଁ ଜମି ପ୍ରସ୍ତୁତ କରି ନିଗିଡ଼ା ଢିପ ଜମିମାନଙ୍କରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ପନିପରିବା ଚାଷ



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ୱ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨–୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ। ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ.ଡି.ସି. ୨ ଗ୍ରାମ୍x ୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ। ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।

# ପ୍ରାଣୀଙ୍କ ଯତ୍ନ


- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ।



ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ–ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।


- ବର୍ଷା ଦିନେ ଗୋ–ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ–ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରରୁ ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖୁଆନ୍ତୁ ।

# ଚିନାବାଦାମ ଚାଷରେ ଜଳ ପରିଚାଳନା



ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟୀକାରୋଗ ପାଇଁ ମାଙ୍କୋଜେବ୍ ୭୫% ଡବ୍ଲୁ.ପି. (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳସଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ୮% ଡବ୍ଲୁ.ପି. ସହ ମାଙ୍କୋଜେବ୍‌କୁ ୬୪% ଡବ୍ଲୁ.ପି. ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜି ପାରିବ ।

# ତଳିଘରା ପ୍ରସ୍ତୁତ କରୁଥିଲେ...



ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲ ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲ ଭାବରେ ଚାଷ କରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ। ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ିକରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦–୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫–୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦–୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଚଳିତ ମାସ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନ ଚାଷ (ଶ୍ରୀପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

# ଯାତ୍ରୀଙ୍କୁ ଶୋଷୁଛନ୍ତି ଘରୋଇ ବସ୍

## ଚୁପ୍ ବସିଛି ଏସ୍ଟିଏ, କାର୍ଯ୍ୟାନୁଷ୍ଠାନ ଶୂନ



ଭୁବନେଶ୍ୱର, ୮।୭
(ସତ୍ୟଜିତ୍ ରାଉତ)

ରାଜ୍ୟରେ ଚଳାଚଳ କରୁଥିବା ଅନେକ ଘରୋଇ ବସ୍ ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଅର୍ଥ ନେଉଥିବା ଦେଖିବାକୁ ମିଳୁଛି। ଏନେଇ ଯାତ୍ରୀମାନେ ପ୍ରତିବାଦ କଲେ କଣ୍ଡକ୍ଟର ମନମାନି କରୁଛନ୍ତି। ବସ୍ର ଡ୍ରାଇଭର ସିଟ୍ ପାଖରେ ଭଡ଼ା ରେଟ୍ ଚାର୍ଟ ଲଗାଇବାକୁ କଡ଼ା ନିର୍ଦ୍ଦେଶନାମା ଥିବାବେଳେ କେତେକ ଏହାକୁ ମାନୁ ନ ଥିବା ଅଭିଯୋଗ ହେଉଛି। ଏପରିକି କେତେକ ବସ୍ କଣ୍ଡକ୍ଟର ଯାତ୍ରୀଙ୍କଠାରୁ ଭଡ଼ା ନେବା ପରେ ଟିକେଟ ମଧ୍ୟ ଦେଉନାହାନ୍ତି। ଏନେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍ଟିଓ) ପକ୍ଷରୁ କୌଣସି ଯାଞ୍ଚ ହେଉନାହିଁ। ଏପରିକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍ଟିଏ) ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାର ଧାର୍ଯ୍ୟ ବସ୍ ଭଡ଼ା ଚାର୍ଟ ନିର୍ଦ୍ଧାରିତ କରିଛନ୍ତି। ସାଧାରଣ ବସ୍ କିମି ପିଛା ୮୮ ପଇସା, ଦ୍ରୁତଗାମୀ ବସ୍ ୯୨ ପଇସା, ଡିଲକ୍ସ ବସ୍ ୧ ଟଙ୍କା ୨୭ ପଇସା, ଏସି ଡିଲକ୍ସ ବସ୍ ୧ ଟଙ୍କା ୫୫ ପଇସା ଓ ସୁପର ପ୍ରିମିୟମ ବସ୍ କିମି ପିଛା ୨.୪୧ ଦର ସ୍ଥିର ହୋଇଛି। ଏପରି କି ଧାର୍ଯ୍ୟ ମୂଲ୍ୟଠାରୁ କୌଣସି କଣ୍ଡକ୍ଟର ଯାତ୍ରୀଙ୍କଠୁ ଅଧିକ ଭଡ଼ା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍ଟିଏ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଚେତାବନୀ ଦିଆଯାଇଥିଲା। ହେଲେ ଏହା କେବଳ ସୋସିଆଲ୍ ମିଡିଆ ପୋଷ୍ଟରେ ରହିଯାଉଛି। ରବିବାର କଟକ ମହାନଦୀ ବିହାରର ରଶ୍ମିରଞ୍ଜନ ମହାପାତ୍ର ଏକ ଘରୋଇ ବସ୍ରେ ଯାଜପୁର ଜିଲା ହରିପୁରରୁ କଟକ ଓଏମ୍ପି ଆସିଥିଲେ। ରୁଟର ଦୂରତା ୬୧ କି.ମି. ହୋଇଥିବାବେଳେ ସାଧାରଣ ବସ୍ର ଧାର୍ଯ୍ୟ ଭଡ଼ା ଅନୁଯାୟୀ ୫୩ ଟଙ୍କା ୬୮ ପଇସା ହେଉଛି। ହେଲେ ତାଙ୍କଠାରୁ ଉକ୍ତ ବସ୍ର କଣ୍ଡକ୍ଟର ୮୦ ଟଙ୍କା ନେଇଥିଲେ। ଏନେଇ ରଶ୍ମିରଞ୍ଜନ କହିଛନ୍ତି, ଏଭଳି ଅଧିକ ଭଡ଼ା ନେବା ଠିକ୍ ନୁହେଁ। ଏସ୍ଟିଏ ଏନେଇ ନଜର ଦେଉ ବୋଲି ସେ କହିଛନ୍ତି। ସେହିପରି ଧରିତ୍ରୀ ପ୍ରତିନିଧି ଉକ୍ତ ବସ୍ରେ ଯାଜପୁର ଟାଉନରୁ କଟକ ଓଏମ୍ପି ଛକ ପର୍ଯ୍ୟନ୍ତ ଆସିଥିଲେ। ଏଥିପାଇଁ ଧାର୍ଯ୍ୟ ଦର ଅନୁସାରେ ୬୨ଟଙ୍କା ଭଡ଼ା ହେଉଥିବାବେଳେ କଣ୍ଡକ୍ଟର ତାଙ୍କୁ ୧୦୦ ଟଙ୍କା ଦାବି କରିଥିଲେ। କାହିଁକି ଅଧିକ ଭଡ଼ା ନେଉଛ ବୋଲି ପଚାରିବାରୁ କଣ୍ଡକ୍ଟର ନାଲି ଆଖି ଦେଖାଇ ଯୁକ୍ତି କରିଥିଲେ। ଶେଷରେ ସେ ୭୦ ଟଙ୍କା ନେଇଥିବା ବେଳେ ଆଉ ତାଙ୍କ ବସ୍ରେ ନ ଆସିବାକୁ ଧମକ ଦେଇ ଚେତାବନୀ ଦେଇଥିଲେ। ଏନେଇ ଉକ୍ତ ବସ୍ର ମାଲିକଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛୁ ବୋଲି କଣ୍ଡକ୍ଟରଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା ସେ କିଛି ଶୁଣି ନ ଥିଲେ। ଏ ଘଟଣା ଗୋଟିଏ ନୁହେଁ, ବରଂ ବସ୍ଗୁଡ଼ିକରେ ନିୟମିତ ଯାତ୍ରୀଙ୍କୁ ଏଭଳି ଅଧିକ ଟଙ୍କା ଦାବି କରାଯାଉଛି। ଏନେଇ ବିଭିନ୍ନ ଲୋକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏସ୍ଟିଏ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରୁଛନ୍ତି। କିଛିଦିନ ତଳେ ବାଲେଶ୍ୱର ଅଞ୍ଚଳର ମନୀଷ ଜେନା ଏକ ଟ୍ୱିଟ୍ କରିଥିଲେ। ସେଥିରେ ସେ ଭୋଗରାଇ ବଜାରରୁ ବାଲେଶ୍ୱର ଆସୁଥିବା ନୂରାନି ନାମକ ଏକ ବସ୍ର କଣ୍ଡକ୍ଟର ଧାର୍ଯ୍ୟ ଭଡ଼ା ଠାରୁ ତାଙ୍କୁ ଅଧିକ ଦାବି କରିଥିଲେ ବୋଲି ଉଲ୍ଲେଖ କରିବା ସହ ଏସ୍ଟିଏର ଦୃଷ୍ଟି ଆକର୍ଷଣ କରିଥିଲେ। ଅପରପକ୍ଷରେ କେତେକ ବସ୍ରେ ଷ୍ଟାଣ୍ଡିଂ କାପାସିଟିଠାରୁ ଅଧିକ ଯାତ୍ରୀଙ୍କୁ ନେଇ ବିପଦ ସୃଷ୍ଟି କରୁଛନ୍ତି। ଫିଟ୍ନେସ ଓ ଇନ୍ସ୍ୟୁରାନ୍ସ ଅବଧି ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଭଦ୍ରକର ଉତ୍କଳ କେଶରୀ ସାମଲ କହିଛନ୍ତି, ସେ କେନ୍ଦୁଝରରୁ ପାଣିକୋଇଲିକୁ ବିଭିନ୍ନ ବସ୍ରେ ଆସୁଥିବାବେଳେ ତାଙ୍କଠାରୁ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନିଆଯାଉଛି। ଏ ଦିଗରେ ଏସ୍ଟିଏ ସ୍ୱତନ୍ତ୍ର ଦୃଷ୍ଟି ଦେଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଏକ୍ସରେ ମଧ୍ୟ ବିଭିନ୍ନ ଯାତ୍ରୀ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି।

### ତେଲଖର୍ଚ୍ଚ ପାଇଁ କିଛି ମାଲିକ ଅଧିକ ଭଡ଼ା ନେଉଛନ୍ତି, ଏହାକୁ ବିରୋଧ କରୁଛି



ବର୍ତ୍ତମାନର ଧାର୍ଯ୍ୟ ଭଡ଼ା ଦରରେ ଗାଡ଼ି ଚାଲିବା କଷ୍ଟକର ହୋଇପଡୁଛି। ଭଡ଼ା ବଢ଼ାଇବାକୁ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଥିବାବେଳେ ଏହା ବିଚାରାଧୀନ ଅଛି। ଏଥିପାଇଁ ବୋଧେ କେତେଜଣ ମାଲିକ ତେଲଖର୍ଚ୍ଚ ପାଇଁ ଅଧିକ ଭଡ଼ା ନେଉଥିବା ମୁଁ ଭାବୁଛି। ହେଲେ ଏହାକୁ ମୁଁ ବିରୋଧ କରୁଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ା ଟଙ୍କା ନେଇ ଚଲାଇବାକୁ ଆମେ କହୁଛୁ। ଭଡ଼ା ଅଧିକ ନେଉଥିବାରୁ ସେମାନଙ୍କୁ କେତେଥର ଡାକି ପଚାରିଲେ ମଧ୍ୟ ମାନୁନାହାନ୍ତି। କେଉଁ ଗାଡ଼ି ଅଧିକ ଭଡ଼ା ନେଉଛନ୍ତି, ସେନେଇ ତଥ୍ୟ ଦେଇ ଅଭିଯୋଗ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବୁ। ଅନ୍ୟାନ୍ୟ ଅଭିଯୋଗ ଉପରେ ମଧ୍ୟ ନଜର ଦେବୁ।

**– ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ**

### ଚଢ଼ାଉ ବ୍ୟାପକ କରାଯିବ



ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନେବା ବେଆଇନ। ମଝିରେ ମଝିରେ ଏଭଳି ନିୟମ ଉଲ୍ଲଙ୍ଘନ କରୁଥିବା ବସ୍ଗୁଡ଼ିକ ଉପରେ ଆମ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି ସମୟରେ ବସ୍ଗୁଡ଼ିକଠାରୁ ଜରିମାନା ଆଦାୟ କରାଯାଉଛି। ଅଧିକ ଭଡ଼ା ସହ ଅନ୍ୟାନ୍ୟ ଅଭିଯୋଗ ଉପରେ ପୁଣିଥରେ ଚଢ଼ାଉ ବ୍ୟାପକ କରାଯିବ।

**–ଅମିତାଭ ଠାକୁର, ଚେୟାରମ୍ୟାନ ତଥା ଟ୍ରାନ୍ସପୋର୍ଟ କମିଶନର, ଏସ୍ଟିଏ**

# ୪୪୪ ସନ୍ଦିଗ୍ଧ ବାଂଲାଦେଶୀ ଅଟକ

ଝାରସୁଗୁଡ଼ା, ୮।୭
(ଆଶିଷ ରଞ୍ଜନ ଦାଶ)



ବ୍ଲାକ୍ ଡାଇମଣ୍ଡ କ୍ଲବ୍ରେ ଅଟକ ଥିବା ବାଂଲାଦେଶୀ ଯୁବକ।

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ବେଆଇନ ଭାବେ ରହୁଥିବା ୪୪୪ରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧ ବାଂଲାଦେଶୀ ଯୁବକଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଝାରସୁଗୁଡ଼ାର ବ୍ଲାକ ଡାଇମଣ୍ଡ କ୍ଲବ୍ରେ ୧୮୩ ଓ ବ୍ରଜରାଜନଗର ସୁରଭି କ୍ଲବଠାରେ ୨୬୧ ଜଣଙ୍କୁ ଅଟକ ରଖାଯାଇଛି। ତଦନ୍ତ ପରେ ସେମାନଙ୍କ ଡକ୍ୟୁମେଣ୍ଟ ଯାଞ୍ଚ କରାଯିବ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଏସ୍ପି ସ୍ମିତ ପି. ପରମାର ଜିଲା ପୋଲିସ କାର୍ଯ୍ୟାଳୟରେ ମଙ୍ଗଳବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲାରେ ବହୁ ବାଂଲାଦେଶୀ ଯୁବକ ଆସି କାମ କରିବା ବାହାନାରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ପୂର୍ବରୁ ଜଣାପଡିଥିଲା। ବୁଧବାର ଏହି ଘଟଣା ଉପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍ପି କହିଛନ୍ତି।

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ବିସ୍ଫୋରକ ଜବତ

ନୂଆପଡ଼ା,୮।୭ (ମକାରୁ ବେମାଲ)



ନୂଆପଡ଼ା ଜିଲା ସିନାପାଲି ଥାନା ନାରାୟଣ ଡୋଙ୍ଗରି ସଂରକ୍ଷିତ ଜଙ୍ଗଲରେ ସୋମବାର ଡିଭିଏଫ୍ ବାହିନୀ କୋମ୍ବିଂ ଅପରେଶନ କରୁଥିବା ସମୟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଏ ନେଇ ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ଛତିଶଗଡ଼ ସୀମାନ୍ତ ନାରାୟଣ ଡୋଙ୍ଗରି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଜାରି ରହିଥିବା ନେଇ ଜିଲା ପୋଲିସକୁ ଗୋଇନ୍ଦା ସୂତ୍ରରୁ ଖବର ମିଳିଥିଲା। ପରେ ଏସ୍ପି ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳେ ଡିଭିଏଫ୍ ଟିମ୍ର ଯବାନମାନେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ସେମାନେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ହେଲେ ପୂର୍ବରୁ ଚଢ଼ାଉ ଖବର ପାଇ ମାଓବାଦୀମାନେ ସେଠାରୁ ପଳାୟନ କରିଥିଲେ। ଯବାନମାନେ ସେଠାରୁ ଏକ ଟିଫିନ ବୋମା,୨୦ ଜିଲୋଟିନ, ଗୋଟିଏ ଇଲେକ୍ଟ୍ରି ଡିଟୋନେଟର ଭଳି ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛନ୍ତି। ଏହି ଘଟଣା ପରେ ମାଓବାଦୀମାନେ ଜିଲାରେ ଏକ ବଡଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିଲେ ବୋଲି ଅନୁମାନ କରାଯାଉଛି। ହେଲେ ଏହା ପୂର୍ବରୁ ଡିଭିଏଫ୍ ବାହିନୀ ମାଓ ସାମଗ୍ରୀ ଜବତ କରି ସେମାନଙ୍କ ଯୋଜନାକୁ ଭଣ୍ଡୁର କରି ଦେଇଛି। ନୂଆପଡା–ଛତିଶଗଡ଼ ସୀମାନ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ ଜୋରଦାର କରାଯିବ ବୋଲି ଏସ୍ପି ପ୍ରକାଶ କରିଛନ୍ତି।

**OFFICE OF THE COLLECTOR & DISTRICT MAGISTRATE, BALASORE DISTRICT**
(DISTRICT SOCIAL WELFARE OFFICE)
No.-2696 Date-05.07.25
**TENDER CALL NOTICE**
**No. g-14:-** Sealed tenders are invited from the intending individual/ Company/ Registered Firms/ Authorized licensing Transporting Contractor/ Corporation having registration certificate in support of their transportation work under "The Carriage by Road Act' 2007" and "Carriage by Road Rules, 2011" issued by the State Transport Authority or Regional Transport Authority for appointment of Transporting Agent under SNP Feeding Programme in Balasore district for the year 2025-26. Details of the documents are available on the website (**https://balasore.odisha.gov.in**).
Last date of submission of tender on or before 19.07.2025 at 5.00 PM.
**Sd./- District Social Welfare Officer, Balasore**
OIPR-24242/11/0013/2526

**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
**(Department of Health & FW, Govt. of Orissa)**
Advt. No: 11/2025 Date:05/07/2025
**REQUEST FOR PROPOSAL (RFP) FOR OUTSOURCING OF HOUSEKEEPING SERVICES**
No. E-216:- Sealed proposals as per the prescribed RFP document are invited from Company (Companies Act 2013) /Partnership Firm (Indian Partnership Act 1932/Limited Liability Partnership Firm 2008)/ Society (Society Registration Act 1860)/ a Trust (Indian Trust Act 1882 & its amendment thereon) for outsourcing of housekeeping services in Govt. Health Institutions of Bhadrak. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website www.bhadrak.odisha.gov.in. Interested bidders fulfilling the eligibility criteria may submit their proposal(s) (with EMD and documents as per RFP). The bidders have to submit their proposal(s) to the Office of the CDM & PHO, BHADRAK. The details of proposal(s) complete in all respect superscribing **"Tender for outsourcing of housekeeping services in Govt. Health Institutions of Bhadrak"** & the advertisement reference No. ___________ on the envelope and should reach to the Office of the **CDM & PHO, Bhadrak on or before 28.07.2025 (till 5 PM) by Speed Post, Registered Posts or Courier Only**. The technical bids shall be opened at the Office of the CDM & PHO, Bhadrak on **29.07.2025 at 11.00 AM**. The authority reserves the right to reject any or all the proposals without assigning any reason thereof.
OIPR-10123/11/0015/2526 **Sd./- CDM & PHO, Bhadrak**

# ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ




## ଆଜି ଜାତୀୟ ବିଦ୍ୟାର୍ଥୀ ଦିବସ

ପ୍ରତିବର୍ଷ ଜୁଲାଇ ୯ରେ ଆମ ଦେଶରେ ପାଳିତ ହୋଇଥାଏ ଜାତୀୟ ବିଦ୍ୟାର୍ଥୀ ଦିବସ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପ୍ରତିଷ୍ଠା ଦିବସ(୯ଜୁଲାଇ୧୯୪୯) ଅବସରରେ ପାଳିତ ଏହି ଦିବସ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା, ନୈତିକତା ଓ ସାମାଜିକ ଦାୟିତ୍ୱ ପ୍ରତି ଉତ୍ସାହିତ କରିବାର ଏକ ଅବସର ଆଣିଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ'। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ ସଚେତନତା ଅଭିଯାନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ ନେତୃତ୍ୱ, ଉଦ୍ଭାବନ ଏବଂ ସାମାଜିକ ପରିବର୍ତ୍ତନରେ ଅଂଶଗ୍ରହଣ ପାଇଁ ପ୍ରେରଣା ଦିଆଯାଇଥାଏ।

**OFFICE OF THE DEAN & PRINCIPAL VSS INSTITUTE OF MEDICAL SCIENCES & RESEARCH : BURLA**
No.4661/VIMSAR/INDENT Dated : 05.07.2025
**NOTICE**
**No.E-220** : Sealed tenders are invited from the interested firms for supply of **"GAME & SPORTS ARTICLES"** during the financial year 2025-26. The detail terms and conditions & make is available in this College website i.e. www.vimsar.ac.in and district website i.e. www.sambalpur.odisha.gov.in. The last date of receipt of tenders will be on **05.08.2025** latest by **5.00 P.M.,** which will be opened on **06.08.2025 at 11:00 A.M.** in the Conference Hall of Dean & Principal, VIMSAR, Burla.
OIPR-11056/11/0038/2526 Sd./- Dean & Principal, VIMSAR, Burla

# ବଜ୍ରପାତ ସତର୍କତା, ୧୪ରୁ ବଢ଼ିବ ବର୍ଷା

ଭୁବନେଶର, ୮।୭
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଲଗାଣ ବର୍ଷା ଜନଜୀବନକୁ ପ୍ରଭାବିତ କରିଥିବାବେଳେ ବୁଧବାରଠାରୁ କମିବ। କିଛି ଜିଲାକୁ ବାଦ୍ ଦେଲେ ପ୍ରାୟ ଅଧିକାଂଶ ଜିଲାରେ ପାଗରେ ସୁଧାର ଆସିବ। ତେବେ ୧୪ ତାରିଖରୁ ପୁଣି ବର୍ଷାର ବିସ୍ତୃତି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ବଜ୍ରପାତ ନେଇ କେତେକ ଜିଲାକୁ ସତର୍କ କରାଯାଇଛି। ବୁଧବାର ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୩୦ରୁ ୪୦ କିମି ବେଗରେ ଝଡ଼ିକା ପବନ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ସୁନ୍ଦରଗଡ଼, ଢ଼େଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବୌଦ୍ଧ ଆଦି ଜିଲାରେ ବଜ୍ରପାତ ସହ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ଅନ୍ୟପଟେ ବଜ୍ରପାତ ପାଇଁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁରକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR-751010 (ODISHA)**
No.CAD-1015
Tel - 0674 : 2580896, E-mail : gmerectionocc@gmail.com
(GSTIN-21AAACO2571K2ZM)
**e - Procurement Notice No. 19/OCCL/2025-26 (on-line)**
Type of work : "Erection of 1st stage embedded parts, 2nd stage embedded parts, Gates & its components by fixing of wheels & rubber seal etc., erection of trestle structure & hoisting platform, Rope drum hoists & Central drive units, Rope connection etc., Dogging arrangements, Ladder & hand railing, painting of gates & hoist structures, including 2nd stage concerting works for 02 Nos. of Depletion Sluice Emergency Gates and 02 Nos. Depletion Sluice Service Gates of size 2000mm X 3000mm each at Block No. 12 & 13, Dismantling old Construction Sluice Gates & Platforms etc. with trial, testing & commissioning of above gates pertaining to Kanupur Irrigation Project as per direction of the Engineer-in-Charge on Turnkey basis. ."
Total No. of work : 01 (One)
Period of Completion : 120 (One hundred twenty) days

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/ 03/2025-26 | Rs. 7,080/- (Non-refundable) | 08.07.2025 10.00 A.M. to 17.07.2025 05.00 P.M. | 08.07.2025 10.00 A.M. to 17.07.2025 05.00 P.M. |

Date of opening of Bid : **18.07.2025 at 11.30 A.M.**
Further details can be seen from the Govt. website **(www.tendersodisha.gov.in)**
**Amendment/corrigendum/cancellation, if any shall be posted on-line only.**
**Sd./- General Manager (Mech.), Erection and Maintenance, OCC Ltd., Bhubaneswar**
**OIPR-34163/11/0072/2526**

**ODISHA LIFT IRRIGATION CORPORATION LTD.**
**(A GOVERNMENT OF ODISHA UNDERTAKING)**
PLOT NO.17/2, NAYAPLLI, BHUBANESWAR-12
Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com
**No.4P-18/2025, 5385/OLIC, Dated : 03.07.2025**
**NATIONAL COMPETITIVE BIDDING THROUGH E-PROCUREMENT**
**No.CAD-991** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-05(E) 2025-26 | Sumersible Pump set to deliver 2.0 LPS at 60 Mtr. Head | 14000 | 4838.540 | 48.38540 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayaplli, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof.
**OIPR-32135/11/0035/2526** **Sd./- MANAGING DIRECTOR**

**Advertisement for e-Admission into B.P.Ed. & M.P. Ed. Course for the Session 2025-27** No.TT-10
Dateline for e-Admission in Govt. College of Physical Education, Bhubaneswar for B.P.Ed & M. P. Ed. Course & B.P.Ed course of Govt. College of Physical Education, Kulundi,Sambalpur under Student Academic Management System (SAMS). For details please contact Govt. College of Physical Education (GCPE) Bhubaneswar/Kulundi, Sambalpur or call Sanjog helpline Toll Free (155335/ 18003456770) Number.

| Sl. No. | Activities | Timeline |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in www.sportsodisha.gov.in | 10.07.2025 |
| 02 | Last date for applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF(One day before PFT for each group) | 28.07.2025 onwards |
| 06 | Date of Physical Fitness Test (Conducted at Bhubaneswar)(Detail of Test Schedule & venue will be mentioned on the index card)(One day after validation for each group) | 29.07.2025 onwards |
| 07 | a) Publication of General Merit List / Disqualified List b) Publication 1st Selection (College wise) | 12.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.08.2025 to 19.08.2025 |
| 09 | Publication of 2nd selection merit list | 25.08.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 28.08.2025 |
| 11 | Publication of 3rd Selection List, if vacancy arises | 29.08.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 02.09.2025 |
| 13 | Classes will start | 03.09.2025 |

For more detail please Contact e-Admission Helpline (Toll free) Number155335-18003456770 or e-Admission Helpdesk @ Govt. College of Physical Education(GCPE) Bhubaneswar - 0674-2476694
**N.B. : 1. Changes to the dateline (if occur) will be notified in the website.**
**OIPR-29001/11/0096/2526** **Principal**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 4735/PSC, dt. 07.07.25**
**(1R-12-24/25) (DR-V)**
**Assistant Professor (Stage-I) in Home Science (Advertisement No.27 of 2023-24)**
No. D- :- It is for information of all concerned that, document verification of **88 (Eighty-Eight)** candidates having **PPSAN** mentioned below for the post of **Assistant Professor (Stage-I) "Home Science",** pursuant to Advertisement No.27of 2023/24 shall be held from **17.07.2025 to 21.07.2025 except 20.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.
**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 AM | P240313026, P240304593, P240303619, P240297133, P240297316, P240304388, P240297801, P240302777, P240274088, P240309966, P240287919 & P240296650 = **12 Candidates** |
| | 2.30 PM | P240282956, P240304151, P240302294, P240307371, P240272485, P240255519, P240285580, P240310807, P240298411, & P240306610 = **10 Candidates** |
| 18.07.2025 | 10.30 AM | P240310801, P240292383, P240303046, P240289496, P240308678, P230161283, P240307937, P240306645, P240299010, P220038349, P240287867 & P230105266 = **12 Candidates** |
| | 2.30 PM | P240306539, P240303894, P240260189, P240303128, P240305816, P240284808, P240268833, P240305493, P240289816, & P220000041 = **10 Candidates** |
| 19.07.2025 | 10.30 AM | P240307804, P240310051, P240307208, P240301395, P230096011, P240307632, P240273429, P230104607, P240281842, P240269161, P240266947 & P240270470 = **12 Candidates** |
| | 2.30 PM | P230142454, P240297118, P240296692, P240287490, P230145826, P240283527, P240304234, P240309331, P240303982 & P230215195 = **10 Candidates** |
| 21.07.2025 | 10.30 AM | P240268320, P240255066, P220018177, P240305870, P220003560, P230164239, P240266599, P240305417, P240281557, P230139572, P240302973 & P220068466 = **12 Candidates** |
| | 2.30 PM | P240263442, P230136345, P240256942, P240283686, P240289367, P230116658, P240289297, P240283457, P220021935 & P240264669 = **10 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.
**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.
OIPR-12002/11/0261/2526 **Sd./- Secretary**

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45 yrs ଝିଅ ଆବଶ୍ୟକ। Candidate- 9861141891. D-1173

### GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050

Wanted Govt. Service groom for beautiful Brahmin Girl 1998, 5'4", BA, PGDCA, "SUNASANSAR". 9937512659. D-76282



## REAL ESTATE
## SALE

**B.D.A. plot for sale- 40'x60' B.D.A. allotted plot for sale at Prachi Enclave, Chandrasekharpur at a cost of 2.5 crore (Non-negotiable). Only intending buyers (Not brokers) can contact to Mob No.- 9078562890 between 4P.M. to 5 P.M.** D-76474

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284




3 Office space- 1. 2000sqft. in 1st floor, 2. 780sqft. 2nd floor fully furnished Office, 3. 1000sqft. in 3rd floor at 5- Janpath, Unit-3, Kharvelnagar behind Kalsi petrol pump, Bhubaneswar, Odisha-751001. Readily available to operate. Contact: 9437001845, 7504050186. D-76839




Positively health benefits SPA expert female therapist homely atmosphere. 8658088274. D-1177

## AFFIDAVIT

By virtue of an affidavit sworn before the Executive Magistrate, Angul, Date.07.07.2025, I, SUKADEV PRADHAN, R/o. Vill/ P.O.-Kumpapada, Via- Jagannathprasad, Dist.- Ganjam (Odisha), PIN Code- 761121 declare that I have changed my name from SARVANGYA PRADHAN to SUKADEV PRADHAN. Henceforth, I shall be known as SUKADEV PRADHAN for all purpose.
Sukadev Pradhan
D-1224

By virtue of an affidavit before Executive Magistrate, Kendrapara, Sl.No.- 4288, dated- 30.06.2025, I Usharani Dash, W/o- Nimain Charan Baral, At/P.O.- Ghagara, P.S.- Nikirai, Dist.- Kendrapara declare that I have changed my name from Usharani Baral to Usharani Dash. Henceforth, I shall be known as Usharani Dash for all purposes. D-1208

"CHANGE OF NAME ANNOUNCEMENT
This is to notify that the firm formerly known as M/s J P RAY, located at Plot 1257(P), New Forest Park, Mouza: Bhimpur, Dist:Khurda, Bhubaneswar, Odisha-751009, has changed its name to RAYZEN INFRACON. This change is effective from 26.06.2025 as per Affidavit No.S417141,dated 26.06.2025. For any queries,please contact:rayzen.infracon@gmail.com. D-1210

I, ANISU BIBI, W/o- SHAIKH NAJIRUDDIN, resident of Ward No.- 09, Maligan, P.O./P.S.- Nemalo, Dist.- Cuttack, PIN-754293, Odisha, declare by this affidavit No.1155, dated on 07.07.2025. That now onwards I shall be known as ANISUN BIBI for all future purposes. D-1209

By virtue of an affidavit sworn before Notary Public, Laxmisagar, 04.03.2025, I Muhammad Saad, R/o- Laxmisagar, Bhubaneswar, Dist.- Khordha declare that I have changed my name from Sujan Das to Muhammad Saad. Henceforth, I shall be known as Muhammad Saad for all purposes.
Muhammad Saad
D-1211

By virtue of an affidavit sworn before Notary Public, Bhubaneswar, dated 07.07.2025, I, Harvinder Singh Buhi, Plot No.-89, NAC Colony, Unit-3, Bhubaneswar- 751001, Odisha declare that I have changed my name from HIRA SINGH to HARVINDER SINGH BUHI. Henceforth, I shall be known as HARVINDER SINGH BUHI for all purposes. D-74732

By virtue of an affidavit sworn before Executive Magistrate, Angul, dated- 08.07.2025, I, Basanti Pattanaik, aged about 70 years, W/o. Balaram Pattanaik, Address Vill: Lingarajori, P.O.- Hulurisingha, Dist.- Angul, Odisha- 759132 (full address), declare that I have changed my name from Basanti Pattanik to Basanti Pattanaik. Henceforth, I shall be known as Basanti Pattanaik for all purposes.
Basanti Pattanaik
D-1218

By virtue of an affidavit sworn before Executive Magistrate, Bhubaneswar, dated 10.06.2025, I Salaram Majhi, Resident of Darkholi, P.O.- Palashbani, P.S.- Jharpokhoria, Dist.- Mayurbhanj, Odisha, PIN- 757057 declare that I have changed my name from Saluram Hembram to Salaram Majhi. Henceforth, I shall be known as Salaram Majhi for all purposes.
SALARAM MAJHI
D-1219

By virtue of an affidavit sworn before the Executive Magistrate, Junagarh, No.-285, date 07.07.2025, I, Gobinda Hati, R/o. At- Chikili, P.O.- Goudchhendia, PIN- 766023, P.S.- Junagarh, Dist.- Kalahandi (Odisha) declare that I have changed my daughter's name from Deepika Hati to Pritimanjari Hati. Henceforth, she shall be known as Pritimanjari Hati for all purposes.
Gobinda Hati
D-1220

I, Laila Karim, W/o- Karim Nassar, resident of At- Flat No.- A/7, Platinum Group Co. Op. Housing Society, Beside Kitab Mahal, P.O.-College Square, P.S.-Malgodown, Dist.- Cuttack-753003, Odisha declare by this affidavit No.- 70AA357379, dated- 08.07.2025. That now onwards I shall be known as Laila Karim Nassar for all future purposes. D-1222

By virtue of an affidavit sworn before Notary Public, Bhubaneswar, dated 08.07.2025, I, RAMANARAYAN DAS, Mandap Basti, near Kanchanjangha, VIP Enclave, Ward No.-9, P.S.-Chandrasekharpur, Bhubaneswar- 751016, Odisha declare that I have changed my name from RANKANATH SWAIN to RAMANARAYAN DAS. Henceforth, I shall be known as RAMANARAYAN DAS for all purposes.
RAMANARAYAN DAS
D-1207

I, Neelam Subudhi, W/o- Asadi Srikrishna Subudhi, resident of Khala Street, Kamapalli, Berhampur, Dist.- Ganjam, Odisha, PIN- 760004 declare by this affidavit No. A432, dated 07.07.2025. That my name as per PAN, AADHAAR and PASSPORT is NEELAM SUBUDHI, but in my daughter's Birth Certificate it is mentioned as Asadi Neelam Subudhi. Now onwards I shall be known as NEELAM SUBUDHI for all future purpose. D-1223

By virtue of an affidavit sworn before Executive Magistrate, Talcher, Odisha, dated- 30.06.2025, Affidavit No.-1347. I GOBARDHAN SETHI, S/o-BANKA SETHI Address- At-Tippo, P.O./P.S.- Samal, Dist.- Angul, State- Odisha, PIN- 759100 declare that I have changed my minor daughter's name from JHARAMA SETHI to JHARANA SETHI. Henceforth, she will be known as JHARANA SETHI for all purpose.
GOBARDHAN SETHI
D-1221





ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ (କମିଶନର)ଙ୍କ ଅଦାଲତ କ୍ରମିକ ନମ୍ବର- ୩. (ଶ୍ରୀ ପ୍ରବୀର କୁମାର ନାୟକ) ଓ.ଏ.ସ (ଏସ୍.ଏ.ଜି.) ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ. ୟୁନିଟ୍ ନମ୍ବର- ୪. ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ୫୦୩/୨୦୨୪
ଡ. ଅମିୟ ରଞ୍ଜନ ସାହୁ ....ଦରଖାସ୍ତକାରୀ
ବନାମ
ଶ୍ରୀ ଲୋକନାଥ ସାହୁ ଏବଂ ଅନ୍ୟମାନେ .....ପ୍ରତିବାଦୀ

ଇସ୍ତାହାର ଦେୱାନୀ କାର୍ଯ୍ୟ ବିଧି ସଂହିତା ମୁତାବକ ଆଦେଶ ୫ ନିୟମ ୨୦ ଉପନିୟମ (୧-ଏ) ଦୈନିକ ଖବରକାଗଜରେ ପ୍ରକାଶନ ପାଇଁ ବିଜ୍ଞପ୍ତି ଉପରଲିଖିତ ଦରଖାସ୍ତକାରୀ ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ମୁତାବକ ରିଭିଜନ ମାମଲା ମାନ୍ୟବର ଅଦାଲତରେ ଦାଖଲ କରିଅଛନ୍ତି। ନିମ୍ନଲିଖିତ ଭୂ ସମ୍ପତ୍ତିକୁ ତାଙ୍କ ନାମରେ ରେକର୍ଡ଼ କରିବା ପାଇଁ କିନ୍ତୁ ନିମ୍ନଲିଖିତ ପ୍ରତିବାଦୀମାନେ ଉକ୍ତ ମାମଲାରେ ମାନ୍ୟବର ଅଦାଲତରୁ ନୋଟିସ ପ୍ରେରଣ ହୋଇଥିଲା, କିନ୍ତୁ ଉକ୍ତ ନୋଟିସଗୁଡ଼ିକ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ଏଣୁ ଆଦ୍ୟ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି, କି ନିର୍ଦ୍ଧାରିତ ତାରିଖ ତା ୨୬।୦୮।୨୦୨୫ରିଖ ସମୟ ୩.୩୦ଘଟିକାରେ ଉପସ୍ଥିତ ହୋଇ ସେମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ବ୍ୟକ୍ତିମାନେ ଅଦାଲତରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ପକ୍ଷ ରଖିବେ, ନଚେତ୍ ଉକ୍ତ ତାରିଖରେ ଆଇନ ମୁତାବକ ଆଦେଶ କରାଯିବ।

ପ୍ରତିବାଦୀମାନଙ୍କ ନାମ ଧାମ:- (୨)- ଡ. ଜୟଶ୍ରୀ ଆଚାର୍ଯ୍ୟ, ପିତା- ସୂର୍ଯ୍ୟମଣି ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ- ନାହପାର, ଥାନା/ଜିଲ୍ଲା- ଯାଜପୁର, ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ. ଏଫ୍- ୩୧/୨. ବି.ଜେ.ବି. ନଗର, ଥାନା- ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା (୩)- ସ୍ୱାଧୀନ କୁମାର ମହାନ୍ତି, ପିତା- ସ୍ୱର୍ଗତ ପଦ୍ମ ଚରଣ ମହାନ୍ତି, (୪)- ଶ୍ରୀମତୀ ବୈଜୟନ୍ତି ମହାନ୍ତି, ପିତା- ସ୍ୱର୍ଗତ ଯଦୁନାଥ ମହାନ୍ତି। କ୍ରମିକ ନଂ.(୩) ଏବଂ (୪)- ଙ୍କ ଠିକଣା ଗ୍ରାମ- ଗୋଠପାଟଣା, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା। (୯) ଶ୍ରୀ ସୌଭାଗ୍ୟ ଶଙ୍କର ଦେଓ, ପିତା- ସ୍ୱର୍ଗତ ଦୁର୍ଗାମାଧବ ଦେଓ, ଗ୍ରାମ/ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, (୧୦) ଭ୍ରମର ବାର ମହାନ୍ତି, (୧୧) ପଦ୍ମଚରଣ ମହାନ୍ତି, (୧୨) ଅଗାଧୁ ମହାନ୍ତି।, (୧୩) ରାଧୁ ମହାନ୍ତି। କ୍ରମିକ ନମ୍ବର ୧୦ ରୁ ୧୩ ମାନଙ୍କ ପିତା- ସ୍ୱର୍ଗତ ହୃଷୀ ମହାନ୍ତି, (୧୪) କେଲୁ ଚରଣ ମହାନ୍ତି, (୧୫) ବଂଶୀଧର ମହାନ୍ତି, (୧୬) ରତ୍ନାକର ମହାନ୍ତି। କ୍ରମିକ ନମ୍ବର୧୪ରୁ୧୬ ଙ୍କ ପିତା- ସ୍ୱର୍ଗତ ନାରାୟଣ ମହାନ୍ତି। କ୍ରମିକ ନ.(୧୦) ରୁ (୧୬)- ଙ୍କ ଠିକଣା ଗ୍ରାମ- ଗୋଠପାଟଣା, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ତଫସିଲବର୍ଣ୍ଣିତ ଭୂ ସମ୍ପତ୍ତିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର- ଭୁବନେଶ୍ୱର, ମୌଜା- ଗୋଠପାଟଣା, ଥାନା- ଚନ୍ଦକା ନମ୍ବର- ୪୭, ସାବିକ ଖାତା ନମ୍ବର- ୧୩୧, ସାବିକ ପ୍ଲଟ୍ ନମ୍ବର- ୪୨୪, ଜମିର ମାପ ମତେ ରକବା- ଏ.ସି. ୦.୧୩୪ ଡିସିମିଲ ଯାହାର ମୂଳ ରକବା ଏ.ସି. ୦.୨୨୫ ଡିସିମିଲ କିସମ- ବିଆଳି, ଯାହାକି ଚଳିତ ହାଲ୍ ବନ୍ଦୋବସ୍ତର ହାଲ୍ ଖାତା ନମ୍ବର- ୪୩୬, ହାଲ୍ ପ୍ଲଟ୍ ନମ୍ବର- ୨୨୨୨, ରକବା ଏ.ସି. ୦.୧୩୪ଡିସିମିଲ ଯାହାର ମୂଳ ରକବା ଏ.ସି ୦.୧୪୮ ଡିସିମିଲ ଅଟେ। କିସମ- ସାରଦା ଅଣ ଜଳସେଚିତ- ୩, ଦରଖାସ୍ତକାରୀ ଉକ୍ତ ହାଲ୍ ପ୍ଲଟ୍‌ରୁ ରକବା ଏ.ସି. ୦.୧୩୪ ଡିସିମିଲକୁଁ ତାଙ୍କ ନାମରେ ରେକର୍ଡ଼ କରିବା ପାଇଁ ପ୍ରାର୍ଥନା କରିଅଛନ୍ତି।

ଏଣୁ ଆଦ୍ୟ ବିଜ୍ଞପ୍ତି ମାଧ୍ୟମରେ ଉପରଲିଖିତ ଧାର୍ଯ୍ୟ ତାରିଖରେ ବିଚାର ନିମନ୍ତେ ଅଦାଲତରେ ଉପସ୍ଥିତ ରହିବାକୁ ହେବେ।

ସ୍ଥାନ- ଭୁବନେଶ୍ୱର
ତାରିଖ- ୦୪।୦୭।୨୫
ଅତିରିକ୍ତ ରିଭିଜନ କମିଶନ ଅଦାଲତ ନମ୍ବର- ୩, କୋର୍ଟଙ୍କ ଆଦେଶ ମୁତାବକ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୪

IR NO.- 975,
Date- 10.06.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨ (ଶ୍ରୀ ପି.କେ. ନାୟକ I.A.S.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍ ମୋକଦ୍ଦମା ନମ୍ବର- ୯୧/୨୦୨୩
ରୀନା ନାୟକ ...ବାଦିନୀ
ବନାମ
ରବୀନ୍ଦ୍ରନାଥ ଦାସ ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ
ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା- ୧) ପ୍ରତିବାଦୀ ନମ୍ବର- ୨, ପୂର୍ଣ୍ଣଚନ୍ଦ୍ର ଦାଶ, ପିତା- ୰ ହରିହର ଦାଶ, ଗ୍ରାମ/ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୨) ପ୍ରତିବାଦୀ ନଂ- ୩, ନଳିନୀପ୍ରଭା ଦଳେଇ, ପିତା- ବିଶ୍ୱନାଥ ଦଳେଇ, ସା/ପୋ- ବଡ଼ଗଡ଼ ବି.ଜେ.ବି. ନଗର, ଥାନା- ବଡ଼ଗଡ଼, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ପ୍ରତିବାଦୀ ନଂ- ୨ ମୃତ ଏବଂ ପ୍ରତିବାଦୀ ନଂ- ୩ ବିଭିନ୍ନ ଭୁଲ୍ ଠିକଣା ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୨.୦୭.୨୫ରିଖ ୧୧:୧୫ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଗୋଠପାଟଣା

ସାବକ

ଖାତା ନଂ- ୧୬୪, ପ୍ଲଟ୍ ନମ୍ବର- ୪୪୩, କିସମ- ଶାରଦ ଅଣଜଳସେଚିତ ତିନି, ରକବା- ଏ.୦.୫୩୦ଡି. ସ୍ୱଧରୁ ଏ.୦.୦୫୧ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ- ୬୭୩, ପ୍ଲଟ୍ ନମ୍ବର- ୨୦୩୭, କିସମ- ଶାରଦ ଅଣଜଳସେଚିତ ତିନି, ରକବା- ଏ.୦.୦୭୬ଡି. ସ୍ୱଧରୁ ଏ.୦.୦୫୧ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୫

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୯୧୦/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଶୈଳବାଳା ରାଉତରାୟ .... ବାଦୀ/ଦରଖାସ୍ତକାରୀ
ବନାମ
ପ୍ରଫୁଲ କୁମାର ବିଧାର ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧.ବସୁନ୍ଧରା ଏଷ୍ଟେଟ ଏବଂ ଡେଭେଲୋପର ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ କୁମାର ବିଧାର, ପିତା- ସ୍ୱର୍ଗତ ବେଣୁଧର ବିଧାର
ଉପରୋକ୍ତ ପ୍ରତିବାଦୀଙ୍କ ଠିକଣା ମଇଜି-II, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା ଖୋର୍ଦ୍ଧା
୭. କବିନ ସାହୁ, ପିତା- ସ୍ୱର୍ଗତ ଗିରିଧାରୀ ସାହୁ, ୯. ଧନେଶ୍ୱର ସାହୁ, ପିତା- କବିନ ସାହୁ, ୧୦. କାଳିନ୍ଦୀ ସାହୁ, ପିତା- କବିନ ସାହୁ, ୧୧. ସୁକାନ୍ତୀ ସାହୁ, ପିତା- କବିନ ସାହୁ
ପ୍ରତିବାଦୀ ନଂ.- ୯,୧୦,୧୧ଙ୍କ ଠିକଣା ଗ୍ରାମ-ଦାରୁଠେଙ୍ଗ, ପୋଷ୍ଟ- ବାରଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୫।୮।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୁଆସୁଣୀ

ସାବକ

ଖାତା ନମ୍ବର-୪୪, ପ୍ଲଟ୍ ନମ୍ବର- ୧୮୯, କିସମ- ପୁରାତନପତିତ, ରକବା- ମୋଟ ଏ୦.୯୭୫ରୁ ଏ୦.୫୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୨୩୧, ପ୍ଲଟ୍ ନମ୍ବର- ୧୦୫୨, କିସମ- ପତିତ, ରକବା- ମୋଟଏ୦.୪୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୭


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଶ୍ୱରେ ଆଦୃତ ଭାରତର ଡିଜିଟାଲ ପେମେଣ୍ଟ ସିଷ୍ଟମ

ଭୁବନେଶର, ୮।୭(ଅନୁରାଧା ମହାରଣା)

ଭାରତର ଡିଜିଟାଲ ପେମେଣ୍ଟ ସିଷ୍ଟମ ସାରା ବିଶ୍ୱରେ ଆଦୃତ ହେବାରେ ଲାଗିଛି। ଏବେ ତ୍ରିନିଦାଦ ଏବଂ ଟୋବାଗୋର ନାମ ମଧ୍ୟ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ(ୟୁପିଆଇ) ଗ୍ରହଣ କରୁଥିବା ଦେଶ ତାଲିକାରେ ଯୋଡ଼ା ଯାଇଛି। ଅର୍ଥାତ୍ ଏବେଠାରୁ ଏଠାରେ ଯେକୌଣସି ଜିନିଷର କାରବାର ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରାଯାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୀମ ଆପ ମାଧ୍ୟମରେ ଡିଜିଟାଲ କାରବାର ସିଷ୍ଟମ ଗ୍ରହଣ କରିଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତ୍ରିନିଦାଦ ଏବଂ ଟୋବାଗୋ ପ୍ରଧାନମନ୍ତ୍ରୀ କମଳା ପ୍ରସାଦ-ବିସେସାରଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ୩-୪ ଜୁଲାଇରେ ତ୍ରିନିଦାଦ ଏବଂ ଟୋବାଗୋ ଗସ୍ତ କରିଥିଲେ। ଏହି ସମୟ ମଧ୍ୟରେ ଉଭୟ




ଦେଶ ଡିଜିଟାଲ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାରେ ଆଗ୍ରହ ଦେଖାଇଥିଲେ। ଉଭୟ ଦେଶ ଡିଜିଲକର, ଇ-ସାଇନ ଏବଂ ସରକାରୀ ଇ-ମାର୍କେଟ ପ୍ଲେସ (ଏରଗ) ସମେତ ଇଣ୍ଡିଆ ଷ୍ଟାକ ସଲ୍ୟୁସନ୍ସ କାର୍ଯ୍ୟକାରୀ କରିବାରେ ଆହୁରି ସହଯୋଗ କରିବାକୁ ମଧ୍ୟ ରାଜି ହୋଇଥିଲେ। ୨୦୨୪ ମସିହାରେ ୟୁପିଆଇ ଗ୍ରହଣ କରିବାରେ ଫ୍ରାନ୍ସ ପ୍ରଥମ ୟୁରୋପୀୟ ଦେଶ ହୋଇଥିଲା। ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ)ର ଅନ୍ତର୍ଜାତୀୟ ୟୁନିଟ ଫ୍ରାନ୍ସର ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ଲାଇରା ସହିତ ସହଯୋଗ କରି ଫ୍ରାନ୍ସରେ ଇ-କମର୍ସ ଏବଂ ପ୍ରୋକ୍ସିମିଟି ପେମେଣ୍ଟକୁ ସୁରକ୍ଷିତ କରିବା ପାଇଁ ୟୁପିଆଇ ଲଞ୍ଚ କରିଥିଲା। ଏନପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟସ୍ ଲିମିଟେଡ (ଏନଆଇପିଏଲ), ନେଟୱର୍କ ଇଣ୍ଟରନ୍ୟାଶନାଲ ସହିତ ସହଭାଗିତାରେ ୨୦୨୧ ମସିହାରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ କ୍ୟୁଆର୍ କୋଡ-ଆଧାରିତ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ପେମେଣ୍ଟସ ସକ୍ଷମ କରିଥିଲା। ଏହା ବର୍ତ୍ତମାନ ଦୁବାଇ ମଲ, ମଲ ଅଫ ଦି ଏମିରେଟ୍ସ ଏବଂ ଦେଶର ଅନେକ ଖୁଚୁରା ଏବଂ ଡାଇନିଂ ଆଉଟଲେଟରେ ପେମେଣ୍ଟ କରିବା ସୁବିଧା ଯୋଗାଉଛି। ଏନଆଇପିଏଲ ଏବଂ ନେପାଳର ସର୍ବବୃହତ ପେମେଣ୍ଟ ନେଟୱର୍କ, ଫୋନ୍‌ପେ' ପେମେଣ୍ଟ ସର୍ଭିସେସ ଲିମିଟେଡ, ୨୦୨୪ରେ ଭାରତ ଏବଂ ନେପାଳ ମଧ୍ୟରେ ସୀମାପାର କାରବାର ପାଇଁ ୟୁପିଆଇ ଆରମ୍ଭ କରିବା ପାଇଁ ହାତ ମିଳାଇଥିଲେ। ଭୁଟାନର ରୟାଲ ମନିଟାରୀ ଅଥରିଟି ୨୦୨୧ରେ ଭୁଟାନରେ କ୍ୟୁଆର୍ କୋଡ୍-ଆଧାରିତ ଅନଲାଇନ ପେମେଣ୍ଟକୁ ସ୍ୱୀକୃତି ଦେବା ପାଇଁ ଏନଆଇପିଏଲ ସହିତ ସହଭାଗୀତା କରିଥିଲେ, କ୍ୟୁଆର୍ କୋଡ୍ ନିୟୋଜନ ପାଇଁ ୟୁପିଆଇ ମାନକ ଗ୍ରହଣ କରିଥିବା ପ୍ରଥମ ଦେଶ ଏବଂ ଭୀମ ଆପ ମାଧ୍ୟମରେ ମୋବାଇଲ-ଆଧାରିତ ପେମେଣ୍ଟ ଗ୍ରହଣ କରିଥିବା ଭାରତର ନିକଟ ପଡ଼ୋଶୀ ଦେଶ ଭାବରେ ପ୍ରଥମ ଦେଶ ହୋଇଥିଲା। ୨୦୨୪ ରେ ମରିସସରେ ୟୁପିଆଇ ସେବା ଆରମ୍ଭ ହୋଇଥିବାବେଳେ ରୁପେ' କାର୍ଡ ବ୍ୟବହାର କରାଯାଉଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୮।୭

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୭୦ (୨୭୦.୦୧) ପଏଣ୍ଟ ବୃଦ୍ଧି ଘଟି ୮୩,୭୧୨ (୮୩,୭୧୨.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୬୧ (୬୧.୨୦) ପଏଣ୍ଟ ବଢି ୨୫,୫୨୨ (୨୫,୫୨୨.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଏନ୍‌ଇଇଟି ଫଳାଫଳରେ ଶ୍ରେଷ୍ଠ ସଫଳତା



ଖବରଦାତା ସମ୍ମିଳନୀ ଅବସରରେ ସେଣ୍ଟର ହେଡ୍ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୮।୭

### ପିଡବ୍ଲ୍ୟୁ ବିଦ୍ୟାପୀଠରେ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପିଡବ୍ଲ୍ୟୁ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ଏନଇଇଟି-ୟୁଜି ୨୦୨୫ ଫଳାଫଳରେ ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। ଏପରିକି ପିଡବ୍ଲ୍ୟୁ ବିଦ୍ୟାପୀଠର ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନର ବିଦ୍ୟାର୍ଥୀ ଉଲ୍ଲେଖନୀୟ ଫଳାଫଳ ସହ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ପିଡବ୍ଲ୍ୟୁ ବିଦ୍ୟାପୀଠର ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପିଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ତଥା ଏଫ୍‌ଏମ୍ ପଙ୍କଜ ସିଜାରିଆ, ସମ୍ପତ୍ତି ସିହ୍ନା ମହାପାତ୍ର, ଆରୁଷୀ ତୁଲିଙ୍କ ସମେତ ଭୁବନେଶ୍ୱର ସେଣ୍ଟର ହେଡ ଶୁଜା ଅହମ୍ମଦ ଏବଂ ବାଣିଜ୍ୟ ମୁଖ୍ୟ ସିଦ୍ଧାର୍ଥ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ପିଡବ୍ଲ୍ୟୁ ଭୁବନେଶ୍ୱର ସେଣ୍ଟରର ବିଦ୍ୟାର୍ଥୀ ଓମ୍ ପ୍ରକାଶ ରାଜ, ଶୁଭଞ୍ଜନ ସାହୁ, ଆୟୁଷ ଆୟୁଷ୍ମାନ ଭୂୟାଁ, ତଦାଶା ମିଶ୍ର ଏବଂ ଶୁଭାଶିଷ ରଥଙ୍କ ସମେତ ଅନ୍ୟ ଶ୍ରେଷ୍ଠସ୍ଥାନ ହାସଲକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଓ ସେଣ୍ଟରର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମନୋରଞ୍ଜନର ମୂଳ ମାଧ୍ୟମ ୱାଟର ପାର୍କ

ଭୁବନେଶ୍ୱର,୮।୭

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଲୋକ ଆଜି ସବୁ କ୍ଷେତ୍ରରେ ଚିନ୍ତାଗ୍ରସ୍ତ ହୋଇଯାଇଛି। ଦିନତମାମ ଚାପ ଓ ଚିନ୍ତା ପାଇଁ ପରିବାରର ଖୁସି ଏବଂ ନିଜର ମନୋରଞ୍ଜନ ଠିକ୍ ଭାବେ କରାଯାଇପାରୁନାହିଁ। ଫଳରେ ଲୋକମାନେ ଅନେକ ପ୍ରକାରର ସମସ୍ୟା ମଧ୍ୟରେ ଜଡିତ ହୋଇଯାଉଛନ୍ତି। ସେହିଭଳି ଭାରତରେ ଆମେ ମନୋରଞ୍ଜନକୁ ଆବଶ୍ୟକତା ଅପେକ୍ଷା ଏକ ବିଳାସପୂର୍ଣ୍ଣ କାର୍ଯ୍ୟ ଭାବେ ବ୍ୟବହାର କରିଛୁ। ଏପରିକି ଭାରତରେ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ଏବଂ ଦ୍ରୁତ ଗତିରେ ବଢୁଥିବା ମଧ୍ୟବିତ୍ତ ଶ୍ରେଣୀ ରହିଛନ୍ତି। ତଥାପି ବିଶ୍ୱସ୍ତରୀୟ ୱାଟର ପାର୍କ, ମନୋରଞ୍ଜନ ପାର୍କ ଏବଂ ଥିମ୍-ଆଧାରିତ ଅଭିଜ୍ଞତା କେନ୍ଦ୍ରଗୁଡ଼ିକର ସଂଖ୍ୟା ବିଶ୍ୱ ମାନକ ତୁଳନାରେ ତୁଳନାତ୍ମକ ଭାବେ କମ୍ ରହିଛି। ନିକଟରେ ହାପିନେସ ଇଣ୍ଡେକ୍ସ ସୂଚୀ ପ୍ରକାଶ ପାଇଛି। ଏହି ସୂଚୀରେ ଭାରତର ସ୍ଥାନ ବହୁ ତଳେ ରହିଛି। ଭାରତ ଏହାର ସମୃଦ୍ଧ ସଂସ୍କୃତି, ପର୍ବପର୍ବାଣି ଏବଂ ପରମ୍ପରା ସତ୍ତ୍ୱେ ଏହି ସୂଚକାଙ୍କରେ ଆଶାଠାରୁ ନିମ୍ନ ସ୍ଥାନ ପାଇଛି। ଏ ସମ୍ପର୍କରେ ୱାଣ୍ଡର ୱାର୍ଲ୍ଡ ୱାଟର ପାର୍କ ଏବଂ ରିସର୍ଟ ପୁରୀର ଭିପି ବିଭୁତେନ୍ଦ୍ର ମହାପାତ୍ର, ଭିପି କହିଥିଲେ, ଓଡ଼ିଶା ପାଇଁ ୱାଟର ପାର୍କ, ମନୋରଞ୍ଜନ ପାର୍କ, ଥିମ୍ ପାର୍କ ଏବଂ ଅଭିଜ୍ଞତା କେନ୍ଦ୍ରଗୁଡ଼ିକୁ ସାମାଜିକ ଭିତ୍ତିଭୂମି ଭାବେ ମାନ୍ୟତା ଦେବାର ସମୟ ଆସିଛି, ଯେପରି ଆମେ ସ୍ୱାସ୍ଥ୍ୟ ପାଇଁ ହସ୍ପିଟାଲ, ଶିକ୍ଷା ପାଇଁ ସ୍କୁଲ ଏବଂ ସଂଯୋଗ ପାଇଁ ରାଜପଥ ନିର୍ମାଣ କରୁ, ସେହିପରି ଆମକୁ ଖୁସି ପାଇଁ ମନୋରଞ୍ଜନ କେନ୍ଦ୍ରରେ ବିନିଯୋଗ କରିବାକୁ ପଡିବ। ଏକ ଦେଶର ପ୍ରଗତି କେବଳ ଏହାର ଜିଡିପି ଦ୍ୱାରା ନୁହେଁ ବରଂ ଏହାର ଲୋକଙ୍କ ଖୁସି ଦ୍ୱାରା ମାପ କରାଯାଏ। ଯଦି ଆମେ ଏକ ସୁଖୀ, ସୁସ୍ଥ ଏବଂ ଅଧିକ ସ୍ପନ୍ଦନଶୀଳ ଓଡ଼ିଶା ଚାହୁଁ ତେବେ ମନୋରଞ୍ଜନକୁ ଏକ ବିଳାସପୂର୍ଣ୍ଣ ଭାବେ ନୁହେଁ ବରଂ ଏକ ଆବଶ୍ୟକତା ଭାବେ ଦେଖାଯିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ.ଗୋବର୍ଦ୍ଧନ ମହାନ୍ତି
ଆବିର୍ଭାବ: ୦୧.୦୧.୧୯୫୩
ତିରୋଧାନ: ୨୯.୦୬.୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ଆପଣଙ୍କ ଆତ୍ମୀୟସ୍ୱଜନ ଓ ପ୍ରିୟ ପରିବାରବର୍ଗ
ଧ-୭୬୮୩

# ଅତିଥି ଆଗ୍ରୋର ପ୍ରଥମ ଡିଲର ମିଟ୍



ଡିଲର ମିଟ୍‌ର ଶୁଭାରମ୍ଭ ଅବସରରେ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୮।୭ (ଅଭୟ ଦାଶ)

ଅତିଥି ଆଗ୍ରୋ ପ୍ରଡକ୍ଟସ ଏଲ.ଏଲ.ପି (ଅତିଥି ଆଗ୍ରୋ)ର ପ୍ରଥମ ଡିଲର ମିଟ୍ ନିକଟରେ ହୋଟେଲ ଏଚ୍‌ଏଚ୍‌ଆଇ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ପ୍ରଥମ ଧରଣର ଡିଲର ମିଟ୍ ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଓ ବ୍ୟବସାୟରେ ଉଲ୍ଲେଖନୀୟ ସଫଳତା ହାସଲ ଏବଂ ସହଯୋଗ କରିଥିବା ସମସ୍ତ ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ କମ୍ପାନୀ ଅଂଶୀଦାର ଓ ବିଜନେସ ପାର୍ଟନର୍‌ର ଅଶୋକ କୁମାର ଗୋଏଲ, ହରିଶ ଗୋଏଲ, ଆଶିଷ ଗୋଏଲ, ଅଙ୍କିତ ଗୋଏଲ, ଗୌରବ ଗୋଏଲ ଏବଂ ବେଦାନ୍ତ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅତିଥି ଆଗ୍ରୋର କାରବାର, ବ୍ୟବସାୟ ସମ୍ପ୍ରସାରଣ ଓ ନୂତନ ଉତ୍ପାଦ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏପରି କି କମ୍ ସମୟ ମଧ୍ୟରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ସହ ବ୍ୟବସାୟ ବୃଦ୍ଧିରେ ମଧ୍ୟ ଅଭିବୃଦ୍ଧି ହାସଲ କରିଛି। ସେହିପରି ଖାଇବା ତେଲ ଶିଳ୍ପରେ ଅତିଥି ଆଗ୍ରୋର ଭୂମିକା ଓ ବ୍ୟବସାୟ ବେଶ୍ ଉତ୍ସାହଜନକ ବୋଲି ଉଭୟ ଡିଲର ଏବଂ ବିଜ୍‌ନେସ ପାର୍ଟନରମାନେ ମତପ୍ରକାଶ କରିଥିଲେ। ଏ ନେଇ କୋଲାକାତା ବ୍ୟବସାୟ ମହାସଂଘର ସଭାପତି ସୁଶୀଲ ପୋଦ୍ଦାର କହିଥିଲେ, ବ୍ୟବସାୟ ଅଭିବୃଦ୍ଧିରେ ଡିଲର ମିଟ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏପରି କି କମ୍ପାନୀର କାରବାରରେ ବୃଦ୍ଧି ସହ ବ୍ୟବସାୟ ସମ୍ପ୍ରସାରଣରେ ମଧ୍ୟ ଏହା ବେଶ୍ ସହାୟକ ହେବ।

# ଟାଫେ ସହ ଏଜିସିଓର ବୁଝାମଣା

ଭୁବନେଶ୍ୱର,୮।୭

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ୍ ତଥା ଟ୍ରାକ୍ଟର ଏବଂ କୃଷି ଉପକରଣ ନିର୍ମାତା 'ଟାଫେ' ସହ ଏଜିସିଓର ବୁଝାମଣା (ସେଟଲମେଣ୍ଟ) ଜାରି ରହିଛି। ଏପରିକି ଏହି ସେଟେଲମେଣ୍ଟ ଅନୁଯାୟୀ ମାସି ଫର୍ଗୁସନ ବ୍ରାଣ୍ଡର ମାଲିକାନା (ଭାରତ, ନେପାଳ ଓ ଭୁଟାନ ପାଇଁ ଏକମାତ୍ର ଓ ସ୍ୱତନ୍ତ୍ର ମାଲିକ ଭାବେ) ଟାଫେ ନିକଟରେ ରହିବ; ଯେଉଁଥିରେ ମାସି ଫର୍ଗୁସନରେ ସମସ୍ତ ଅଧିକାର, ଟାଇଟଲ ଓ ସ୍ୱାର୍ଥ ଏବଂ ସମ୍ବନ୍ଧିତ ଟ୍ରେଡ୍‌ମାର୍କ ଓ ଏହା ସହ ଜଡିତ ସମସ୍ତ ସଦ୍ଭାବନା ମଧ୍ୟ ସାମିଲ ରହିବ। ଟାଫେରେ ଥିବା ଏଜିସିଓର ଶେୟାରଗୁଡ଼ିକୁ କମ୍ପାନୀ ୨୬୦ ମିଲିୟନ ଡଲାରରେ କ୍ରୟ କରିବ। ଫଳରେ ଏହାର ମୂଲ୍ୟ ଟାଫେ ଇକ୍ୱିଟିର ୨୦.୭% ହେବ। ଏହା ଟାଫେକୁ ଚେନ୍ନାଇରେ ମୁଖ୍ୟାଳୟ ଥିବା ଏକ ବହୁମୁଖୀ ଶିଳ୍ପ ସଂସ୍ଥା ଆମାଲଗମେଶନ୍ସ ଗ୍ରୁପ୍‌ର ଏକ ସମ୍ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀରେ ପରିଣତ କରିବ। ସେହିଭଳି ଉଭୟ ସଂସ୍ଥାର ବୁଝାମଣା ଅନୁଯାୟୀ ସମସ୍ତ କାର୍ଯ୍ୟ ହେବ। ଏପରିକି ଟାଫେ କମ୍ପାନୀର ବ୍ରାଣ୍ଡ, ବାଣିଜ୍ୟିକ ସମସ୍ୟା ଓ ଶେୟାର ହୋଲ୍ଡିଂ ସମ୍ବନ୍ଧିତ ସମସ୍ତ ପ୍ରସଙ୍ଗ ଉପରେ ଏଜିସିଓ ସହ ଏକ ବିସ୍ତୃତ ସମାଧାନରେ ପହଞ୍ଚିଛି।

ଏ ସମ୍ପର୍କରେ ଟାଫେର ଅଧ୍ୟକ୍ଷ ଏବଂ ଏମ୍‌ଡି ମଲ୍ଲିକା ଶ୍ରୀନିବାସନ କହିଛନ୍ତି, ଆମେ ଟାଫେର ଅଭିବୃଦ୍ଧି କାହାଣୀର ଏକ ନୂତନ ଯୁଗରେ ପ୍ରବେଶ କରିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଆମେ ଏଜିସିଓ ସହ ଥିବା ଆମର ଦୀର୍ଘ ସହଭାଗିତାକୁ ସ୍ୱୀକୃତି ଓ ସମ୍ମାନ ଜଣାଉଛୁ ଏବଂ ଏକ ନିୟୋଜିତ ଅଂଶଧାରକ ଭାବେ ଏଜିସିଓକୁ ଆମର ସମର୍ଥନ ବଜାୟ ରଖିବୁ। ଟାଫେ ଓ ମାସି ଫର୍ଗୁସନ ନିଜର ଅଭିନବ ଉତ୍ପାଦ, ସମାଧାନ ଓ ସେବା ମାଧ୍ୟମରେ ଭାରତୀୟ କୃଷି କ୍ଷେତ୍ରର ରୂପାନ୍ତରଣ ପ୍ରତି ପ୍ରତିବଦ୍ଧ ରହିଛି।

ଏହି ସେଟେଲମେଣ୍ଟ ମୁତାବକ ଟାଫେ ୧୬.୩%ର ଏକ ମାଲିକାନା ସ୍ତର ଏଜିସିଓରେ ନିଜର ଶେୟାର ହୋଲ୍ଡିଂ ବଜାୟ ରଖିବ ଏବଂ କିଛି ବ୍ୟତିକ୍ରମ ସ୍ଥିତିରେ ନିଜର ସମାନୁପାତିକ ମାଲିକାନା ବଜାୟ ରଖିବା ପାଇଁ ଏଜିସିଓର ଭବିଷ୍ୟତର ବାଏବ୍ୟାକ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବ। ଟାଫେ ଅଂଶଧାରକଙ୍କ ବୈଠକରେ ଏଜିସିଓର ବୋର୍ଡ ଡାଇରେକ୍ଟରମାନଙ୍କ ସମସ୍ତ ସୁପାରିସ ସପକ୍ଷରେ ଏହାର ଅଂଶଧନଗୁଡ଼ିକୁ ଚୟନକରି ଏଜିସିଓକୁ ସମର୍ଥନ କରିବ। ଟାଫେ ଏଜିସିଓ ନେତୃତ୍ୱ ସହ ଯୋଜନାବଦ୍ଧ ଆଲୋଚନା ମାଧ୍ୟମରେ ଏଜିସିଓରେ ଦୀର୍ଘାବଧି ନିବେଶକ ଭାବେ ଜାରି ରହିବ। ଟାଫେ ଓ ଏଜିସିଓ ମଧ୍ୟରେ ସମସ୍ତ ବ୍ୟବସାୟିକ ଚୁକ୍ତି ଦ୍ୱିପାକ୍ଷିକ ସହମତିରେ ସହମତ ହେବା ପରେ ଟାଫେ ବଳକା ସପ୍ଲାଇ ଅର୍ଡରକୁ ସମ୍ମାନ ଦେବ ଏବଂ ସହମତ ହୋଇଥିବା ସର୍ତ୍ତରେ ସମସ୍ତ ବଜାର ପାଇଁ ପାର୍ଟସର ଯୋଗାଣ ଜାରି ରଖିବ। ସମସ୍ତ ଜାରି ରହିଥିବା ଆଇନଗତ ପ୍ରକ୍ରିୟାକୁ ବିନା ସର୍ତ୍ତରେ ପ୍ରତ୍ୟାହାର କରାଯିବ।

## LEGAL NOTICE

Letter No.- 1275, Dt. 01.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନମ୍ବର ୧୫୪୪/୨୦୨୨

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସୁଧନବା ଦାସ ... ବାଦୀ/ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୫. ରମଣ କୁମାର ଦାସ, ପିତା- ସ୍ୱର୍ଗତ ଭିକାରି ଚରଣ ଦାସ, ୭. ଯୋଗୀନ୍ଦ୍ର ବେହେରା, ପିତା- ସ୍ୱର୍ଗତ ମାନି ବେହେରା, ୮. ଫକୀର ଚରଣ ବେହେରା, ପିତା- ମାନି ବେହେରା
ପ୍ରତିବାଦୀ ନଂ. ୭, ୮ଙ୍କ ଠିକଣା: ଗ୍ରାମ- ଗମେଇ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୩. କାଶୀନାଥ ନାୟକ, ପିତା- ଲୋକନାଥ ନାୟକ
ଉପରୋକ୍ତ ପ୍ରତିବାଦୀଙ୍କ ଠିକଣା: ଗ୍ରାମ- ଓଗାଳପଡ଼ା, ପୋଷ୍ଟ- ଯାଆଁଳ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜଲାସରେ ଆସନ୍ତା ତା୧୮।୦୭।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.-୧୫, ମୌଜା- ନୀଳକଣ୍ଠପୁର

ସାବକ

ଖାତା ନମ୍ବର- ୧୦୯, ପ୍ଲଟ୍ ନମ୍ବର- ୨୯୫, କିସମ- ଶାରଦ-୨, ରକବା- ମୋଟ ଏ୦.୦୯୦ରୁ ଏ୦.୦୯୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୨୫୬, ପ୍ଲଟ୍ ନମ୍ବର- ୩୦୫, କିସମ- ଶାରଦ ଅଣ ଜଳସେଚିତ-୧, ରକବା- ମୋଟ ଏ୦.୦୯୦ରୁ ଏ୦.୦୯୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:

ଭୁବନେଶ୍ୱର — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୬

**Ph.D. in Electronics and Communication Engineering**



Mr. Abhijit Mishra has been awarded Ph.D. Degree in Electronics and Communication Engineering on the topic "Development of Different Radio Tomographic Imaging Techniques by Exploiting Sparsity". He has completed his thesis under the guidance of Prof. Upendra Kumar Sahoo and Prof. Subrata Maiti, ECE Department, National Institute of Technology, Rourkela. His thesis has been highly appreciated by Prof. Mohan Gurusamy, National University of Singapore and Kasturi Vasudevan, Indian Institute of Technology, Kanpur. He is the younger son of Mr. Niranjan Mishra and Mrs. Manjula Mishra of Pottapokhari Nua Bajar CTC and Grand Son In law of Late Gobardhan Tripathy Ratnakarbag Bhubaneswar in and son in law of Mr. Ramakanta Tripathy and Mrs. Kalyani Tripathy. He is husband of Mrs. Rachita Tripathy. He has expressed his deep gratitude to the almighty and thankful to the family members for this success.
ଧ-୭୬୦୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ଅପରାଧ

# ଡଗରା ବେଳାଭୂମିରେ ମହିଳା ପର୍ଯ୍ୟଟକଙ୍କୁ ଅସଦାଚରଣ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୮।୭

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମି ଅସୁରକ୍ଷିତ ହୋଇପଡ଼ିଛି। ରବିବାର ଅପରାହ୍ନରେ ବଙ୍ଗୀୟ ଦମ୍ପତି ବେଳାଭୂମିକୁ ଆସି ଅସଦାଚରଣର ଶିକାର ହୋଇଛନ୍ତି। ସ୍ୱାମୀଙ୍କ ଆଗରେ ମହିଳାଙ୍କୁ ଯୁବକମାନେ ଟଣାଘୋଷରା କରି ତଳେ ପକାଇବା ଓ ସ୍ୱାମୀଙ୍କୁ ମାଡ଼ ମାରୁଥିବା ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହେବାର ୩ ଦିନ ବିତିଯାଇଥିଲେ ହେଁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।



ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ବେଳର ଦୃଶ୍ୟ।

### ଭିଡିଓ ଭାଇରାଲ

ଡଗରା ଉନ୍ନୟନ କମିଟି ସମ୍ପାଦକ ନିତ୍ୟାନନ୍ଦ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଆଇଆଇସିଙ୍କୁ ଭେଟି ବେଳାଭୂମି ସୁରକ୍ଷା ନିମନ୍ତେ ଏକ ଦାବିପତ୍ର ଦେଇଥିଲେ। ବେଳାଭୂମିରେ ପୋଲିସ ପାଟ୍ରୋଲିଂ କଡ଼ାକଡି ଏବଂ ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦିଆଯିବାକୁ ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଗଣପତି ଜେନା, ପ୍ରଫୁଲ୍ଲ ସାହୁ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଦାବି କରିଥିଲେ। ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ଘଟଣାର ତଦନ୍ତ ଜାରି ରହିଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ଅଶ୍ଳୀଳ ଗାଳିଗୁଲଜ ସହ ହେଲ୍‌ପରଙ୍କୁ ଟାଣିନେଇ ମାଡ଼

## ମହରମ୍ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସ ଭଙ୍ଗାରୁଜା

ରେମୁଣା, ୮।୭(ରବୀନ୍ଦ୍ର ମହାକୁଡ଼)

'ଆମ୍ବୁଲାନ୍ସ' ଏକ ଅତ୍ୟାବଶ୍ୟକ ସେବା। ହେଲେ ମହରମ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସକୁ ଅଟକାଇ କର୍ମଚାରୀଙ୍କୁ ଗାଳିଗୁଲଜ, ଆମ୍ବୁଲାନ୍ସ ଭଙ୍ଗାରୁଜା ଆଦି ଘଟଣା ଘଟିଛି। ଏପରି କି ଆମ୍ବୁଲାନ୍ସରେ ଡାକ୍ତରଖାନା ଯାଉଥିବା ଦୁଇ ଶିଶୁ ଓ ସେମାନଙ୍କ ମାତାପିତାଙ୍କ ଦେହରେ ଭଙ୍ଗାକାଚ ଲାଗିବାରୁ ସେମାନେ ରକ୍ତାକ୍ତ ମଧ୍ୟ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ରେମୁଣା ବଜାରରେ ରବିବାର ଏଭଳି ଘଟଣା ଘଟିଥିବାବେଳେ ଏନେଇ ଆମ୍ବୁଲାନ୍ସ କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୨୦/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଥିଲେ ସୁଦ୍ଧା କାହାରିକୁ ଗିରଫ କରିପାରି ନାହିଁ।

ଅଭିଯୋଗ ଅନୁଯାୟୀ, ରେମୁଣା ଥାନା ଅଧୀନ ରସଲପୁରର ରଶ୍ମିରଞ୍ଜନ ସାହୁ ଏବଂ ସ୍ତ୍ରୀ ଉର୍ମିଳା ସେମାନଙ୍କ ସାଢ଼େ ୩ବର୍ଷର ପୁଅ ସ୍ମୃତିରଞ୍ଜନ ଏବଂ ଅଢ଼େଇ ବର୍ଷର ଝିଅ ଲାବଣ୍ୟ ପ୍ରବଳ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ରାତି ପ୍ରାୟ ସାଢ଼େ ୧୦ଟାରେ (ଓଡିଂ୨ବିଜେ-୫୯୩୭) ନମ୍ବର ଥିବା ୧୦୮ ଆମ୍ବୁଲାନ୍ସରେ ଫକୀରମୋହନ ବଡ଼ ଡାକ୍ତରଖାନାକୁ ନେଉଥିଲେ। ଆମ୍ବୁଲାନ୍ସର ଚାଳକ ଗଜେନ୍ଦ୍ର ଦାସ, ହେଲପର ସୁରେଶ୍ୱର ମହାଳିକ ଏବଂ ଆଟେଣ୍ଡାଣ୍ଟ ସତ୍ୟବାନ ଦାଶ ଥିଲେ। ଆମ୍ବୁଲାନ୍ସ ରେମୁଣା ବଜାର ହାତିଆଗଣ୍ଡ ଛକ ପହଞ୍ଚିବା ପରେ ଶୋଭାଯାତ୍ରାରେ ଥିବା ୧୦/୧୫ ଜଣ ଲୋକ ଆମ୍ବୁଲାନ୍ସ ଆଗକୁ ମାଡ଼ି ଆସିଥିଲେ। ଡିଆଁ ମାରି ଆଗ କାଚକୁ ବିଧା ମାରିଥିଲେ। ଚାଳକ ଗଜେନ୍ଦ୍ରଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ଏପଟେ ବାରମ୍ବାର କାହିଁକି ସାଇରନ ବଜାଇ ଯିବା ଆସିବା କରୁଛ ବୋଲି ପଚାରିଥିଲେ। ହେଲପର ସୁରେଶ୍ୱରଙ୍କୁ ବାହାରକୁ ଘୋଷାରି ନେଇ ମାଡ଼ ମାରିବା ସହ ତାଙ୍କ ସାର୍ଟ ଚିରି ଦେଇଥିଲେ। ଏପରି କି ଆମ୍ବୁଲାନ୍ସର ପଛପଟ କାଚକୁ ଠେଙ୍ଗାରେ ପିଟି ଭାଙ୍ଗି ଦେଇଥିଲେ। ଫଳରେ କାଚ ଭାଙ୍ଗି ଭିତରେ ଥିବା ଦୁଇ ଶିଶୁ ଏବଂ ସେମାନଙ୍କ ପିତାମାତା ରକ୍ତାକ୍ତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ରୋଗୀ ନେଇ ପଳାଅ ବୋଲି କହିଥିଲେ। ଆମ୍ବୁଲାନ୍ସ ସେହି ରାସ୍ତା ପାରି ହେବାକୁ ପ୍ରାୟ ଅଧ ଘଣ୍ଟାରୁ ଅଧିକ ସମୟ ଲାଗି ଯାଇଥିଲା ବୋଲି ରଶ୍ମିରଞ୍ଜନ କହିଛନ୍ତି। ପୁଅକୁ ଜ୍ୱର ହୋଇଥିବାରୁ ସେମାନଙ୍କୁ କୋଳରେ ଧରି ରଖିଥିଲେ। କେତେଜଣ ଲୋକ ହାତରେ ଠେଙ୍ଗା ଧରି ଆମ୍ବୁଲାନ୍ସକୁ ପଛରୁ ଗୋଡ଼ାଇଥିଲେ। ଅପରପକ୍ଷରେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଏବଂ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ରେମୁଣାରେ ମହରମ ଶୋଭାଯାତ୍ରା ବାହାରିଥିଲା। ଏହା ପୂର୍ବରୁ ଶାନ୍ତି କମିଟି ବୈଠକ ହୋଇ ଶୋଭାଯାତ୍ରାର ନିୟମ ଏବଂ ସମୟସୀମା ନିର୍ଦ୍ଧାରିତ ହୋଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲିବ ବୋଲି ପୋଲିସ ସୂଚନା ଦେଇଥିଲା ମାତ୍ର ବିଳମ୍ବିତ ରାତି ପରେ ମଧ୍ୟ ଶୋଭାଯାତ୍ରା ଚାଲିଥିବା ଦେଖିବାକୁ ମିଳିଥିଲା।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୯/୨୦୨୫ Bhubaneswar, Wednesday, July 9/ 2025

## ଲର୍ଡ୍ସ ପିଚ୍ ଉପରେ ନଜର

**ଲର୍ଡ୍ସ, ୮।୭:** ଆସନ୍ତା ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି(ଏଟିକେ) ସିରିଜ୍‌ର ତୃତୀୟ ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍ 'ହୋମ୍ ଅଫ୍ ଦ କ୍ରିକେଟ୍' ଭାବେ ପରିଚିତ ଲର୍ଡ୍ସରେ ଖେଳାଯିବ। ସିରିଜ୍ ଏବେ ୧-୧ରେ ବରାବର ସ୍ଥିତିରେ ଥିବା ବେଳେ ଲର୍ଡ୍ସ ପିଚ୍‌ରେ ବଲ କେଉଁଭଳି ବ୍ୟବହାର କରିବ, ସେନେଇ ଚର୍ଚ୍ଚା ଜୋର୍ ଧରିଛି। ଏଜ୍‌ବାଷ୍ଟନରେ ବଡ଼ ପରାଜୟ ପରେ ଇଂଲଣ୍ଡ ତା'ର ଷ୍ଟ୍ରାଟେଜିର ମୂଲ୍ୟାଙ୍କନ କରୁଛି। ବର୍ମିଂହାମ୍‌ରେ ଇଂଲଣ୍ଡ ଦଳକୁ ସୁହାଇଲା ଭଳି ଫ୍ଲାଟ୍ ପିଚ୍ ପ୍ରସ୍ତୁତ କରାଯାଇଥିଲା। ହେଲେ ଭାରତୀୟ ଦଳ ପିଚ୍‌ର ଅଧିକ ଫାଇଦା ଉଠାଇଥିଲା। ଦୁଇଟି ଇନିଂସ୍‌ରେ ଭ୍ରମଣକାରୀ ଦଳ ୧୦୦୦ରୁ ଅଧିକ ରନ୍ କରିବା ସହ ଚତୁର୍ଥ ଇନିଂସ୍‌ରେ ୬୦୮ ରନ୍‌ର ଟାର୍ଗେଟ ଛିଡ଼ା କରିଥିଲା। ବାଜବଲ ଷ୍ଟ୍ରାଟେଜି ଫେଲ୍ ମାରିବାରୁ ଇଂଲଣ୍ଡ ୩୩୬ ରନ୍‌ର ବଡ଼ ବ୍ୟବଧାନରେ ପରାଜିତ ହୋଇଥିଲା।

ଦୀର୍ଘ ଦଶନ୍ଧି ହେଲା ସବ୍‌କଣ୍ଟିନେଣ୍ଟରେ ସ୍ପିନ୍ ଟ୍ରାକ୍ସ ବ୍ୟବହାର କରାଯିବାକୁ ନେଇ ବିରୋଧ କରୁଥିବା ଭ୍ରମଣକାରୀ ଇଂଲଣ୍ଡ ଦଳ ଅଭିଯୋଗ କରିଆସୁଛି। କିନ୍ତୁ ଏଜ୍‌ବାଷ୍ଟନରେ ପରାଜୟ ପରେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ବ୍ରେଣ୍ଡନ ମ୍ୟାକ୍‌କୁଲମ ପିଚ୍ ଭାରତୀୟ ଦଳକୁ ଅଧିକ ସୁହାଇଥିଲା ବୋଲି କହିଥିଲେ। ଏଣୁ ତୃତୀୟ ଟେଷ୍ଟ ପୂର୍ବରୁ ପିଚ୍‌କୁ ନେଇ ଚର୍ଚ୍ଚା ବୃଦ୍ଧି ପାଇଛି।

ଏକ ରିପୋର୍ଟ ମୁତାବକ, ଇସିବି ପକ୍ଷରୁ ଫାଷ୍ଟ ବୋଲରଙ୍କୁ ସୁହାଇଲା ଭଳି ପିଚ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହାର ଅର୍ଥ ବୋଲରଙ୍କୁ ଅଧିକ ବାଉନ୍ସ, ଅତିରିକ୍ତ ଗତି ଓ ସିମ୍ ମୁଭ୍‌ମେଣ୍ଟ ମିଳିବ। ଏହାକୁ ଦୃଷ୍ଟିରେ ରଖି ଇଂଲଣ୍ଡ ଜୋଫ୍ରା ଆର୍ଚ୍ଚର ଓ ଗସ୍ ଆଟକିନ୍‌ସନଙ୍କୁ ଦଳରେ ସାମିଲ କରିପାରେ। ଦୁଇ ପେସର ଇଞ୍ଜୁରିରୁ ଫେରୁଛନ୍ତି। ସିରିଜ୍‌ର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ଦଳ ବ୍ୟାଟିଂ ଲାଇନଅପ୍ ଭଲ ପ୍ରଦର୍ଶନ କରିଥିବାରୁ ଇଂଲଣ୍ଡ କଦାପି ଫ୍ଲାଟ୍ ପିଚ୍‌ରେ ଖେଳିବାକୁ ଚାହିଁବ ନାହିଁ। ପେସରଙ୍କୁ ସୁହାଉଥିବା ପିଚ୍‌ରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଖୁବ୍ ଭଲ ରହିଛି। ୨୦୧୮ରେ ଜୋହାନ୍ସବର୍ଗ, ୨୦୨୧ରେ ଲର୍ଡ୍ସ ଓ ଦି ଓଭାଲରେ ଗ୍ରୀନ୍ ଟ୍ରାକ୍‌ରେ ଭାରତ ପ୍ରତିପକ୍ଷ ଦଳକୁ ପରାଜିତ କରି ଦେଖାଇଛି। ଯଶପ୍ରୀତ ବୁମ୍‌ରା ଫେରୁଥିବାରୁ ଭାରତୀୟ ପେସ୍ ଆଟାକ୍‌କୁ ସମ୍ଭାଳିବା ଆହୁରି କଷ୍ଟକର ହୋଇପଡ଼ିବ।

# ସେମିରେ ଫ୍ରିଜ୍


ମ୍ୟାଚ ଜିତିବାପରେ ଉଲ୍ଲସିତ ଟେଲର ଫ୍ରିଜ୍।

**ଲଣ୍ଡନ,୮।୭(ପି.ଟି.)**

ପଞ୍ଚମ ସିଡ୍ ଟେଲର ଫ୍ରିଜ୍ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଚାମ୍ପିୟନଶିପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ୱାର୍ଲ୍ଡ ନଂ-୧ ତଥା ଫ୍ରେଞ୍ଚ ଓପନ ଚାମ୍ପିୟନ ପୁରୁଷ ଡବଲ୍ସ ଯୋଡ଼ି ମାର୍ସେଲୋ ଆରେଭାଲୋ ଓ ମାଟେ ପାଭିକ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପଞ୍ଚମ ସିଡ୍ ଟେଲର ଫ୍ରିଜ୍ ୬-୩, ୬-୪, ୧-୬, ୭-୬ (୭/୪) ସେଟ୍‌ରେ ୧୭ତମ ସିଡ୍ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୨୭ ବର୍ଷୀୟ ଆମେରିକୀୟ ଖେଳାଳି ପ୍ରଥମ ଥର ପାଇଁ ୱିମ୍ବେଲଡନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସ କ୍ୱାର୍ଟର ଫାଇନାଲରେ ଆରେଭାଲୋ ଓ ପାଭିକ ୬-୪, ୬-୭(୨/୭), ୭-୬ (୧୦-୫) ସେଟ୍‌ରେ ଦଶମ ସିଡ୍ ହୁଗୋ ନିସ ଓ ଏଡୱାର୍ଡ ରୋଜର-ଭାସେଲିନଙ୍କ ଯୋଡ଼ିକୁ ପରାସ୍ତ କରିଛନ୍ତି। ଆରେଭାଲୋ-ପାଭିକ ସେମିଫାଇନାଲରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାତା ଓ ନେଦରଲାଣ୍ଡର ଡାଭିଡ୍ ପେଲଙ୍କୁ ଭେଟିବେ। ହିଜିକାତା ଓ ପେଲ ସେମାନଙ୍କ କ୍ୱାର୍ଟର ଫାଇନାଲ ମୁକାବିଲାରେ ବ୍ରାଜିଲର ରାଫାଲ ମାଟୋସ ଓ ମାର୍ସେଲୋ ମେଲୋଙ୍କୁ ୭-୬(୭/୫), ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ।


**ୱିମ୍ବେଲଡନ ଚାମ୍ପିୟନଶିପ୍**

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

ରାଞ୍ଚିରେ ଚାଲିଥିବା ୧୫ଶ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ଡିଭିଜନ-ଏ ମ୍ୟାଚରେ ଓଡ଼ିଶା ୩-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ପୂରା ମ୍ୟାଚରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଧିନାୟିକା କିରୋ ସଞ୍ଜନା ୩ୟ ମିନିଟରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଓଡ଼ିଶାର ଅଗ୍ରଣୀ ବ୍ୟବଧାନ ୧-୦ରେ ରହିଥିଲା। ତୃତୀୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ତେବେ ୪ର୍ଥ କ୍ୱାର୍ଟରରେ ଅର୍ଥାତ୍ ୫୩ତମ ମିନିଟରେ ପ୍ରିୟଙ୍କା ମିଞ୍ଜ୍ ଓ ୫୮ତମ ମିନିଟରେ ସୁଇଟି କୁଜୁର ଗୋଟିଏ ଲେଖାଏ ଗୋଲ ଦେବାରୁ ଓଡ଼ିଶା ସହଜ ବିଜୟ ହାସଲ କରିଥିଲା। ଡିଭିଜନ-ଏ'ର ଅନ୍ୟ ୨ଟି ମ୍ୟାଚରେ ମଧ୍ୟପ୍ରଦେଶକୁ ୩-୨ରେ ଉତ୍ତର ପ୍ରଦେଶ ହରାଇଥିବାବେଳେ ଝାଡ଼ଖଣ୍ଡ ଓ ହରିୟାଣା ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଡିଭିଜନ-ବି'ର ୩ଟି ମ୍ୟାଚରେ ଦାଦ୍ରା ନଗର ହାଭେଳି ଆଣ୍ଡ ଡାମନ ଡିଉ ଦଳ ୪-୧ରେ କର୍ଣ୍ଣାଟକ, ଉତ୍ତରାଖଣ୍ଡ ୬-୦ରେ କେରଳ ଏବଂ ଛତିଶଗଡ଼ ୮-୨ରେ ଗୁଜରାଟକୁ ପରାସ୍ତ କରିଛି।

# ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ-୨୦୨୫ର ୫ମ ସଂସ୍କରଣ ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଭାରତୀୟ ଜୁନିୟର ଟିମର ପୂର୍ବତନ ଉପ-ଅଧିନାୟକ ଦୀପସନ ତିର୍କୀ, କ୍ରୀଡା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁଏବଂ ଓଡ଼ିଶା ନାଭାଲ ଟାଟା ହକିର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫରମାନ୍ସ ସେଣ୍ଟର (ଓଏନଟିଏଚଏଚପିସି) ପକ୍ଷରୁ ଏହି ଚାମ୍ପିଅନଶିପ ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତଚାଲିବ। ସାରା ଓଡ଼ିଶାରୁ ଚୟନ ହୋଇଥିବା ୧୬ଟି ଶ୍ରେଷ୍ଠ ଦଳ (୮ ବାଳିକା ଓ ୮ ବାଳକ ଦଳ) ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପୂର୍ବରୁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ସୁନ୍ଦରଗଡ଼ର ବଣାଇରେ ଅନୁଷ୍ଠିତ କ୍ୱାଲିଫାଇଂ ରାଉଣ୍ଡରେ ଏହି ଦଳଗୁଡ଼ିକ ବିଜୟୀ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରେ ୩୨ଟି ବାଳକ ଓ ୩୨ଟି ବାଳିକା ଦଳ ସମେତ ମୋଟ ୬୪ଟି ଦଳ ଭାଗ ନେଇଥିଲେ। ଯାହା ପ୍ରତିଯୋଗିତାକୁ ଦେଶର ସର୍ବବୃହତ ତୃଣମୂଳ ହକି ଟୁର୍ନାମେଣ୍ଟରେ ପରିଣତ କରିଥିଲା। ଖେଳକୁ ଉପଭୋଗ କରିବାକୁ କ୍ରୀଡ଼ାମନ୍ତ୍ରୀ ଆହ୍ୱାନ କରିବା ସହ ତୃଣମୂଳ ସ୍ତରର ପ୍ରତିଭାଙ୍କ ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ ବୋଲି ପ୍ରକାଶ କରିଛନ୍ତି।

**ଜୁଲାଇ ୧୨ରେ ଫାଇନାଲ**

# ଟୁର୍ ଡି ଫ୍ରାନ୍ସ: ମେର୍ଲିଅର ଜିତିଲେ ତୃତୀୟ ଷ୍ଟେଜ୍

**ପ୍ୟାରିସ୍, ୮।୭**

ବିଶ୍ୱର ଅନ୍ୟତମ ସର୍ବଶ୍ରେଷ୍ଠ ସାଇକେଲ ରେସ୍ ଟୁର୍ ଡି ଫ୍ରାନ୍ସ-୨୦୨୫ ଆରମ୍ଭ ହୋଇଛି। ପ୍ୟାରିସ୍‌ର ଚାମ୍ପ୍ସ-ଇଲିଜିସ୍‌ଠାରେ ଏହା ୨୭ ତାରିଖରେ ଶେଷହେବ। ୨୧ ଷ୍ଟେଜ୍‌ବିଶିଷ୍ଟ ପ୍ରତିଯୋଗିତାର ତୃତୀୟ ଷ୍ଟେଜ୍‌ରେ ବେଲଜିୟମ୍‌ର ଟିମ୍ ମେର୍ଲିଅର ବିଜୟ ହାସଲ କରିଛନ୍ତି। ଭାଲେନ୍‌ସିଏନ୍ସଠାରୁ ଡୁନକିର୍କ ପର୍ଯ୍ୟନ୍ତ ଏହି ଫ୍ଲାଟ୍ ଷ୍ଟେଜ୍ ୧୭୮.୩ କିଲୋମିଟର (୧୧୦.୩ ମାଇଲ) ବିଶିଷ୍ଟ ଥିଲା। ମେର୍ଲିଅର ହେଉଛନ୍ତି ସୌଡାଲ-କ୍ୱିକ୍‌ଷ୍ଟେପ୍ ଟିମ୍‌ର ସଦସ୍ୟ। ଗତ ୫ ତାରିଖରେ ଲିଲେଠାରୁ ଲିଲେ ପର୍ଯ୍ୟନ୍ତ ଅନୁଷ୍ଠିତ ୧୮୪.୯ (୧୧୪.୯ ମାଇଲ) କିଲୋମିଟର ବିଶିଷ୍ଟ ପ୍ରଥମ ଷ୍ଟେଜ୍‌ରେ ବେଲଜିୟମ୍‌ର ଜାସ୍ପର ଫିଲିପସେନ ଏବଂ ଲୌୱିନ-ପ୍ଲାନ୍‌କ୍ୱିଠାରୁ ବୌଲଙ୍ଗ-ସୁର୍-ମେର୍ ପର୍ଯ୍ୟନ୍ତ ୨୦୯.୧ (୧୨୯.୯ ମାଇଲ) କିଲୋମିଟର ବିଶିଷ୍ଟ ହିଲି ଷ୍ଟେଜ୍‌କୁ ନେଦରଲାଣ୍ଡ୍ସର ମାଥ୍ୟୁ ଭାନ୍ ଡର୍ ପୋଏଲ ଜିତିଥିଲେ। ପ୍ରତିଯୋଗିତାରେ ମୋଟ ୨୩ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ସାଇକ୍ଲିଂ ଫେଡେରେଶନ(ୟୁସିଆଇ)ର ସମସ୍ତ ୧୮ଟି ଯାକ ଦଳ ସ୍ୱାଭାବିକଭାବେ ଆମନ୍ତ୍ରିତ ହୋଇଥିବାବେଳେ ୫ ୟୁସିଆଇ ପ୍ରୋ ଟିମ୍ (୨୦୨୪ରେ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ୨ ଦଳ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ପୋର୍ଟିଂ ଇଭେଣ୍ଟ ଆୟୋଜନ କରୁଥିବା ଫ୍ରେଞ୍ଚ୍ କମ୍ପାନୀ ଆମାଉରି ସ୍ପୋର୍ଟ ଅର୍ଗାନାଇଜେଶନ ଦ୍ୱାରା ମନୋନୀତ ୩ ଦଳ) ଏଥିରେ ସାମିଲ ହୋଇଛନ୍ତି। ୩ ଷ୍ଟେଜ୍ ଶେଷରେ ଆଲପେସିନ ଡେକେଉନିକ ଟିମ୍ ରାଇଡର ନେଦରଲାଣ୍ଡ୍ସର ମାଥ୍ୟୁ ଭାନ୍ ଡର୍ ପୋଏଲ ଅଗ୍ରଣୀ ହାସଲ କରିଛନ୍ତି। ଏକ ଗ୍ରାଣ୍ଡ ଟୁର୍‌ରେ ୨୨ଟି ଦଳକୁ ଅନୁମତି ମିଳିଥାଏ। ଏହା ମଧ୍ୟରେ ୧୮ଟି ୟୁସିଆଇ ୱାର୍ଲ୍ଡ ଟିମ୍, ପୂର୍ବ ସଂସ୍କରଣର ୨ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ୟୁସିଆଇ ପ୍ରୋ ଟିମ୍ ଏବଂ ଆୟୋଜକଙ୍କ ପକ୍ଷରୁ ଆମନ୍ତ୍ରିତ ୨ ଦଳ ଅନ୍ତର୍ଭୁକ୍ତ। ୱାଇଲ୍ଡ କାର୍ଡ ମାଧ୍ୟମରେ ଆଉ ଏକ ଦଳକୁ ସାମିଲ ପାଇଁ ଅନୁରୋଧ କରାଯାଇଥିଲା।


ତୃତୀୟ ଷ୍ଟେଜ ଜିତିବାପରେ ଟିମ୍ ମେର୍ଲିଅର।

## ଜିମ୍ବାୱେ ପେସର ମାଟିଜିମ୍ଭୁଙ୍କୁ ଜରିମାନା

**ବୁଲୱାୟୋ, ୮।୭ (ପି.ଟି.):** ଜିମ୍ବାୱେ ପେସ୍ ବୋଲର କୁଣ୍ଡାଇ ମାଟିଜିମ୍ଭୁଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ପ୍ରତିଶତ ଜରିମାନା କରାଯାଇଥିବା ବେଳେ ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ବିପଜ୍ଜନକ ଖେଳ ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସର ୭୨ତମ ଓଭରରେ ଏହି ଘଟଣା ଘଟିଥିଲା। ମାଟିଜିମ୍ଭୁ ସେତେବେଳେ ଏକ ବଲ୍‌କୁ ଫିଲ୍ଡିଂ କରୁଥିବା ବେଳେ ବ୍ୟାଟର ଲୁହନ ଡି' ପ୍ରିଟୋରିସଙ୍କ ଲକ୍ଷ୍ୟ କରି ଫିଙ୍ଗିଥିଲେ, ଯାହାକି ତାଙ୍କ ହାତ କଟିକୁ ଆଘାତ ଦେଇଥିଲା।




## କନ୍ଦନ ମୁର୍ମୁ ବିଶ୍ୱ ଜୁଡୋ ରେଫରି

**ଭୁବନେଶ୍ୱର, ୮।୭(ତପନ ସ୍ୱାଇଁ):** ଓଡ଼ିଶାର କନ୍ଦନ ମୁର୍ମୁ ବିଶ୍ୱ ଜୁଡୋ ରେଫରି ହେବାର ସୌଭାଗ୍ୟ ପାଇଛନ୍ତି। ଅନ୍ତର୍ଜାତୀୟ ଜୁଡୋ ଫେଡେରେଶନ(ଆଇଜେଏଫ୍) ପକ୍ଷରୁ କାଜାଖସ୍ତାନର ଅଲ୍‌ମାଟିରେ ଆୟୋଜିତ ରେଫରି ପରୀକ୍ଷାରେ କନ୍ଦନ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୧ଟି ଦେଶର ୧୯ ରେଫରି ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଜୁଡୋ ମହଲରେ ମନୋଜ ନାମରେ ବିଶେଷ ପରିଚିତ କନ୍ଦନଙ୍କ ଘର ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ କଣ୍ଟାବାଞ୍ଜି ଗ୍ରାମରେ। ବିରଞ୍ଚି ଦାସ ଓ ଗୀତାଞ୍ଜଳି ପଣ୍ଡାଙ୍କଠାରୁ ୧୯୯୯ରେ ଜୁଡୋ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିବା କନ୍ଦନ ସଫଳତାର ଶିଡ଼ି ଚଢ଼ି କ୍ରମେ ବିଶ୍ୱ ରେଫରି ହେବାର ଯୋଗ୍ୟତା ପାଇଛନ୍ତି। ଏକ ଆଦିବାସୀ ଅଧ୍ୟୁଷିତ ଅନୁନ୍ନତ ଅଞ୍ଚଳରୁ ଆସିଥିଲେ ମଧ୍ୟ ସେ କଠିନ ପରିଶ୍ରମ ଦ୍ୱାରା ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ନିଜକୁ ପ୍ରମାଣିତ କରିଛନ୍ତି। ସମ୍ପ୍ରତି ସେ କିସ୍ ବିଶ୍ୱବିଦ୍ୟାଳୟରେ ସିନିୟର ଜୁଡୋ କୋଚ୍ ଭାବେ କାର୍ଯ୍ୟରତ। ନିଜର ଏହି ସଫଳତା ପାଇଁ କନ୍ଦନ ପରିବାରବର୍ଗଙ୍କ ସମେତ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।




## ଦୀପ୍ତି ଶର୍ମା ଦି ହଣ୍ଡ୍ରେଡ୍‌ରୁ ଓହରିଲେ

**ଲଣ୍ଡନ, ୮।୭(ପି.ଟି.):** ଭାରତୀୟ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ମଙ୍ଗଳବାର ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଆଗକୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ବର୍ତ୍ତମାନ ଇଂଲଣ୍ଡରେ ଥିବା ଦୀପ୍ତି ଏଥର ଟୁର୍ନାମେଣ୍ଟରେ ଭାଗ ନେବେନାହିଁ। ତାଙ୍କ ବଦଳରେ ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ଚାର୍ଲି କ୍ନଟଙ୍କୁ ସ୍ପିରିଟ୍ସ ଦଳରେ ସାମିଲ କରାଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ